ବର୍ଷ-୨୪, ସଂଖ୍ୟା-୧୯୯
ଭୁବନେଶ୍ୱର
୧୯ ଅଗଷ୍ଟ, ୨୦୨୪ ସୋମବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-24, Issue No. 199
Bhubaneswar
19 August, 2024, Monday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com
Mahabharat



# କୋଲକାତା ହରର : ନିଜ ଆଡ୍ରୁ ଶୁଣାଣି କରିବେ ସୁପ୍ରିମକୋର୍ଟ





**ନୂଆଦିଲ୍ଲୀ,୧୮।୮(ଏଜେନ୍ସି):** ଦେଶକୁ ଦୋହଲାଇ ଦେଇଥିବା କୋଲକାତା ଘଟଣାରେ ନିଜ ଆଡୁ ହସ୍ତକ୍ଷେପ କରିଛନ୍ତି ସୁପ୍ରିମକୋର୍ଟ। କୋଲକାତାର ଗୋଟିଏ ସରକାରୀ ହସ୍ପିଟାଲରେ ଜଣେ ମହିଳା ଡାକ୍ତରଙ୍କୁ ଦୁଷ୍କର୍ମ ପରେ ହତ୍ୟା ଘଟଣାର ଶୁଣାଣି ସୁପ୍ରିମକୋର୍ଟ କରିବେ ୩ ଜଣିଆ ଖଣ୍ଡପୀଠ ଆସନ୍ତା ମଙ୍ଗଳବାର ଏହାର ଶୁଣାଣି କରିବେ ବୋଲି ଜଣାପଡ଼ିଛି। ପ୍ରଧାନ ବିଚାରପତି ଜଷ୍ଟିସ୍ ଡିଇ ଚନ୍ଦ୍ରଚୂଡ଼ଙ୍କ ଅଧ୍ୟକ୍ଷତାରେ ଶୁଣାଣି ହେବ।

କୋଲକାତା ଘଟଣାକୁ ନେଇ ଏବେ ସମଗ୍ର ଦେଶରେ ହଇଚଇ ସୃଷ୍ଟି ହୋଇଛି କୋଲକାତା ପୁଲିସ୍ ପକ୍ଷରୁ ମୁଖ୍ୟ ଅଭିଯୁକ୍ତ ସଞ୍ଜୟ ରୟକୁ ଗିରଫ କରାଯାଇଥିବା ବେଳେ ସିବିଆଇ ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଘଟଣାର ଅଧିକ ତଦନ୍ତ କରୁଛି। ଏସବୁ ଭିତରେ ପୂରା ଦେଶରେ ଘଟଣାକୁ ନେଇ ପ୍ରତିକ୍ରିୟା ପ୍ରକାଶ ପାଇଛି ଓ ଡାକ୍ତରମାନେ ଡ୍ୟୁଟି ବେଳେ ସୁରକ୍ଷା ଦାବି କରି ଆନ୍ଦୋଳନ କରୁଛନ୍ତି। ତେଣୁ ସୁପ୍ରିମକୋର୍ଟ ଏହି ଭୟଙ୍କର ଘଟଣାରେ ହସ୍ତକ୍ଷେପ କରିଛନ୍ତି। ଜଷ୍ଟିସ ଚନ୍ଦ୍ରଚୂଡ଼, ଜଷ୍ଟିସ ଜେବି ପାରଡିାଲା ଓ ଜଷ୍ଟିସ ମନୋଜ ମିଶ୍ରାଙ୍କ ଖଣ୍ଡପୀଠ ଏହାର ଶୁଣାଣି ଆସନ୍ତା ୨୦ ତାରିଖରେ କରିବେ।

ସୂଚନାଯୋଗ୍ୟ ପ୍ରଧାନ ବିଚାରପତି ଡି.ୱାଇ ଚନ୍ଦ୍ରଚୂଡ଼ଙ୍କୁ ଏହି ପ୍ରସଙ୍ଗରେ ଏକ ଚିଠି ଲେଖା ଯାଇଥିଲା। ଯେଉଁଥିରେ ପ୍ରଧାନ ବିଚାରପତି ସମଗ୍ର ବିଷୟର ନିଜ ଆଡୁ ହସ୍ତକ୍ଷେପ କରିବାକୁ ଦାବି କରାଯାଇଥିଲା। ଚିଠିରେ କୁହାଯାଇଛି ଯେ ଏହି ବିଷୟ କେବଳ ନିରୀହ ଜୀବନକୁ ସମାପ୍ତ କରିବା ନୁହେଁ ଏହା ଆମ ଦେଶର ଆତ୍ମା ଉପରେ ଆକ୍ରମଣ, ନ୍ୟାୟ ଏବଂ ମାନବିକତାର ଆଦର୍ଶ ପ୍ରତି ଏକ ଅପମାନ। ଯାହା ଆମର ମହାନ ସମ୍ବିଧାନ ବଜାୟ ରଖିବାକୁ ବଳ ଯୋଗାଇଥାଏ।

ଏଭଳି ନିଷ୍ଠୁର ଭାବେ ଯୁବ ଜୀବନ ସମାପ୍ତ ହେବା ଆମ ଦେଶର ସାମୂହିକ ବିବେକକୁ ଚକିତ କରି ଦେଇଛି। ଜଣେ ପ୍ରତିଜ୍ଞାକାରୀ ଡାକ୍ତର, ଯିଏ ନିଜକୁ ଚିକିତ୍ସା ତଥା ଜୀବନ ରକ୍ଷା କରିବାର ପବିତ୍ର କର୍ତ୍ତବ୍ୟରେ ଉତ୍ସର୍ଗ କରିଥିଲେ ଯେଉଁଠାରେ ସେ ମାନବିକତାର ସେବା କରିଥିଲେ। ସେହି ସ୍ଥାନରେ ତାଙ୍କୁ ଅତି ନିର୍ମମ ଭାବରେ ନିର୍ଯାତନା ଦିଆଯାଇଛି।

ତେବେ ଏହି ଘଟଣାର ତଦନ୍ତ ସିବିଆଇ ଟିମ୍ ଜାରି ରଖିଛି ଆରଜି କର ମେଡିକାଲ କଲେଜ ଏବଂ ହସ୍ପିଟାଲର ଜରୁରୀକାଳୀନ ୱାର୍ଡରେ ଏବଂ ବାହାରେ ଥ୍ରୀ-ଡି ଲେଜର ମ୍ୟାପିଂ ଯାଞ୍ଚ ଏବଂ କୋଡିଂ କରୁଛି ଉଚ୍ଚ ସଠିକତା ଥ୍ରୀ-ଡି ଲେଜର ସ୍କାନର୍ ସାହାଯ୍ୟରେ ଡାକ୍ତରଖାନାରେ ଡିଜିଟାଲ୍ ମ୍ୟାପିଂ କରାଯାଉଛି।

ଅଗଷ୍ଟ ୯ ତାରିଖରେ କୋଲକାତାର ଆରଜି କର ମେଡିକାଲ କଲେଜ ଓ ହସ୍ପିଟାଲର ସେମିନାର ରୁମରୁ ୩୧ ବର୍ଷୀୟ ମହିଳା ଡାକ୍ତରଙ୍କ କ୍ଷତାକ୍ତ ମୃତଦେହ ମିଳିଥିଲା। ଘଟଣା ବିରୋଧରେ ପୂରା ଦେଶରେ ବିକ୍ଷୋଭ ଦେଖିବାକୁ ମିଳିଥିଲା ଘଟଣାର ୧୨ ଘଣ୍ଟା ମଧ୍ୟରେ ପୁଲିସ୍ ସିଭିକ ସ୍ୱେଚ୍ଛାସେବୀ ସଞ୍ଜୟ ରୟକୁ ଗିରଫ କରିଥିଲା।

## ଏମପକ୍ସ ସ୍ଥିତି ଉପରେ ଉଚ୍ଚସ୍ତରୀୟ ବୈଠକ

ନୂଆଦିଲ୍ଲୀ,୧୮।୮: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କ୍ରମାଗତ ଭାବେ ଏମ୍ପକ୍ସ ସ୍ଥିତି ଉପରେ ନଜର ରଖିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ପରାମର୍ଶ କ୍ରମେ ତାଙ୍କର ପ୍ରମୁଖ ସଚିବ ଡକ୍ଟର ପିକେ ମିଶ୍ର ଦେଶରେ ଏମ-ପକ୍ସ ମୁକାବିଲା ପାଇଁ ପ୍ରସ୍ତୁତିର ସ୍ଥିତି ଏବଂ ଆନୁସଙ୍ଗିକ ଜନସ୍ୱାସ୍ଥ୍ୟ ପଦକ୍ଷେପର ସମୀକ୍ଷା କରିବା ପାଇଁ ଏକ ଉଚ୍ଚସ୍ତରୀୟ ବୈଠକରେ ଅଧ୍ୟକ୍ଷତା କରିଥିଲେ।

ସୂଚନାଯୋଗ୍ୟ, ଆଫ୍ରିକାର ବିଭିନ୍ନ ସ୍ଥାନରେ ଏହି ରୋଗର ବ୍ୟାପକତାକୁ ଦୃଷ୍ଟିରେ ରଖି ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚ୍ଓ) ୧୪ ଅଗଷ୍ଟ ୨୦୨୪ରେ ପୁଣି ଥରେ ଏମ-ପକ୍ସକୁ ଅନ୍ତର୍ଜାତୀୟ ସ୍ତରରେ ଚିନ୍ତା ଉଦ୍ରେକକାରୀ ଜରୁରି ପରିସ୍ଥିତି ବା ପବ୍ଲିକ୍ ହେଲ୍ଥ ଇମର୍ଜେନ୍ସି ଅଫ୍ ଇଣ୍ଟରନ୍ୟାସନାଲ କନସର୍ନ (ପିଏଚ୍ଇଆଇସି) ରୂପେ ଘୋଷଣା କରିଛି। ଡବ୍ଲ୍ୟୁଏଚଓର ପୂର୍ବ ବୟାନ ଅନୁଯାୟୀ, ୨୦୨୨ ପର ଠାରୁ ସମଗ୍ର ବିଶ୍ୱରେ ୧୧୬ଟି ଦେଶରେ ୯୯,୧୭୬ଟି ମାମଲା ଚିହ୍ନଟ ହୋଇଥିବା ବେଳେ ୨୦୮ ଜଣଙ୍କ ମୃତ୍ୟୁ ଘଟିଛି।

## ଭୁବନେଶ୍ୱରରେ ଡେଙ୍ଗୁ ଅସମ୍ଭାଳ

**ଭୁବନେଶ୍ୱର,୧୮।୮:** ରାଜ୍ୟରେ ବଢୁଛି ଡେଙ୍ଗୁ ରୋଗୀଙ୍କ ସଂଖ୍ୟା ଆଉ ରାଜଧାନୀ ଭୁବନେଶ୍ୱରରେ ସ୍ଥିତି ଉଦବେଗଜନକ। ବିଶେଷ କରି ଭୁବନେଶ୍ୱର ନୀଳାଦ୍ରି ବିହାର ପାଲଟିଛି ଡେଙ୍ଗୁ ଜୋନ୍। କେନ୍ଦ୍ର ମନ୍ତ୍ରୀ ଜୁଏଲ ଓରାମଙ୍କ ପତ୍ନୀ ଝିଙ୍ଗିଆ ଓରାମଙ୍କର ଡେଙ୍ଗୁରେ ନିଧନ ପରେ ଚିନ୍ତା ବଢିଛି। ନୀଳାଦ୍ରି ବିହାରରେ କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମଙ୍କର ଘର ଥିବା ବେଳେ ସେଠାରେ ହିଁ ତାଙ୍କ ପତ୍ନୀଙ୍କୁ ଡେଙ୍ଗୁ ହୋଇଥିବା ଜୁଏଲ ଆଜି ଗଣମାଧ୍ୟମକୁ କହିଛନ୍ତି।

### କେନ୍ଦ୍ର ମନ୍ତ୍ରୀଙ୍କ ପତ୍ନୀଙ୍କ ଦେହାନ୍ତ



ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ନୀଳକଣ୍ଠ ମିଶ୍ର କହିଛନ୍ତି, ସମଗ୍ର ରାଜ୍ୟରେ ଡେଙ୍ଗୁ ରୋଗୀଙ୍କ ସଂଖ୍ୟା ୨ ହଜାର ପାଖାପାଖି ଅଛି।ଖୋର୍ଦ୍ଧାରୁ ସର୍ବାଧିକ ୫୦୦ ପାଖାପାଖି ରୋଗୀ ଅଛନ୍ତି। ଏହାପଛକୁ ରହିଛନ୍ତି ସୁନ୍ଦରଗଡ଼ ଓ ରାଉରକେଲା ସହର, ବଲାଙ୍ଗୀର ଓ କଟକ।

ରାଜଧାନୀରେ ଡେଙ୍ଗୁ ଭୟ ବଢୁଥିବା ବେଳେ ଖୋର୍ଦ୍ଧା ରାଜ୍ୟର ଏକ ନମ୍ବର ଡେଙ୍ଗୁପ୍ରବଣ ଜିଲ୍ଲା ପାଲଟିଛି। ବସ୍ତିରୁ ଆପାର୍ଟମେଣ୍ଟ ସବୁଠି ମଶା ଭଣଭଣ ହେଉଛନ୍ତି। ଘରେ ଘରେ ଜ୍ୱର ବ୍ୟାପୁଛି। ହେଲେ ନିୟନ୍ତ୍ରଣରେ ଫେଲ ମାରିଛି ବିଏମସି। ମୁଖ୍ୟତଃ ରାଜଧାନୀର ସାଲିଆ ସାହି, ଆଇଆରସି ଭିଲେଜ, ଜାଗମରା, ଜୟଦେବ ବିହାର, ଖଣ୍ଡଗିରି, ନୟାପଲ୍ଲୀ, ପଥରଗାଡିଆ, ନିଳାଦ୍ରୀ ବିହାର, ପଟିଆ, ରସୁଲଗଡ, ରେଷ୍ଟାଲ କଲୋନୀ, ଶିଖରଚଣ୍ଡୀ ଏବେ ପାଲଟିଛି ଏଡିସ ମଶାଙ୍କ ଆଡ୍ଡାସ୍ଥଳୀ। ଖୋର୍ଦ୍ଧାରେ ୫୩୭ ଡେଙ୍ଗୁ ରୋଗୀ ଚିହ୍ନଟ ହୋଇଥିବାବେଳେ ଭୁବନେଶ୍ୱରରେ ୪୦୬ ଜଣ ରୋଗୀ ଚିହ୍ନଟ ହୋଇଛନ୍ତି। ଜୁଲାଇରେ ୩୧୪ ଓ ଅଗଷ୍ଟରେ ବର୍ତ୍ତମାନ ସୁଦ୍ଧା ୧୫୦ ଡେଙ୍ଗୁ ରୋଗୀ ଚିହ୍ନଟ ହୋଇଛନ୍ତି। କ୍ୟାପିଟାଲ ହସ୍ପିଟାଲରେ ଦୈନିକ ୨୦୦ ରୋଗୀଙ୍କ ପରୀକ୍ଷା ହେଉଛି। ରାଜ୍ୟରେ ମୋଟ ୨୦୭୨ ଡେଙ୍ଗୁ ରୋଗୀ ବାହାରିଲେଣି।

# ବଜ୍ରପାତରେ ୬ ଜଣଙ୍କ ମୃତ୍ୟୁ

## ମୁଖ୍ୟମନ୍ତ୍ରୀଙ୍କ ଶୋକ ପ୍ରକାଶ, ଅନୁକମ୍ପା ସହାୟତା ରାଶି ଘୋଷଣା

ଭୁବନେଶ୍ୱର,୧୮।୮(ମହାଭାରତ): ରାଜ୍ୟର ବିଭିନ୍ନ ସ୍ଥାନରେ ଶନିବାର ଭଳି ରବିବାର ଅପରାହ୍ନରେର ବଜ୍ରପାତ ଜନିତ ମୃତ୍ୟୁ ଘଟିଛି। ବଜ୍ରପାତ ଯୋଗୁଁ କେନ୍ଦ୍ରାପଡ଼ାରେ ୨ ଜଣ ଲୋକଙ୍କର ମୃତ୍ୟୁ ହୋଇଛି। ସେହିପରି ବାଲେଶ୍ୱର, ଭଦ୍ରକ, ଯାଜପୁର ଓ ସୁବର୍ଣ୍ଣପୁର ଜିଲ୍ଲାରେ ଜଣେ ଲେଖାଏଁ ଲୋକ ପ୍ରାଣ ହରାଇଛନ୍ତି।

ବଜ୍ରପାତ ନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଶୋକପ୍ରକାଶ କରିଛନ୍ତି।ଆହତଙ୍କ ପାଇଁ ସମବେଦନା ଜଣାଇବା ସହ ମୃତକଙ୍କ ପରିବାର ପାଇଁ ସହାୟତା ଘୋଷଣା କରିଛନ୍ତି।ମୃତକଙ୍କ ପରିବାରକୁ ୪ ଲକ୍ଷ ଟଙ୍କା ଲେଖାଏଁ ଅନୁକମ୍ପାମୂଳକ ରାଶି ମିଳିବ ଆହତମାନଙ୍କ ଚିକିତ୍ସା ରାଜ୍ୟ ସରକାର କରିବେ ବୋଲି କହିଛନ୍ତି।



ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ବିଲିକଣା ପଞ୍ଚାୟତ ଡଗରା ଗ୍ରାମର ରାଜ କିଶୋର ପ୍ରଧାନ (୬୫)ଆଜି ସକାଳ ୧୦.୩୦ମିନିଟ ସମୟରେ ଚାଷ ଜମିରେ ଚାଷ କରୁଥିବା ସମୟରେ ପ୍ରବଳ ବର୍ଷା ସାଙ୍ଗକୁ ଆକସ୍ମିକ ବଜ୍ରପାତ ଫଳରେ ଘଟଣା ସ୍ଥଳରେ ତାଙ୍କର ମୃତ୍ୟୁ ଘଟିଛି। ତାଙ୍କ ଅକାଳ ମୃତ୍ୟୁରେ ସ୍ଥାନୀୟ ଅଂଚଳ ରେ ଶୋକର ଛାୟା ଖେଳିଯାଇଛି। ବ୍ଲକ ଉପାଧକ୍ଷା ଜୟନ୍ତୀ ସ୍ୱାଇଁ, ବିଲିକଣା ସରପଞ୍ଚ ଲକ୍ଷ୍ମୀପ୍ରିୟା ଷଡଙ୍ଗୀ,ପ୍ରଦୀପ ପଣ୍ଡା,ସଂସାରଫଳ ସରପଞ୍ଚ ମିନତୀ ପାତ୍ର, ଯୁବସମାଜସେବୀ ଅନୁପ ରାଉତ,ନଳିନୀକାନ୍ତ ସ୍ୱାଇଁ, ପ୍ରହଲ୍ଲାଦ ପ୍ରଧାନ ଓ ଗଣେଶ୍ୱର ସାହୁ ପ୍ରମୁଖ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କର ଶେଷ ଦର୍ଶନ କରିଥିଲେ। ସେହିପରି ପଟ୍ଟାମୁଣ୍ଡାଇ ବ୍ଲକ ଦୋଷିଅ। ପଂଚାୟତ ବାସୁଦେବପୁର ଗ୍ରାମର ଗରିବ ଚାଷୀ ବିଜୟ ମଲିକ (୫୫) ଆଜି ଦିବା ୧୦. ୩୦ମିନିଟ ସମୟରେ ନିଜ ଚାଷ ଜମିରେ ଚାଷ କରୁଥିବାବେଳେ ପ୍ରବଳ ବର୍ଷା ସାଙ୍ଗକୁ ଆକସ୍ମିକ ବଜ୍ରପାତ ଫଳରେ ସେ ଘଟଣା ସ୍ଥଳରେ ସଂଜ୍ଞାହୀନ ହୋଇ ପଡ଼ିଥିଲେ। ଖବର ପାଇଁ ପରିବାର ଲୋକ ଓ ଗ୍ରାମବାସୀ ତାଙ୍କୁ ସେଠାରୁ ଉଦ୍ଧାର କରି ତତ୍କାଳ ଚିକିତ୍ସା ପାଇଁ ପଟ୍ଟାମୁଣ୍ଡାଇ ସବଡିଭିଜନ ହସ୍ପିଟାଲ ନେଇଥିଲେ। ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଆକସ୍ମିକ ବଜ୍ରପାତରେ ପଟ୍ଟାମୁଣ୍ଡାଇ ଅଂଚଳର ଦୁଇ ଚାଷୀଙ୍କ ମୃତ୍ୟୁ ଘଟି ଥିବାରୁ ସ୍ଥାନୀୟ ଅଂଚଳରେ ଶୋକର ଛାୟା ଖେଳିଯାଇଛି। ଭୁବନେଶ୍ୱରରେ ଥିବା ରାଜନଗର ବିଧାୟକ ଧ୍ରୁବ ସାହୁ ବଜ୍ରପାତରେ ମୃତ୍ୟୁବରଣ କରିଥିବା ଦୁଇ ଚାଷୀ ରାଜକିଶୋର ପ୍ରଧାନ ଓ ବିଜୟ ମଲିକଙ୍କ ଅକାଳ ବିୟୋଗରେ ଗଭୀର ଶୋକ ପ୍ରକାଶ କରିଛନ୍ତି।

ଆଜି ସୋର ବ୍ଲକ ନଟାପଡା ପଞ୍ଚାୟତ ଦା ଗାଁରେ ବଜ୍ରପାତ ହୋଇଛି। ବିଲରେ କାମ କରୁଥିବା ବେଳେ ବଜ୍ରାଘାତରେ ଗୋଟିଏ ପରିବାରର ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ, ୪ ଜଣ ଗୁରୁତର ଅଛନ୍ତି। ମୃତ ଯୁବକ ହେଉଛନ୍ତି ୧୮ ବର୍ଷୀୟ ହରିଶ ମଲିକ। ସକାଳେ ସାଙ୍ଗହୋଇ ବିଲକୁ କାମ କରିବାକୁ ଯାଇଥିଲେ। ବର୍ଷା ଘଡଘଡି ହେବାରୁ ସମସ୍ତେ ଗୋଟିଏ ଜାଗାରେ ବସିଥିବା ବେଳେ ହଠାତ ବଜ୍ରପାତ ହୋଇଥିଲା। ଏଥିରେ ସମସ୍ତେ ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ସମସ୍ତଙ୍କୁ ଉଦ୍ଧାର କରି ସୋର ଡ଼ାକ୍ତରଖାନାକୁ ଆଣିଥିବା ବେଳେ, ସେଠାରେ ଡାକ୍ତର ହରିଶଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ପୋଲିସ ଡାକ୍ତର ଖାନାରେ ପହଂଚି ମୃତଦେହ ବ୍ୟବଛେଦ ପାଇଁ ପଠାଇବା ସହ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

## ଟ୍ରେନରେ ଆସିବ ଆଳୁ

ଭୁବନେଶ୍ୱର,୧୮।୮: ଓଡ଼ିଶାରେ ଆଳୁ ସଂକଟ ଦୂର ପାଇଁ ସରକାରଙ୍କ ବଡ଼ ପଦକ୍ଷେପ ନେଇଥିବା ସୂଚନା ଦେଇଛନ୍ତି ଉତ୍ତରପ୍ରଦେଶରୁ ଟ୍ରେନ୍‌ରେ ଆଳୁ ଆସିବ ବୋଲି ଖାଦ୍ୟ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ତି ୨ଟି ଟ୍ରେନ୍‌ରେ ଆଳୁ ଆଣିବାକୁ ସରକାର ଯୋଜନା କରୁଛନ୍ତି ଏ ନେଇ ରେଲେ ମନ୍ତ୍ରୀଙ୍କ ସହ ଯୋଗାଯୋଗ ଚାଲିଛି ବୋଲି ପାତ୍ର କହିଛନ୍ତି।ସୂଚନା ଯୋଗ୍ୟ, ପୂର୍ବରୁ ରାଜ୍ୟରେ ଆଳୁ ଦର ହୁ ହୁ ହୋଇ ବଢୁଥିଲା କଟକ, ଭୁବନେଶ୍ୱର, ବ୍ରହ୍ମପୁର, ବାଲେଶ୍ୱର, ସମ୍ବଲପୁର ସବୁଠି ଆଳୁ ଦର୫୦ ଟଙ୍କା ଟପିଯାଇଥିଲା କିଛି କିଛି ସ୍ଥାନରେ ମାର୍କେଟରେ ଆଳୁ ମିଳୁନଥିଲା ବାହାର ରାଜ୍ୟରୁ ଆଳୁ ଆମଦାନୀ ହେଉପାରୁ ନ ଥିବାରୁ ଓଡ଼ିଶା ବଜାରରେ ଆଳୁ ସଙ୍କଟ ସୃଷ୍ଟି ହୋଇଥିବା କୁହାଯାଉଛି। ଏଭଳି ସ୍ଥିତିରେ ପଶ୍ଚିମବଙ୍ଗ ସରକାର ଓଡ଼ିଶାକୁ ଆସୁଥିବା ଶହ ଶହ ଆଳୁ ଟ୍ରକକୁ ଅଟକାଇ ଦେଇଛନ୍ତି।ଏମିତି ହେଲାଣି ଯେ ଖୋଲା ବଜାରରୁ ଆଳୁ ମଧ ଗାଏବ ହୋଇଗଲାଣି।ପଶ୍ଚିମବଙ୍ଗରୁ ଆମଦାନୀ ହେଉଥିବା ଆଳୁ ଟ୍ରକଗୁଡ଼ିକ ସବୁ ଅଧା ବାଟରେ ଅଟକି ରହିଥିଲା। ପଶ୍ଚିମବଙ୍ଗ ସୀମାନ୍ତ ଲକ୍ଷ୍ମଣନାଥ ପାଖରେ ପଶ୍ଚିମବଙ୍ଗରୁ ଆସିଥିବା ଶହେରୁ ଅଧିକ ଆଳୁ ଟ୍ରକ ଅଟକି ରହିଥିଲା। ପଶ୍ଚିମବଙ୍ଗ ସରକାରଙ୍କ ନିର୍ଦ୍ଦେଶରେ ଏସବୁ ଆଳୁ ଟ୍ରକ୍‌କୁ ପୋଲିସ ଅଟକାଇଥିଲା।

# ଭୁବନେଶ୍ୱର ପରେ କଟକରୁ ସିମ୍ ଜବତ



**ଭୁବନେଶ୍ୱର/କଟକ,୧୮।୮(ମହାଭାରତ):** ଭୁବନେଶ୍ୱର ପରେ କଟକରେ ସିମ୍ ବକ୍ସ ଠାବ ହୋଇଛି। ମଧୁପାଟଣା ଥାନାଠାରୁ ଅଳ୍ପ ଦୂର ରାଜେନ୍ଦ୍ର ନଗର ଅଞ୍ଚଳର ଏକ ଭଡ଼ା ଘରୁ ଠାବ ହୋଇଛି ସିମ୍ ବକ୍ସ। ସେଥିରେ ମଲ୍‌ଟିପୁଲ୍ ସିମ୍ ବ୍ୟବହାର ହୋଇଛି। ସିମ୍ ବକ୍ସଟି ଆକ୍ଟିଭ ଅଛି ଓ ଇଣ୍ଟରନେଟ୍ କନେକ୍‌ସନ୍ ରହିଛି। କମିଶନରେଟ୍ ପୁଲିସ୍‌ର ସ୍ୱତନ୍ତ୍ର ଟିମ୍ ଓ ସାଇଣ୍ଟିଫିକ୍ ଟିମ୍ ସିମ୍ ବକ୍ସ ଜବତ କରି ଘଟଣାର ତଦନ୍ତ ଚଳାଇଛି। ଏହି ଘଟଣାରେ ଆତଙ୍କୀ ଲିଙ୍କ୍ ନେଇ ପୋଲିସକୁ ଚାଞ୍ଚଲ୍ୟକର ତଥ୍ୟ ମିଳୁଛି। ତଦନ୍ତ ବେଳେ ଚୀନ୍, ପାକିସ୍ଥାନ,ବାଂଲାଦେଶ ଓ ମିଡ଼ିଲ ଇଷ୍ଟ ଲିଙ୍କ୍ ସାମ୍ନାକୁ ଆସିଛି, ଯାହାକି ପୋଲିସର ମୁଣ୍ଡ ବିନ୍ଧା ବଢାଇ ଦେଇଛି। ଖୁବ୍ ଶୀଘ୍ର ଏନଆଇଏ ଓ ଇଣ୍ଟରପୋଲ୍ ସହାୟତା ନେବ କମିଶନରେଟ ପୋଲିସ।

କଟକରୁ ସିମ୍ ବକ୍ସ ଜବତ ପରେ କମିଶନରେଟ୍ ପୁଲିସ ହାତରେ ସାଂଘାତିକ ତଥ୍ୟ ଲାଗିଛି। ୨୦୨୩ ଡିସେମ୍ବରରୁ ରାଜୁ ମଣ୍ଡଳ ମଧୁପାଟଣା ଭଡ଼ା ଘରେ ରହୁଥିଲା। ଲୁଗା ବ୍ୟବସାୟ କରିବାକୁ କହି ଭଡ଼ା ନେଇଥିଲା ଘର। ଫୋନ ପେ ମାଧ୍ୟମରେ ମାସିକ ୮ ହଜାର ଟଙ୍କା ଭଡ଼ା ଦେଉଥିଲା। ଡିସେମ୍ବରରେ ବାଂଲାଦେଶର ଆଶାଦ୍ଦୁର ଜମାନ କଟକ ଆସିଥିଲା। ରାଜୁ ନେଇଥିବା ଭଡ଼ା ଘରେ ସିମ୍ ବକ୍ସ ଲଗାଇଥିଲା। କମିଶନରେଟ୍ ପୁଲିସ୍‌ର ତଥ୍ୟ ଅନୁସାରେ ଆଶାଦ୍ଦୁର ଅଗରତାଲା ଦେଇ ଗତ ଅକ୍ଟୋବରରେ ଭାରତ ଅସିଥିଲା। ଜମାନର ଭିସା ୨୦୨୪ ଅକ୍ଟୋବର ୨୪ ପର୍ଯ୍ୟନ୍ତ ବୈଧ ରହିଥିଲା। କଟକ ରାଜେନ୍ଦ୍ରନଗର ଭଡ଼ାଘରୁ ୫ଟି ସିମ୍ ବକ୍ସ ଜବତ ହୋଇଛି। ୨୩୬ଟି ଆକ୍ଟିଭ୍ ସିମ୍ ସମେତ ୫୪୬ଟି ସିମ୍ ଜବତ ହୋଇଥିବା ପୁଲିସ୍ କହିଛି।

କିଛି ଦିନ ତଳେ ଭୁବନେଶ୍ୱରରୁ ଏକ ସିମ୍ ବକ୍ସ ଜବତ କରିଥିଲା। କମିଶନରେଟ୍ ପୁଲିସ୍ ଏହି ଅଭିଯୋଗରେ ପୁଲିସ୍ ପଶ୍ଚିମବଙ୍ଗର ମୂଳ ବାସିନ୍ଦା ରାଜୁ ମଣ୍ଡଳକୁ ଗିରଫ କରିଥିଲା। କମିଶନରେଟ୍ ତାକୁ ୫ ଦିନିଆ ରିମାଣ୍ଡରେ ଆଣିଥିଲା। ଆଜି ଦିନ ତମାମ ପୁଲିସ୍ ତାକୁ ଜେରା କରିଥିଲା ଜେରା ବେଳେ କଟକରେ ଏକ ଭଡ଼ା ଘରେ ସିମ୍ ବକ୍ସ ଚାଲୁଥିବା ରାଜୁ ମଣ୍ଡଳ କହିଥିଲା। ତାପରେ ପୁଲିସ୍ ତାଙ୍କୁ ସାଥୀରେ ନେଇ କଟକ ଯାଇଥିଲା। ମଧୁପାଟଣା ଥାନା ରାଜେନ୍ଦ୍ର ନଗର ଅଞ୍ଚଳର ଏକ ଘରୁ ଠାବ କରିଥିଲା ସିମ୍ ବକ୍ସ। ସେଥିରେ ମଲ୍‌ଟିପୁଲ୍ ସିମ୍ ବ୍ୟବହାର ହୋଇଛି। ଘର ଭଡ଼ା ନିଆଯାଇ ସିମ୍ ବକ୍ସ ଚାଲିଥିଲା।

ବାଂଲାଦେଶରୁ ଭୁବନେଶ୍ୱରକୁ ଆସୁଥିଲା ଟଙ୍କା ଯାହା ବି ଟ୍ରାଞ୍ଜାକ୍ସନ୍ ହେଉଥିଲା ତାହା କ୍ୟାସ୍ ଆକାରରେ ହେଉଥିଲା। ବାଂଲାଦେଶ ବର୍ଡରରେ ଥିବା କିଛି ଦୋକାନରେ ଚାଲୁଥିଲା ଏହି ହାୱାଲା କାରବାର। ନୋଟକୁ କୋଡ ହିସାବରେ ବ୍ୟବହାର କରି ହାୱାଲା ମାଧ୍ୟମରେ ଆର୍ଥିକ କାରବାର ହେଉଥିଲା। ବାଂଲାଦେଶରୁ ଲୋକ ଆସି କଟକ ଓ ଭୁବନେଶ୍ୱରରେ ସିମ୍ ବକ୍ସ ସେଟ୍ ଅପ୍ କରି ଯାଇଥିଲେ। ତଦନ୍ତ ବେଳେ ଚୀନ୍, ପାକିସ୍ଥାନ,ବାଂଲାଦେଶ ଓ ମିଡ଼ିଲ ଇଷ୍ଟ ଲିଙ୍କ୍ ସାମ୍ନାକୁ ଆସିଛି। ତେଣୁ ଆତଙ୍କୀ ଲିଙ୍କ୍ ନେଇ ଅଧିକ ଖୋଳତାଡ କରାଯାଉଛି।

# ଇଫକୋ ପ୍ରବନ୍ଧ ନିର୍ଦ୍ଦେଶକଙ୍କ ତିନି ଦିନିଆ ପାରାଦୀପ ଗସ୍ତ



ପାରାଦୀପ,୧୮।୮(ମହାଭାରତ): ବିଶ୍ୱର ସର୍ବବୃହତ ସମବାୟଭିତ୍ତିକ ସାର ଉତ୍ପାଦନକାରୀ ସଂସ୍ଥା ଇଫକୋର ପ୍ରବନ୍ଧ ନିର୍ଦ୍ଦେଶକ ଡ. ଉଦୟ ଶଙ୍କର ଅଓସ୍ତି ତିନି ଦିନିଆ ପାରାଦୀପ ଗସ୍ତରେ ଆସିଥିଲେ। ପାରାଦୀପ ୟୁନିଟ୍‌ରେ ୭୮ତମ ସ୍ୱାଧୀନତା ଦିବସରେ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଏହି ଗସ୍ତ ଅବସରରେ ଇଫକୋର ପ୍ରବନ୍ଧ ନିର୍ଦ୍ଦେଶକ ଡ. ଉଦୟ ଶଙ୍କର ଅଓସ୍ତି ଓଡିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି, ମାନ୍ୟବର ଶିଳ୍ପ, ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଏବଂ ମୁଖ୍ୟ ଶାସନ ସଚୀବ ମନୋଜ ଆହୁଜାଙ୍କୁ ସୌଜନ୍ୟମୂଳକ ସାକ୍ଷତ କରିଥିଲେ। ଡ. ଅଓସ୍ତିଙ୍କ ସହିତ ପାରାଦୀପ ୟୁନିଟ୍ ମୁଖ୍ୟ କେ.ଜେ.ପଟେଲ ଉପସ୍ଥିତ ଥିଲେ।

ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ସହିତ ଆଲୋଚନା ସମୟରେ ଇଫକୋର ପ୍ରବନ୍ଧ ନିର୍ଦ୍ଦେଶକ ଡ. ଉଦୟ ଶଙ୍କର ଅଓସ୍ତି ଇଫକୋ ଓଡିଶାର କୃଷି କ୍ଷେତ୍ରରେ ଇଫକୋ ସାର କାରଖାନାର ଅବଦାନ ଉପରେ ଗୁରୁତ୍ୱାରୋପ କରିବା ସହିତ ଇଫକୋ ଦ୍ୱାରା ପ୍ରସ୍ତୁତ ତରଳ ସାର, ଡିଏପି ଏବଂ ୟୁରିଆ ସାର ଉତ୍ପାଦନ ସମ୍ପର୍କରେ ବିସ୍ତୃତ ତଥ୍ୟ ଉପସ୍ଥାପନ କରିଥିଲେ। ମୁଖ୍ୟ ଶାସନ ସଚୀବ ମନୋଜ ଆହୁଜାଙ୍କୁ ଡ.ଆଓସ୍ତିଙ୍କୁ ଭେଟିବା ଅବସରରେ ଇଫକୋର ନୂତନ ପୁଂଜି ବିନିଯୋଗ ଏବଂ ଓଡିଶାରେ ଚାଲିଥିବା ପ୍ରକଳ୍ପ ସହିତ ପାରାଦୀପରେ ସମଫ୍ୟୁରିକ ଏସିଡ୍ ପ୍ଲାଣ୍ଟ, ନାନୋ ଫର୍ଟିଲାଇଜର ପ୍ଲାଣ୍ଟ ଏବଂ ନଦୀଭିତ୍ତିକ ବନ୍ଦର ଜେଟି ନିର୍ମାଣ ଉପରେ ଗୁରୁତ୍ୱ ଦିଆଯାଇଥିବା କହିଥିଲେ।

କଟକ ପାରାଦୀପ ମଧ୍ୟରେ ଯାତାୟତର ସୁବିଧା ସୁଦୃଢ କରିବା ପାଇଁ ଏକ ନୂତନ ମେଟ୍ରୋ ରେଳର ବିକାଶ ପାଇଁ ପ୍ରସ୍ତାବ ଦେଇଥିଲେ। ଏଥି ସହିତ ଅଂଚଳବାସୀଙ୍କୁ ଉନ୍ନତମାନର ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବା ପାଇଁ ଏକ ଅତ୍ୟାଧୁନିକ ଡାକ୍ତଖାନା ତଥା ସୁପର ସ୍ପେସାଲିଟି ହସ୍ପିଟାଲ ପ୍ରତିଷ୍ଠା ସହିତ ଶିକ୍ଷାନୁଷ୍ଠାନର ଆର୍ଥିକ ଅନୁଦାନପ୍ରାପ୍ତ ତଥା ପରିଚାଳିତ ହେଉଥିବା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଡାକ୍ତମାନଙ୍କୁ ନିୟୋଜିତ କରିବା ସମ୍ପର୍କରେ ଆଲୋଚନା ହୋଇଥିଲା। ମାନ୍ୟବର ଶିଳ୍ପ, ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁଙ୍କୁ ଭେଟି ଅଭିନନ୍ଦନ ଜଣାଇବା ସହିତ ପାରାଦୀପ ବିଧାୟକ ଭାବେ ନିର୍ବାଚିତ ହୋଇଥିବାରୁ ଡ.ଆଓସ୍ତି ଶ୍ରୀ ସ୍ୱାଇଁଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଇଫକୋ ପାରାଦୀପ ୟୁନିଟ୍‌ରେ ଚାଲିଥିବା ପ୍ରକଳ୍ପ ଏବଂ ଶିକ୍ଷାନୁଷ୍ଠାନର ଆର୍ଥିକ ଅନୁଦାନପ୍ରାପ୍ତ ସୁପର ସ୍ପେସାଲିଟି ସ୍ପିଟାଲ ଏବଂ ପ୍ରସ୍ତାବିତ ନୂତନ ମେଟ୍ରୋ ରେଳ ପ୍ରକଳ୍ପ ଅଂଚଳବାସୀଙ୍କ ପାଇଁ ବିଭିନ୍ନ ବିକାଶମୂଳକ ପଦକ୍ଷେପ ଉପରେ ଆଲୋଚନା କରାଯାଇଥିଲା।

## ମୁଖ୍ୟମନ୍ତ୍ରୀ, ଶିଳ୍ପ ମନ୍ତ୍ରୀଙ୍କ ସମେତ ମୁଖ୍ୟ ଶାସନ ସଚିବଙ୍କ ସହିତ ସୌଜନ୍ୟମୂଳକ ସାକ୍ଷାତ

# ଗଣେଶ ପୂଜାରେ ଡିଜେ, ମେଲୋଡ଼ି ବ୍ୟାନ୍

**ଭୁବନେଶ୍ୱର,୧୮।୮(ମହାଭାରତ)::** ଚଳିତ ବର୍ଷ ଗଣେଶ ପୂଜାରେ ରାଜଧାନୀ ଭୁବନେଶ୍ୱରରେ ଡିଜେ ବନ୍ଦ ବାଜିବ କେବଳ ପାରମ୍ପରିକ ବାଦ୍ୟ। ଉଭୟ ମେଲୋଡି ଓ ଭସାଣୀରେ ବି ଡିଜେ ବ୍ୟାନ୍। ତାସହ ଠାକୁରଙ୍କ ବିକୃତ ମୂର୍ତ୍ତି ନିର୍ମାଣ ଓ ପୂଜା ନଜରକୁ ଆସିଲେ ବି ହେବ କାର୍ଯ୍ୟାନୁଷ୍ଠାନ।

ଚଳିତ ବର୍ଷ ସେପ୍ଟେମ୍ବର ୭ରେ ପଡୁଛି ଗଣେଶ ପୂଜା। ତାପୂର୍ବରୁ ଆଜି ଏକ କୋ-ଅର୍ଡିନେସନ ମିଟିଂ କମିଶନରେଟ ପୁଲିସ ଓ ରାଜଧାନୀର ବିଭିନ୍ନ ପୂଜା କମିଟି ମଧ୍ୟରେ ବସିଥିଲା। ଯେଉଁଥିରେ ଗଣେଶ ପୂଜା ପାଇଁ ଜୋର ଜବରଦସ୍ତ ଚାନ୍ଦା ଆଦାୟକୁ ବାରଣ ସହ ପୂଜାକୁ ନିଶାମୁକ୍ତ କରାଯିବାକୁ ବି ନିଷ୍ପତ୍ତି ହୋଇଛି।



ସେହିଭଳି ଏଥର ଭସାଣ ଶୋଭାଯାତ୍ରା ପୂର୍ବରୁ ପୁଲିସ ଅନୁମତି ନେବା ଜରୁରୀ କରାଯାଇଛି। ସିସିଟିଭି ସାରା ସହରରେ ରହିବ। ପବ୍ଲିକ ଭଲ୍ୟୁଣ୍ଟର ମଧ୍ୟ ନିୟୋଜିତ କରିବେ ପୂଜା କମିଟି। ୭ରେ ଗଣେଶ ପୂଜା ପରେ ୮, ୧୧ ଓ ୧୨ ତାରିଖରେ ଭସାଣି ପାଇଁ ସ୍ଥିର କରାଯାଇଛି।ପୁଲିସର ସମସ୍ତ ନିଷ୍ପତ୍ତି ଉପରେ ସହମତି ପ୍ରକାଶ କରିଛନ୍ତି ରାଜଧାନୀର ସମସ୍ତ ପୂଜା କମିଟି।

# ପୋଖରୀରେ ବୁଡ଼ି ଦୁଇ ନାବାଳିକା ମୃତ

**ଗଞ୍ଜାମ, ୧୮।୮(ମହାଭାରତ):** ଗାଧୋଇବା ବେଳେ ବୁଡ଼ିଗଲେ ଦୁଇ ସାଙ୍ଗ। ଆଜି ଏପରି ହୃଦୟବିଦାରକ ଘଟଣା ଗଞ୍ଜାମ ଜିଲ୍ଲା ସାନଖେମୁଣ୍ଡି ବ୍ଲକ୍ ଅଞ୍ଚଳରେ ଘଟିଛି। ଆଜି ଅପରାହ୍ନରେ ସିନ୍ଧୁରପୁର ଗାଁର ସନ୍ତୋଷ ନାୟକଙ୍କ ଝିଅ ସାଲିନି(୫), ବଳରାମ ଡାକୁଆଙ୍କ ଝିଅ ତୁଳସୀ(୬) ଓ ଅନ୍ୟମାନେ ପୋଖରୀକୁ ଗାଧୋଇ ପାଇଁ ଯାଇଥିଲେ। ଗାଧେଇବା ପରେ ଜଣେ ଘରକୁ ଫେରି ଆସିଥିଲେ। ହେଲେ ତୁଳସୀ ଓ ଶାଳିନୀ ଘରକୁ ଆସିନଥିଲେ। ପରିବାର ଲୋକେ ସେମାନଙ୍କୁ ଚାରିଆଡେ ଖୋଜାଖୋଜି କରିଥିଲେ। କିନ୍ତୁ ପାଇନଥିଲା। ତେବେ ପରିବାର ଲୋକେ ଗାଁ ବନ୍ଧକୁ ଯାଇ ଦେଖିଲା ବେଳକୁ ସେମାନଙ୍କ ଡ୍ରେସ୍ ପାଉଛ ଉପରେ ରହିଛି। ତେଣୁ ସେମାନଙ୍କ ମନରେ ସନ୍ଦେହ ହୋଇଥିଲା। ପରିବାର ଲୋକେ ଏନେଇ ସାନଖେମୁଣ୍ଡି ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଅଗ୍ନିଶମ କର୍ମଚାରୀମାନେ ଗାଁ ପୋଖରୀରେ ଖୋଜାଖୋଜି କରିବା ପରେ ଦୁଇ ଝିଅଙ୍କ ମୃତଦେହ ଉଦ୍ଧାର କରିଥିଲେ। ପୁଲିସ ମୃତଦେହ ଜବତ କରି ବ୍ୟବଛେଦ ପାଇଁ ପଠାଇ ଦେଇଛି। ଏ ନେଇ ପାଟପୁର ଥାନାରେ ନଂ ୧୪/୨୪, ୧୫/୨୪ ଦୁଇଟି ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

## ମସୁର ଡାଲି କଟ୍‌ଲେଟ



ଆବଶ୍ୟକ ସାମଗ୍ରୀ:
ପାଣିରେ ଭିଜା ହୋଇରହିଥିବା ମସୁର ଡାଲି, ସିଝା ଆଳୁ, ବ୍ରେଡ୍ କ୍ରମ୍ସ, କଟା ଧନିଆପତ୍ର, କଟା ଅଦା, କଟା କଞ୍ଚାଲଙ୍କା, ଧନିଆ ପାଉଡର, ଗରମ ମସଲା, ହେଙ୍ଗୁ, ଲଙ୍କା ଗୁଣ୍ଡ, ଲୁଣ ଓ ତେଲ।

ପ୍ରସ୍ତୁତି ପ୍ରଣାଳୀ:
ପ୍ରଥମେ ଏକ ପାତ୍ରରେ ସିଝା ଆଳୁ, ଭିଜା ମସୁର ଡାଲି, ଲଙ୍କା ଗୁଣ୍ଡ, ଲୁଣ, ଗରମ ମସଲା, କଟା ଅଦା, କଟା ଧନିଆ ପତ୍ର, ଧନିଆ ପାଉଡର, ହେଙ୍ଗୁ ଓ କଟା କଞ୍ଚା ଲଙ୍କାକୁ ନେଇ ଭଲ ଭାବେ ଗୋଳାଇ ଦିଅନ୍ତୁ। ବର୍ତ୍ତମାନ ଏହି ମିଶ୍ରଣକୁ ମନ ପସନ୍ଦର ଆକୃତି ଦେଇ ବ୍ରେଡ୍ କ୍ରମ ଲଗାଇ ରଖି ଦିଅନ୍ତୁ।
ଏବେ କଡ଼େଇରେ ତେଲ ଗରମ କରି ସେଗୁଡ଼ିକୁ ଛାଣିଦିଅନ୍ତୁ। ହାଲକା ଲାଲ୍ ହୋଇଗଲେ ସେଗୁଡ଼ିକୁ ଏକ ପ୍ଲେଟକୁ କାଢ଼ି ଦିଅନ୍ତୁ। ବର୍ତ୍ତମାନ ପ୍ରସ୍ତୁତ ହୋଇଗଲା ସ୍ୱାଦିଷ୍ଟ 'ମସୁର ଡାଲି କଟଲେଟ୍'। ଏହାକୁ ପୋଦିନା ଚଟଣୀ କିମ୍ବା ଟମାଟୋ ଓ ଚିଲି ସସ୍ ସହିତ ପରଷନ୍ତୁ।

## ଖବର

# ଇନ୍ଦିରା ବନିବା ପରେ ଛାଇଗଲେ କଙ୍ଗନା



ରିଲିଜ୍ ହୋଇଯାଇଛି ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ଜୀବନ କାହାଣୀ ଉପରେ ଆଧାରିତ ସିନେମା 'ଏମର୍ଜେନ୍ସି'ର ଟ୍ରେଲର୍। କଙ୍ଗନା ରାନାଓ୍ୱତଙ୍କ ଅଭିନୀତ ଏହି ସିନେମାର ଟ୍ରେଲର୍ ଦେଖି ଦର୍ଶକ ବେଶ୍ ଉତ୍ସାହିତ ହୋଇଛନ୍ତି। ଦିବଗଂତ ପ୍ରଧାନମନ୍ତ୍ରୀଙ୍କ ଭୂମିକାରେ ନଜର ଆସିଥିବା କଙ୍ଗନା ଫିଲ୍ମରେ ଅବିକଳ ତାଙ୍କ ପରି ଦିଶୁଛନ୍ତି। କଙ୍ଗନାଙ୍କ ବ୍ୟତୀତ ସାମ୍ ମାନେକ୍ସଙ୍କ ଭୂମିକାରେ ଅବତୀର୍ଣ୍ଣ ହୋଇଥିବା ମିଲିନ୍ଦ ସୋମନଙ୍କ ଅଭିନୟର ବି କେଣସି ତୁଳନା ନାହିଁ। ଟ୍ରେଲରରେ ଅନୁପମ୍ ଖେର୍ ଓ ଶ୍ରେୟାସ ତାଲପଡେଙ୍କ ଝଲକ ମଧ୍ୟ ଦେଖିବାକୁ ମିଳିଛି। ଏଥିରେ ଯୁବା ଇନ୍ଦିରା ଗାନ୍ଧୀ ରାଜନୀତିରେ ପ୍ରବେଶ କରିବା ବେଳେ ତାଙ୍କ ପିତା ଜବାହାରଲାଲ୍ ନେହେରୁଙ୍କ ସହ କିପରି ସଂପର୍କ ରହିଛି ଦୃଶ୍ୟମାନ ହୋଇଛି। ଏହା ବି ଦେଖିବାକୁ ମିଳିଛି ଯେ ଇନ୍ଦିରା ଗାନ୍ଧୀ ତାଙ୍କର ଦୀର୍ଘ କ୍ୟାରିୟରରେ ଯୁଦ୍ଧ ଓ ରାଜନୈତିକ ଅଶାନ୍ତିକୁ କିପରି ସମ୍ଭାଳିଛନ୍ତି। ଏହି ଫିଲ୍ମରେ ଦେଶରେ ୨୧ ମାସ ଧରି ଲାଗୁ ହୋଇଥିବା 'ଜରୁରୀକାଳିନ ପରିସ୍ଥିତି'ର କଥା ରହିଛି। ୧୯୭୫ ମସିହାରେ କିପରି ଇନ୍ଦିରା ଗାନ୍ଧୀ ଦେଶରେ ଜରୁରୀକାଳିନ ପରିସ୍ଥିତି ବା ଏମର୍ଜେନ୍ସି ଲଗାଇଥିଲେ ତାହା ଦେଖିବାକୁ ମିଳିବ।

## ବାସ୍ତୁ ଉପଯୋଗୀ ବୃକ୍ଷ



☐ ଘର ବଗିଚାରେ ଅଶ୍ୱତ୍ଥ, ବବୁଲ୍ ଭଳି ଗଛ ଲଗାଇବା ଉଚିତ୍ ନୁହେଁ। ଏହି ଗଛ ଥିଲେ ଘରେ ସବୁବେଳେ ଆଶାନ୍ତି ଲାଗି ରହିଥାଏ।

☐ଗୋଲାପ, ଚମ୍ପା, ଯୁଇ୍ ଆଦି ଘର ଭିତରେ ଲଗାଯାଇପାରିବ। ମାତ୍ର ଲାଲ୍ ଗେଣ୍ଡୁ ଓ କଳା ଗୋଲାପ ଥିଲେ ଚିନ୍ତା ଏବଂ ଶୋକ ବୃଦ୍ଧି ହୋଇଥାଏ।

☐ ପଢ଼ାଘରେ ଧଳା ଫୁଲ ଥିବା ଗଛ ରହିଲେ ସ୍ମରଣ ଶକ୍ତି ବୃଦ୍ଧି ହୋଇଥାଏ। ଅଧ୍ୟୟନ କକ୍ଷର ପୂର୍ବ ଏବଂ ଦକ୍ଷିଣ ଦିଗରେ କୁଣ୍ଡ ରଖିବା ଉଚିତ।

☐ ରୋଷେଇ ଘର ବଡ଼ ହୋଇଥିଲେ ପୋଦିନା, ଧନିଆ, ଲଙ୍କା ଆଦି ଛୋଟ ଛୋଟ ବୃକ୍ଷ କୁଣ୍ଡରେ ଲଗାଇ ରଖିହେବ। ବାସ୍ତୁ ନିୟମ ଅନୁଯାୟୀ ଏଭଳି ବୃକ୍ଷ ଥିଲେ ରୋଷେଇ ଘରେ କେବେ ପିମ୍ପୁଡ଼ି ଏବଂ ମାଛିଙ୍କ ଉପଦ୍ରବ ଦେଖାଯାଇ ନଥାଏ।

# ରାକ୍ଷୀ ପୂର୍ଣ୍ଣିମାରେ ଉପହାରରେ ଦିଅନ୍ତୁ ନାହିଁ ଏହି ୫ଟି ଜିନିଷ

ରାକ୍ଷୀ ପୂର୍ଣ୍ଣିମାର ଖୁବ୍ ମହ☐ ରହିଛି। ଶ୍ରାବଣ ମାସର ପୂର୍ଣ୍ଣିମାରେ ରାକ୍ଷୀ ପୂର୍ଣ୍ଣିମା ପାଳନ କରାଯାଏ।ଏହି ପର୍ବ ଭାଇ ଭଉଣୀଙ୍କ ପ୍ରେମର ପ୍ରତୀକ। ଏହି ଦିନ ଭଉଣୀ ଭାଇ ହାତରେ ରାକ୍ଷୀ ବାନ୍ଧି ଥାଏ। ଭାଇ ଭଉଣୀର ରକ୍ଷା କରିବାକୁ ସଂକଳ୍ପ କରିବା ସହ କିଛି ଉପହାର ମଧ୍ୟ ଦେଇଥାଏ। ଚଳିତ ବର୍ଷ ୧୯ ଅଗଷ୍ଟରେ ରାକ୍ଷୀ ପୂର୍ଣ୍ଣିମା। ତେବେ ଏହି ଦିନ ଭଉଣୀକୁ ଉପହାରରେ କେଉଁ କେଉଁ ଜିନିଷ ଦେବା ଉଚିତ ନୁହେଁ..ଚମଡାରେ ତିଆରି ଜିନିଷ - ବଜାରରେ ଚମଡାରେ ତିଆରି ଅନେକ ସୁନ୍ଦର ସୁନ୍ଦର ଜିନିଷ ରହିଛି। ମାତ୍ର ଏହି ଦିନ ଭଉଣୀଙ୍କୁ ଚମଡାରେ ପ୍ରସ୍ତୁତ କୌଣସି



ଜିନିଷ ଉପହାରରେ ଦିଅନ୍ତୁ ନାହିଁ। ଏହା ଶନିଦେବଙ୍କ ସହ ସମ୍ବନ୍ଧିତ ବୋଲି କୁହାଯାଏ। ଏହାକୁ ଉପହାର ଦେଲେ ଜୀବନରେ ସମସ୍ୟା ଦେଖାଦେଇଥାଏ।
କଳା ରଙ୍ଗର ଜିନିଷ - ଏହି ଦିନ କଳା ରଙ୍ଗର ଜିନିଷ ଉପହାରରେ ଦିଅନ୍ତୁ ନାହିଁ। ଏହାର ନକାରାତ୍ମକ ପ୍ରଭାବ ପଡିଥାଏ। ଭଉଣୀକୁ କଳା ରଙ୍ଗର ପୋଷାକ ମଧ୍ୟ ଉପହାରରେ ଦିଅନ୍ତୁ ନାହିଁ।
ଜୋତା-ଚପଲ - ଜୋତା ଚପଲର ସମ୍ବନ୍ଧ ମଧ୍ୟ ଶନି ଦେବଙ୍କ ସହ ରହିଛି ୟ। ତେଣୁ ଭଉଣୀକୁ ଉପହାରରେ କଦାପି ଜୋତାଚପଲ ଦିଅନ୍ତୁ ନାହିଁ। ଏହାଦ୍ୱାରା ଜୀବନରେ ଅନେକ ସମସ୍ୟା ଦେଖାଦେଇଥାଏ।
ଘଣ୍ଟା - ବଜାରରେ ବିଭିନ୍ନ ପ୍ରକାର ଘଣ୍ଟା ସହ ସ୍ମାର୍ଟ ଘଣ୍ଟା ମଧ୍ୟ ଉପଲବ୍ଧ। ଘଣ୍ଟା ମନୁଷ୍ୟର ଭଲ ଓ ଖରାପ ସମୟ ସହ ଜଡିତ। ତେଣୁ ଭୁଲରେ ଘଣ୍ଟା ଉପହାରରେ ଦିଅନ୍ତୁ ନାହିଁ। ହିନ୍ଦୁ ଧର୍ମରେ ଧାରୁଆ ଜିନିଷକୁ ଉପହାର ଦେବା ଅଶୁଭ ବୋଲି କୁହାଯାଇଛି। ଧାରୁଆ ଜିନିଷ ଉପହାରରେ ଦେବା ଦ୍ୱାରା ସମ୍ପର୍କ ଉପରେ ନକାରାତ୍ମକ ପ୍ରଭାବ ପଡିଥାଏ।

# କର୍ମ ତ୍ୟାଗ କରିଥିବା ବ୍ୟକ୍ତି ଯୋଗୀ ନୁହନ୍ତି



କୁରୁକ୍ଷେତ୍ର ଯୁଦ୍ଧଭୂମିରେ ଅର୍ଜୁନଙ୍କ ବିଷାଦ ଦୂର କରିବା ପାଇଁ ଭଗବାନ ଶ୍ରୀକୃଷ୍ଣ ଅର୍ଜୁନଙ୍କୁ କର୍ମସନ୍ନ୍ୟାସ ଯୋଗ ସମ୍ପର୍କରେ ବୁଝାଇବା ପରେ ବି ଅର୍ଜୁନଙ୍କ ବିଷାଦ ଦୂର ହୋଇନାହିଁ। ଏହାପରେ ଭଗବାନ ତାଙ୍କୁ ଆତ୍ମସଂଯମଯୋଗ ସମ୍ପର୍କରେ ବୁଝାଇବାକୁ ଚାହିଁଛନ୍ତି। କହିଛନ୍ତି, 'ଯେଉଁ ପୁରୁଷ କର୍ମଫଳକୁ ଆଶ୍ରୟ ନକରି ନିର୍ଦ୍ଧାରିତ କର୍ମ କରନ୍ତି ସେ ସନ୍ନ୍ୟାସୀ ଓ ଯୋଗୀ ଅଟନ୍ତି। କେବଳ ଅଗ୍ନି ତ୍ୟାଗ କରିଥିବା ବ୍ୟକ୍ତି ସନ୍ୟାସୀ ନୁହଁନ୍ତି କି କର୍ମ ତ୍ୟାଗ କରିଥିବା ବ୍ୟକ୍ତି ଯୋଗୀ ନୁହନ୍ତି। ସଂକଳ୍ପ ତ୍ୟାଗ କରିନଥିବା କୌଣସି ବି ପୁରୁଷ ଯୋଗୀ ହୋଇପାରେ ନାହିଁ। କିନ୍ତୁ ଯେଉଁମାନେ ନିଷ୍କାମ ଭାବରେ କର୍ମ କରି ଚାଲନ୍ତି ସେମାନେ ଯୋଗାରୁଢ଼। ଆଉ କୌଣସି ବ୍ୟକ୍ତି ଯୋଗାରୂଢ ହୋଇଯିବା ପରେ ତାଙ୍କ ମନରେ ସର୍ବସଂକଳ୍ପ ଶୂନ୍ୟତା ଆସିଥାଏ ଏବଂ ତାହା ତାଙ୍କ ପାଇଁ କଲ୍ୟାଣକର ହୋଇଥାଏ। ଏହି ଯୋଗାରୂଢ ପୁରୁଷମାନେ ଇନ୍ଦ୍ରିୟଭୋଗ ଓ କର୍ମମାନଙ୍କରେ ଆସକ୍ତ ହୁଅନ୍ତି ନାହିଁ।' ଏହାସହ ଭଗବାନ ମଧ୍ୟ କହିଛନ୍ତି ଯେ, 'ମନୁଷ୍ୟ ନିଜକୁ ନିଜେ ଅଧାଗତିରେ ନପାକାଇ ସଂସାର ସାଗରରୁ ଉଦ୍ଧାର କରିବା ଉଚିତ। କାରଣ ସେ ନିଜେ ନିଜର ମିତ୍ର ଓ ନିଜେ ନିଜର ଶତ୍ରୁ ଅଟେ। ଯେଉଁ ଜୀବାତ୍ମା ମନ, ଇନ୍ଦ୍ରିୟ ସହିତ ଶରୀରକୁ ଜୟ କରିପାରିଛି ସେ ନିଜର ମିତ୍ର ଓ ଯେଉଁ ଜୀବାତ୍ମା ମନ, ଇନ୍ଦ୍ରିୟ ତଥା ଶରୀରକୁ ଜୟ କରିପାରି ନାହିଁ ସେ ନିଜର ଶତ୍ରୁ ପରି ଆଚରଣ କରେ। ସେହିପରି ଶୀତ-ଉଷ୍ଣ, ସୁଖ-ଦୁଃଖ ଓ ମାନ-ଅପମାନରେ ଯେଉଁ ବ୍ୟକ୍ତି ସମ୍ପୂର୍ଣ୍ଣ ଶାନ୍ତ ରହନ୍ତି ସେହି ସ୍ୱାଧୀନ-ଆତ୍ମବିଶିଷ୍ଟ ପୁରୁଷଙ୍କ ନିକଟରେ ପରମାତ୍ମା ଅବସ୍ଥାନ କରନ୍ତି ଏବଂ ତାଙ୍କ ଜ୍ଞାନରେ ପରମାତ୍ମାଙ୍କ ବ୍ୟତୀତ ଅନ୍ୟ କିଛି ରହେନାହିଁ। ଯାହାଙ୍କ ଅନ୍ତଃକରଣ ଈଶ୍ୱରଙ୍କ ଜ୍ଞାନରେ ତୃପ୍ତ, ଯାହାଙ୍କ ସ୍ଥିତି ବିକାର ଶୂନ୍ୟ ଓ ଯାହାଙ୍କ ଇନ୍ଦ୍ରିୟମାନେ ସମ୍ପୂର୍ଣ୍ଣ ବଶୀଭୂତ ହୋଇଯାଇଛନ୍ତି ତାଙ୍କ ପାଇଁ ମାଟି, ପଥର, ସୁନା ସମାନ ହୋଇଥାଏ ତାଙ୍କର ଭଗବତପ୍ରାପ୍ତ ଯୋଗ ହୋଇଥାଏ। ସେହିପରି ସୁହୃଦ(ସ୍ୱାର୍ଥରହିତ ହୋଇ ସମସ୍ତଙ୍କ ହିତ କରୁଥିବା ବ୍ୟକ୍ତି), ମିତ୍ର, ଶତୃ, ଉଦାସୀନ(ପକ୍ଷପାତ ରହିତ ବ୍ୟକ୍ତି), ମଧ୍ୟସ୍ଥ (ଉଭୟ ପକ୍ଷର ମଙ୍ଗଳକାମୀ), ବନ୍ଧୁଗଣ, ଧର୍ମାତ୍ମା, ପାପୀଙ୍କ ଠାରେ ସମାନ ଭାବ ରଖିଥିବା ବ୍ୟକ୍ତି ସଂସାରରେ ଶ୍ରେଷ୍ଠ ବୋଲି ମଧ୍ୟ ଭଗବାନ ଅର୍ଜୁନଙ୍କୁ ବୁଝାଇଛନ୍ତି। ଯୋଗ କିପରି କରାଯାଏ ସେ ସମ୍ପର୍କରେ ବୁଝାଇବାକୁ ଯାଇ ଭଗବାନ କହିଛନ୍ତି ଯେ, 'ମନ ଓ ଇନ୍ଦ୍ରିୟମାନଙ୍କ ସହିତ ଶରୀରକୁ ବଶ କରି ରଖିଥିବା, ଆଶାରହିତ ଓ ସଂଗ୍ରହ-ଇଚ୍ଛାଶୂନ୍ୟ ଯୋଗୀ ଏକାନ୍ତରେ ରହି ଆତ୍ମାକୁ ନିରନ୍ତର ଭାବରେ ପରମାତ୍ମା ପ୍ରାପ୍ତି ପାଇଁ ଲଗାଇବା ଉଚିତ। ଶୁଦ୍ଧଭୂମି ଉପରେ କ୍ରମଶଃ କୁଶଃ ପକାଇ, କୁଶଃ ଉପରେ ମୃଗଚର୍ମ ଓ ତା'ଉପରେ ବସ୍ତ୍ର ବିଛାଇ ଅତି ଉଚ୍ଚ ବା ନିଚା ନକରି ସେହି ଆସନ ଉପରେ ବସି, ଚିତ୍ତ ଓ ଇନ୍ଦ୍ରିୟମାନଙ୍କୁ ନିୟନ୍ତ୍ରଣ କରି, ମନକୁ ଏକାଗ୍ର କରି ଅନ୍ତଃକରଣ ଶୁଦ୍ଧି ପାଇଁ ଯୋଗାଭ୍ୟାସ କରିବା ଉଚିତ। ଯୋଗାଭ୍ୟାସ ସମୟରେ ଶରୀର, ଶୀର ଏବଂ ଗ୍ରୀବା ସଳଖ ଓ ଅଚଳ ରଖି ଏବଂ ସ୍ଥିର ହୋଇ, ନିଜ ନାସିକାର ଅଗ୍ରଭାଗରେ ଦୃଷ୍ଟି ନିବଦ୍ଧ କରି ଅନ୍ୟଆଡ଼େ ନଚାହିଁ ବ୍ରହ୍ମଚର୍ଯ୍ୟବ୍ରତରେ ରହି, ଭୟରହିତ ହୋଇ ଶାନ୍ତ ଭାବରେ ମନ ସଂଯତ କରି ଈଶ୍ୱର(ମୋତେ)ଙ୍କ ଧ୍ୟାନ କରିଲେ ଈଶ୍ୱରପ୍ରାପ୍ତ ହୁଅନ୍ତି।'

# ବର୍ଷା ଦିନେ ହାତ-ଗୋଡ଼ ଯନ୍ତ୍ରଣା ହେଉଥିଲେ ଆପଣାନ୍ତୁ ଏହି ସବୁ ଖାଦ୍ୟ

ବର୍ଷା ଓ ଶୀତ ଦିନରେ ହାତ ଏବଂ ଗୋଡ଼ରେ ଯନ୍ତ୍ରଣା ବଢି ଯାଇଥାଏ। କମ୍ ବୟସର ଲୋକଙ୍କ କ୍ଷେତ୍ରରେ ମଧ୍ୟ ଏହି ସମସ୍ୟା ଦେଖିବାକୁ ମିଳୁଛି। ଏହାର ମୁଖ୍ୟ କାରଣ ହେଉଛି ଭିଟାମିନ୍ ଡି ଏବଂ କ୍ୟାଲସିୟମର ଅଭାବ। ଏହି ଦୁଇ ଉପାଦାନରୁ ଅଭାବରୁ ଗଣ୍ଠି ଯନ୍ତ୍ରଣ ସାଙ୍ଗକୁ ହାତ ଓ ଗୋଡ଼ରେ ଦରଜ ହୋଇଥାଏୟ। ତେବେ କେଉଁ ଖାଦ୍ୟ ଖାଇବା ଦ୍ୱାରା ଏହି ସମସ୍ୟାକୁ ଦୂର କରିପାରିବେ, ଜାଣନ୍ତୁ... ଭିଟାମିନ୍ ଡି ଏବଂ କ୍ୟାଲସିୟମ୍ ଭରପୂର ଖାଦ୍ୟ
କ୍ଷୀର ଏବଂ ଅନ୍ୟାନ୍ୟ ଦୁଗ୍ଧଜାତ ଦ୍ରବ୍ୟ- ଶରୀରକୁ ସୁସ୍ଥ ରଖିବା ପାଇଁ କ୍ଷୀର ସର୍ବୋତ୍ତମୟ କ୍ଷୀରରେ କ୍ୟାଲସିୟମ ଏବଂ ଭିଟାମିନ୍ ଡି ପ୍ରଚୁର ପରିମାଣରେ ମିଳିଥାଏ। ଗାଈ କ୍ଷୀରରେ ଭିଟାମିନ୍ ଡି ଭରପୂର ମାତ୍ରାରେ ଥାଏ। ଫଳ ଏବଂ କମଳା- କମଳାରୁ କ୍ୟାଲସିୟମ୍ ଏବଂ ଭିଟାମିନ୍ ଡି ମିଳିଥାଏୟ। ଦୈନିକ ଗୋଟିଏ କିମ୍ବା ଦୁଇଟି କମଳା ଖାଇବା ଦ୍ୱାରା ହାତ ଗୋଡ ଯନ୍ତ୍ରଣା ଦୂର ହୋଇପାରିବ। ଏହା ବ୍ୟତୀତ ଅନ୍ୟାନ୍ୟ ଫଳ ଜୁସ୍ ମଧ୍ୟ ପିଇପାରିବେ। ସବୁଜ ପତ୍ରଯୁକ୍ତ ପନିପରିବା- ଫାଷ୍ଟ୍ ଫୁଡ୍ ଏବଂ ଅନ୍ୟାନ୍ୟ ପ୍ରୋସେସ୍ଡ ଫୁଡକ୍ ବାଦ୍ ଦେଇ ଡାଏଟରେ ସବୁଜ ପତ୍ରଯୁକ୍ତ ପନିପରିବାକୁ



ଅନ୍ତର୍ଭୁକ୍ତ କରନ୍ତ। ଏହା ଶରୀରକୁ କ୍ୟାଲସିୟମ, ଆଇରନ୍ ଏବଂ ଭିଟାମିନ୍ ଡି ଭଳି ଅତ୍ୟାବଶ୍ୟକ ପୋଷକ ତ☐ ଯୋଗାଇଥାଏ। ଅସ୍ଥି ଯନ୍ତ୍ରଣାର ସମସ୍ୟା ଏବଂ ଶରୀରକୁ ସୁସ୍ଥ ରଖିବାରେ ମଧ୍ୟ ସାହାଯ୍ୟ କରିଥାଏ ସବୁଜ ପତ୍ରଯୁକ୍ତ ପନିପରିବା। ସୋୟାବିନ୍- ବିଶେଷ କରି ଶାକାହାରୀ ବ୍ୟକ୍ତିଙ୍କର କ୍ୟାଲସିୟମ ଅଭାବ ଦେଖାଯାଏୟ ସେମାନଙ୍କ ପାଇଁ ସୋୟାବିନକୁ ସର୍ବୋତ୍ତମ ଭାବେ ବିବେଚନା କରାଯାଏୟ ଏଥିରୁ ଭିଟାମିନ୍ ଡି ମଧ୍ୟ ଭରପୂର ପରିମାଣରେ ମିଳିଥାଏୟ ଏହା ବ୍ୟତୀତ ଡ୍ରାଏ ଫ୍ରୁଟ୍ସ ଏବଂ ସିଡ୍ସ ମଧ୍ୟ ଖାଇପାରିବେୟ। ଅଣ୍ଡା- ଅଣ୍ଡା ହେଉଛି ପ୍ରୋଟିନର ଗନ୍ତାଘର। ଏହା ବ୍ୟତୀତ ଭିଟାମିନ୍ ବି୧୨, କ୍ୟାଲସିୟମ୍ ଏବଂ ଭିଟାମିନ୍ ଡି ମଧ୍ୟ ଅଣ୍ଡାରୁ ମିଳିଥାଏୟ ଅଣ୍ଡା ସାମଗ୍ରିକ ସ୍ୱାସ୍ଥ୍ୟ ପାଇଁ ମଧ୍ୟ ଲାଭଦାୟକ। ପ୍ରତ୍ୟେହ ଗୋଟିଏ କିମ୍ବା ଦୁଇଟି ଅଣ୍ଡା ଖାଇବା ଦ୍ୱାରା କ୍ୟାଲସିୟମ ଏବଂ ଭିଟାମିନ୍ ଡିର ଅଭାବ ଦୂର ହୋଇପାରିବ।

ବଙ୍ଗଳାଦେଶୀ ଓ ରୋହିଙ୍ଗିଆ ଅନୁପ୍ରବେଶକାରୀଙ୍କୁ ଚିହ୍ନଟ ଦାବି

# ଭୁବନେଶ୍ୱରରେ ୫୦ରୁ ୬୦ ହଜାର ଅନୁପ୍ରବେଶକାରୀ

**ଭୁବନେଶ୍ୱର,୧୮।୮ (ମହାଭାରତ):** ଓଡିଶାରେ ପ୍ରାୟ ୪ରୁ ୫ ଲକ୍ଷ ବଙ୍ଗଳାଦେଶୀ ଓ ରୋହିଙ୍ଗିଆ ଅନୁପ୍ରବେଶକାରୀ ରହୁଛନ୍ତି। ସେମାନଙ୍କୁ ତୁରନ୍ତ ଚିହ୍ନଟ କରିବା ସହିତ ସେମାନେ ପାଉଥିବା ବିଭିନ୍ନ ସରକାରୀ ସୁବିଧା ଓ ସୁଯୋଗକୁ ତୁରନ୍ତ ବନ୍ଦ କରିବା ପାଇଁ ଭାରତ ରକ୍ଷା ମଂଚ ଗତ ଶୁକ୍ରବାର ଦାବି କରିଛି। ଏହି ଅବସରରେ ଆୟୋଜିତ ସମ୍ବାଦିକ ସମ୍ମଳନୀରେ ଭାରତ ରକ୍ଷା ମଂଚର ରାଷ୍ଟ୍ରୀୟ ମହାସଚିବ ଡାକ୍ତର ଅଶୋକ ଆଚାର୍ଯ୍ୟ କହିଛନ୍ତି ଯେ ଭାରତରେ ଅସ୍ଥିରତା ସୃଷ୍ଟି କରୁଥିବା କିଛି ଆନ୍ତଃରାଷ୍ଟ୍ରୀୟ ମୌଳବାଦୀ ଇସଲାମିକ୍ ସଂଗଠନ ସେମାନଙ୍କୁ ସଙ୍ଗଠିତ ଉପାୟରେ ବଙ୍ଗଳାଦେଶୀ ଓ ରୋହିଙ୍ଗିଆ ମୁସଲମାନଙ୍କୁ ଓଡିଶା ସମେତ ଭାରତର ଅନେକ ରାଜ୍ୟକୁ ପଠାଉଛନ୍ତି। ଏମାନେ ସ୍ଥାନୀୟ ରାଜନେତାମାନଙ୍କ ସହାୟତାରେ ଭୋଟ ପରିଚୟପତ୍ର ଓ ଆଧାରକାର୍ଡ ତିଆରି କରି ବିଭିନ୍ନ ସରକାରୀ ସୁବିଧା ଓ ସୁଯୋଗ ପାଉଛନ୍ତି। ଏମାନେ ଅଧିକାଂଶ ଚୋରୀ, ଡକାୟତି, ହିନ୍ଦୁ ଦେବାଦେବୀ ମୂର୍ତି ଚୋରୀ, ତସ୍କରି ଓ ଦେଶ ବିରୋଧୀ କାର୍ଯ୍ୟରେ ଲିପ୍ତ ରହୁଥିବା ଦେଖାଯାଇଛି। ଯେଉଁ ରାଜନେତାମାନେ ରାଜନୈତିକ ସ୍ୱାର୍ଥ ଲାଗି ଏଭଳି ଦେଶ ବିରୋଧୀ ତତ୍ୱମାନଙ୍କୁ ପ୍ରୋତ୍ସାହନ ଦେଉଛନ୍ତି, ସେମାନଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନେବାର ଆବଶ୍ୟକତା ରହିଛି ବୋଲି ଶ୍ରୀ ଆଚାର୍ଯ୍ୟ କହିଛନ୍ତି। ବଙ୍ଗଳାଦେଶୀ ଓ ରୋହିଙ୍ଗିଆ ଅନୁପ୍ରବେଶକାରୀଙ୍କୁ ଚିହ୍ନଟ କରିବା ଲାଗି ଓଡିଶା ସରକାରଙ୍କ ଦୃଷ୍ଟି ଆକର୍ଷଣ ପାଇଁ ଆସନ୍ତା ୨୩ ତାରିଖ ଦିନ ରାଜଧାନୀ ଭୁବନେଶ୍ୱର ସହରର ଲୋୟର ପିଏମଜି ଠାରେ ଭାରତ ରକ୍ଷା ମଂଚ ଏକ ବିଶାଳ ରାଲି କରିବ ବୋଲି ଘୋଷଣା କରିଛି। ଏହି ରାଲିରେ ବହୁ ସଂଖ୍ୟାରେ ସାଧୁସନ୍ଥ, ବିଭିନ୍ନ ହିନ୍ଦୁ ସଙ୍ଗଠନ ଓ ଅନ୍ୟାନ ବର୍ଗର ଜାତୀୟବାଦୀ ଜନସାଧାରଣ ଯୋଗଦାନ କରିବା ପାଇଁ ଡାକ୍ତର ଆଚାର୍ଯ୍ୟ ଅନୁରୋଧ କରିଛନ୍ତି। ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ପୁରଞ୍ଜନ ପାଢ଼ୀ, ସୁବ୍ରତ ମିଶ୍ର, ମନୋଜ ଆଚାର୍ଯ୍ୟ, ବିଦ୍ୟାଧର ନାୟକ, ପ୍ରମୋଦ ଧଳ ଓ ସୁଦାମ ଶତପଥୀ ପ୍ରମୁଖଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ।




# ମହାପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ନୀତିକାନ୍ତି ବନ୍ଦ

**ଭୁବନେଶ୍ୱର,୧୮।୮ (ମହାଭାରତ):** ଯାହା ଆକଳନ କରାଯାଉଥିଲା ତାହା ଆଜି ସତ ହୋଇଛି। ପଇତା ଲାଗି ନୀତିକୁ ନେଇ ପୂଜାପଣ୍ଡା ନିଯୋଗ ଏବଂ ବଡୁ ନିଯୋଗ ବିବାଦ ଯୋଗୁଁ ଶନିବାର ସନ୍ଧ୍ୟା ଧୂପ ପରଠୁ ବନ୍ଦ ହୋଇଗଲା ମହାପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ନୀତିକାନ୍ତି। ଏହିପରି ସମାନ ଅଚଳାବସ୍ଥା ବିଗତ ୫ ବର୍ଷ ହେଲା ଲାଗି ରହିଛି। ପ୍ରତିବର୍ଷ ଶିବ ପବିତ୍ରାରୋପଣର ଦିନକ ପୂର୍ବରୁ ନୀତି ବନ୍ଦ ହୋଇଯାଉଛି ହେଲେ ଏଥର କିନ୍ତୁ ଏଥିରେ ରୋକ ଲଗାଇବାକୁ ମନ୍ଦିର ପ୍ରଶାସନ ତରଫରୁ ଚେଷ୍ଟା କରାଯାଇଥିଲା। ମନ୍ଦିର କାର୍ଯ୍ୟାଳୟ ପକ୍ଷରୁ ସହକାରୀ ଦେବୋତ୍ତର କମିସନରଙ୍କ ଠାରେ ପବିତ୍ରାରୋପଣ ପାଳନ କରିବା ନିମନ୍ତେ ଏକ ଅନ୍ତରୀଣ ଆଦେଶ ପାଇଁ ଆବେଦନ କରାଯାଇଥିଲା। ସେ ଅନୁମତି ଦେଇଥିଲେ ନୀତି ପାଳନ ହେବାର ଆଶା ଥିଲା। ହେଲେ ଶନିବାର ହଠାତ୍ ସହକାରୀ ଦେବୋତ୍ତର କମିସନର ଏକ ଚିଠି ଯୋଗେ ଅନ୍ତରୀଣ ଆଦେଶ ନ ଦେବା ଲାଗି ସ୍ପଷ୍ଟ କରିଛନ୍ତି। ସେ ଉକ୍ତ ଚିଠିକୁ ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ ତଥା ଅତିରିକ୍ତ ଜିଲ୍ଲାପାଳ ରୁଦ୍ର ନାରାୟଣ ମହାନ୍ତିଙ୍କୁ ଲେଖିଛନ୍ତି ଯେ, ପ୍ରସଙ୍ଗଟି ଅଦାଲତରେ ବିଚାରାଧୀନ ଥିବା ଅବସ୍ଥାରେ ଅନ୍ତରୀଣ ଆଦେଶ ଅପ୍ରାସଙ୍ଗିକ। ଅନ୍ୟପଟେ ଆଜି ଟ୍ରଷ୍ଟ ବୋର୍ଡ ବୈଠକରେ ମଧ୍ୟ ବିବାଦର ଦୁଇ ପକ୍ଷ ପୂଜାପଣ୍ଡା ଓ ବଡୁ ନିଯୋଗ ପ୍ରତିନିଧିଙ୍କୁ ଅତିରିକ୍ତ ଜିଲ୍ଲାପାଳ ମୌଖିକ ଭାବେ ନୀତି କରାଯିବ କି ନାହିଁ ବୋଲି ପଚାରିଥିଲେ। ଉଭୟ ପକ୍ଷ ମାମଲା ବିଚାରାଧୀନ ଥିବା କଥା କହି ଏଡାଇ ଯାଇଥିଲେ। ସୂଚନାଯୋଗ୍ୟଯେ, ୨୦୧୯ ମସିହା ଶିବ ପବିତ୍ରାରୋପଣ ପର୍ବରେ ଶ୍ରୀଜିଉଙ୍କ ଠାରେ କେଉଁ ନିଯୋଗ କେତୋଟି ପଇତା ଲାଗି କରିବ ତା'ର ହିସାବ ବଡୁ ଓ ପୂଜାପଣ୍ଡା ନିଯୋଗ ମଧ୍ୟରେ ତୁଟି ନଥିଲା।



# ୨୨ରେ ଇଡି ଅଫିସ ଘେରାଉ କରିବ କଂଗ୍ରେସ




**ଭୁବନେଶ୍ୱର,୧୮।୮ (ମହାଭାରତ):** ଅଖିଳ ଭାରତ କଂଗ୍ରେସ କମିଟି ଆହ୍ୱାନକ୍ରମେ ଦେଶବ୍ୟାପି ଇଡି ଅଫିସ (ପ୍ରବର୍ତନ ନିର୍ଦ୍ଦେଶାଳୟ) ସମ୍ମୁଖରେ ଆସନ୍ତା ୨୨ ତାରିଖ ଗୁରୁବାର ବିକ୍ଷୋଭ କାର୍ଯ୍ୟକ୍ରମ ପରିପ୍ରେକ୍ଷୀରେ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ଅଗଷ୍ଟ ୨୨ ତାରିଖ ଦିନ ଭୁବନେଶ୍ୱର ନୟାପଲ୍ଲି ସ୍ଥିତ ଇଡି ଅଫିସ (ପ୍ରବର୍ତନ ନିର୍ଦ୍ଦେଶାଳୟ) ସମ୍ମୁଖରେ ବିକ୍ଷୋଭ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଉକ୍ତ କାର୍ଯ୍ୟକ୍ରମକୁ ସଫଳ କରିବାପାଇଁ ଆଜି ଭୁବନେଶ୍ୱର କଂଗ୍ରେସ ଭବନ ଠାରେ ଏହି କାର୍ଯ୍ୟକ୍ରମର ସଂଯୋଜକ ଭାବେ ନିଯୁକ୍ତି ପାଇଥିବା ବରିଷ୍ଠ କଂଗ୍ରେସ ନେତା ତଥା ପୂର୍ବତନ ବିଧାୟକ ଇଂ ମହମ୍ମଦ ମୋକିମଙ୍କ ଅଧକ୍ଷତାରେ ସମସ୍ତ ଜିଲ୍ଲା କଂଗ୍ରେସ କମିଟି ସଭାପତି ଓ ପିସିସିର ସମସ୍ତ ଛାମୁଆ ସଂଗଠନ ଏବଂ ଅନ୍ୟାନ ସାମ୍ମୁଖ୍ୟ ପୂର୍ବତନ କର୍ମକର୍ତା ମାନଙ୍କର ପୃଥକ ପୃଥକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଶ୍ରୀ ମୋକିମ କହିଥିଲେ ଯେ ଦେଶରେ ଗଣତନ୍ତ୍ର ଓ ସମ୍ବିଧାନକୁ ବଂଚାଇବାପାଇଁ ଆମର ନେତା ରାହୁଲ ଗାନ୍ଧୀ ଯେଉଁପରି ଭାବେ ଲଢ଼େଇ ଜାରି ରଖିଛନ୍ତି ସେହି ଲଢ଼େଇକୁ ତ୍ୱରାନ୍ୱିତ କରିବାପାଇଁ ରାଜ୍ୟର ପ୍ରତ୍ୟେକ ଜିଲ୍ଲାରୁ ନେତୃବୃନ୍ଦ, କର୍ମକର୍ତା ଓ କର୍ମୀମାନେ ବିପୁଳ ସଂଖ୍ୟାରେ ଏହି କାର୍ଯ୍ୟକ୍ରମରେ ଯୋଗଦେଲେ ଏହି ଲଢ଼େଇ ସଫଳ ହୋଇପାରିବ। ଏଥିପାଇଁ ସମସ୍ତ ବରିଷ୍ଠ ନେତା, ଜିଲ୍ଲା ସଭାପତି ଓ ଅନ୍ୟାନ୍ୟ ସମସ୍ତ ଛାମୁଆ ସଂଗଠନର ସଦସ୍ୟ ମାନଙ୍କ ସହ ଆଲୋଚନା କରି ସେମାନଙ୍କର ମତାମତ ନେଇ ସଫଳ କରିବାକୁ ଶ୍ରୀ ମୋକିମ ଆହ୍ୱାନ ଦେଇଥିଲେ। ଏଥିପାଇଁ ପିସିସି ଷ୍ଟିୟରିଂ କମିଟିର ସଦସ୍ୟ ବୃନ୍ଦ/ ସମସ୍ତ ପୂର୍ବତନ ପିସିସି ସଭାପତି ଓ କର୍ମକର୍ତା / ବିଧାୟକ ଦଳ ନେତା ଓ ପୂର୍ବତନ ବିଧାୟକ ଦଳ ନେତା / ସାଂସଦ ଓ ବିଧାୟକ/ ପୂର୍ବତନ ସାଂସଦ ଓ ପୂର୍ବତନ ବିଧାୟକ/ ଜିଲ୍ଲା କଂଗ୍ରେସ ସଭାପତି / ରାଜ୍ୟ ସାମ୍ମୁଖ୍ୟ, ବିଭାଗ ଓ ପ୍ରକୋଷ୍ଠର ପୂର୍ବତନ କର୍ମକର୍ତା / ରାଜ୍ୟ ଛାତ୍ର କଂଗ୍ରେସ ସଭାପତି/ ବ୍ଲକ ଓ ନଗର କଂଗ୍ରେସ ପୂର୍ବତନ ସଭାପତି/ ଗତ ଲୋକସଭା ଓ ବିଧାନସଭା ନିର୍ବାଚନର ପ୍ରାର୍ଥୀମାନଙ୍କୁ ପତ୍ର ମାଧ୍ୟମରେ ଅନୁରୋଧ କରାଯାଇଛି। କୌଣସି କାରଣବଶତଃ କେହି ଯଦି ଉକ୍ତ ପତ୍ର ପାଇ ନଥାନ୍ତି ତେବେ ଏହାକୁ ନିମନ୍ତ୍ରଣ ମନେକରି ୨୨ ତାରିଖ ବିକ୍ଷୋଭ କାର୍ଯ୍ୟକ୍ରମରେ ଯୋଗଦେବାକୁ ଶ୍ରୀ ମୋକିମ ଅନୁରୋଧ କରିଥିଲେ। ଉଦବୋଧନ ଦେଇ ଷ୍ଟିଅରିଂ କମିଟିର ଅନ୍ୟତମ ସଦସ୍ୟ ଜୟଦେବ ଜେନା, ବିଧାୟକ ଦଳର ଉପନେତା ଅଶୋକ ଦାସ, ଶ୍ରୀ ଅନନ୍ତ ପ୍ରସାଦ ସେଠୀ, ଡ. ବିଶ୍ୱରନ ମହାନ୍ତି ଉପସ୍ଥିତ ଥିବା ସମସ୍ତ ଜିଲ୍ଲା ସଭାପତି ଓ ଅନ୍ୟାନ୍ୟ ବରିଷ୍ଠ ନେତୃବୃନ୍ଦ ମାନେ ଉକ୍ତ କାର୍ଯ୍ୟକ୍ରମକୁ ସଫଳ କରିବାପାଇଁ ବିଭିନ୍ନ ପରାମର୍ଶ ଦେଇଥିଲେ।

# ୟୁପି ସ୍କୁଲ ଶିକ୍ଷକ ସମସ୍ୟାର ସମାଧାନ ପାଇଁ ମୁଖ୍ୟମନ୍ତ୍ରୀ ଦେଲେ ପ୍ରତିଶ୍ରୁତି - ଓଲ୍‌ଷ୍ଟା



**ଭୁବନେଶ୍ୱର,୧୮।୮ (ମହାଭାରତ):** ନିଖିଳ ଉତ୍କଳ ନିମ୍ନ ମାଧ୍ୟମିକ ଶିକ୍ଷକ ସଂଘ(ଓଲ୍‌ଷ୍ଟା)ର ଏକ ପ୍ରତିନିଧି ମଣ୍ଡଳୀ ଓଲ୍‌ଓଷ୍ଟାର ସାଧାରଣ ସଂପାଦକ ସୁକାନ୍ତ କୁମାର ବେହେରାଙ୍କ ନେତୃତ୍ୱରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କୁ ଏକ ସୌଜନ୍ୟମୂଳକ ସାକ୍ଷାତ କରି ରାଜ୍ୟର ଶିକ୍ଷା ବ୍ୟବସ୍ଥା ଓ ଅନୁଦାନପ୍ରାପ୍ତ ଉଚ୍ଚ ପ୍ରାଥମିକ (ମ.ଇ.) ବିଦ୍ୟାଳୟର ଶିକ୍ଷା, ଶିକ୍ଷକ, ଶିକ୍ଷାର୍ଥୀ ଓ ଶିକ୍ଷାୟତନର ବହୁବିଧ ସମସ୍ୟା ସଂପର୍କରେ ଅଲୋଚନା କରିଥିଲେ । ବିଶେଷଭାବେ ସମସ୍ତ ସରକାରୀ, ପୂର୍ଣ୍ଣ ଓ ନୂତନ ଅନୁଦାନପ୍ରାପ୍ତ ଉଚ୍ଚ ପ୍ରାଥମିକ (ମ.ଇ) ବିଦ୍ୟାଳୟ ସହ ଉର୍ଦ୍ଧ୍ୱ ଶିକ୍ଷକମାନଙ୍କର ଥିବା ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରାଯାଇଥିଲା । ରାଜ୍ୟର ୬୯୧ ଓ ୯୪୦ ମୋଟ୍ ୧୬୩୧ଟି ଅନୁଦାନପ୍ରାପ୍ତ ଉ.ପ୍ରା. ବିଦ୍ୟାଳୟରେ କାର୍ଯ୍ୟରତ ପ୍ରାୟ ୨ ହଜାର ଶିକ୍ଷକ ଓ ଅଧ୍ୟୟନରତ ପ୍ରାୟ ୫୦ ହଜାର ଶିକ୍ଷାର୍ଥୀମାନଙ୍କ ମୌଳିକ ସମସ୍ୟା ଯଥା- ଶିକ୍ଷାର୍ଥୀମାନଙ୍କ ପାଇଁ ଉଦ୍ଦିଷ୍ଟ ସମାନ ସରକାରୀ ସୁବିଧା ସୁଯୋଗ, ଶିକ୍ଷକ ନିଯୁକ୍ତି, ଚାକିରି ସର୍ତାବଳୀ ସହ ଅବସରକାଳୀନ ସୁବିଧା ସୁଯୋଗ ଓ ଅବସର ବୟସ ସୀମା ୬୨ବର୍ଷକୁ ବୃଦ୍ଧି କରିବା ସମେତ ସମସ୍ତ ୧୬୩୧ ଅନୁଦାନପ୍ରାପ୍ତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟଗୁଡ଼ିକୁ ସରକାରୀକରଣ କରିବା ଦିଗରେ ଆଲୋଚନା କରାଯାଇଥିଲା । ପୂର୍ବରୁ ଦିଆଯାଇଥିବା ଦାବିପତ୍ର ପାଇ ଏ ସମସ୍ତ ସମସ୍ୟା ସଂପକରେ ଅବଗତ ଥିବା ଓ ଖୁବ୍ ଶୀଘ୍ର ଏହାର ସମାଧାନ ହେବ ବୋଲି ମୁଖ୍ୟମନ୍ତ୍ରୀ ନିର୍ଭର ପ୍ରତିଶ୍ରୁତି ଦେଇଥିଲେ । ଏହି ଆଲୋଚନାରେ ସାଧାରଣ ସଂପାଦକ ସୁକାନ୍ତ କୁମାର ବେହେରା, ଯୁଗ୍ମ ସାଧାରଣ ସଂପାଦକ ସୁଦର୍ଶନ ସ୍ୱାଇଁ, କୋଷାଧ୍ୟକ୍ଷ ଯୁଧିଷ୍ଠିର ପ୍ରଧାନ, ଯୁଗ୍ମ ସଂପାଦକ ମାଧବାନନ୍ଦ ପଣ୍ଡା, ସବ୍‌ଏଡ଼ିଟର ସଚ୍ଚିଦାନନ୍ଦ ପରିଡା, କେନ୍ଦୁଝର ଜିଲ୍ଲା ସଂପାଦକ ସୁରେଶ ଚନ୍ଦ୍ର ସାହୁଙ୍କ ସମେତ ଜିଲ୍ଲା କର୍ମକର୍ତା, ଭରତ କୁମାର ମହନ୍ତ, ଲକ୍ଷ୍ମୀଧର ସାହୁ ପ୍ରମୁଖ ଉପସ୍ଥିତ ଥିଲେ । ସଂଗଠନ ତରଫରୁ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇବା ସହିତ ମୁଖ୍ୟମନ୍ତ୍ରୀଙ୍କ ପ୍ରତିଶ୍ରୁତି ଉପରେ ପୂର୍ଣ୍ଣ ଭରଷା ରହିଛି ବୋଲି ସାଧାରଣ ସଂପାଦକ ଜଣାଇଛନ୍ତି ।

# ଜନହିତକର କାର୍ଯ୍ୟ ନିର୍ଦ୍ଧାରିତ ଅବଧିରେ ଶେଷକଲେ ଲୋକାଭିମୁଖୀ ହୋଇପାରିବ

**କଟକ,୧୮।୮ (ମହାଭାରତ):** ଜିଲ୍ଲା ପରିଷଦ ସଭାପତି କିଶୋର ଚନ୍ଦ୍ର ମିଶ୍ରଙ୍କ ଅଧ୍ୟକ୍ଷତାରେ ଗତ ଶନିବାର କଟକ ଜିଲ୍ଲା ପରିଷଦ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଅଷ୍ଟମ ଜିଲ୍ଲା ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଯୋଗଦେଇ କଟକ ସାଂସଦ ଭର୍ତୃହରି ମହତାବ ଜନହିତକର କାର୍ଯ୍ୟଗୁଡିକୁ ନିର୍ଦ୍ଧାରିତ ସମୟ ମଧ୍ୟରେ ସମ୍ପାଦନ କରିପାରିଲେ ଏହା ଲୋକାଭିମୁଖୀ ହୋଇପାରିବ ବୋଲି କହିଥିଲେ। ଏଥିନିମନ୍ତେ କାର୍ଯ୍ୟଶୈଳୀର ଅନୁଶୀଳନ ଓ ପ୍ରଗତିକୁ ଗୁରୁତ୍ୱ ଦିଆଯାଇ କାର୍ଯ୍ୟଧାରା ସମ୍ପାଦନ କରିବାକୁ ହେବ। ଜଗତସିଂହପୁର ସାଂସଦ ବିଭୁ ପ୍ରସାଦ ତରାଇ, ଜନପ୍ରତିନିଧିମାନଙ୍କ ସହ ସମନ୍ୱୟ ରକ୍ଷା କରି ବିଭାଗୀୟ ଅଧିକାରୀମାନେ ଯୋଜନାଗୁଡିକର ସଫଳ ରୂପାୟନ ଦିଗରେ କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଥିଲେ। ବୈଠକରେ ଆଠଗଡ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା, ବାଙ୍କୀ ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀ, କଟକ ଚୌଦ୍ୱାର ବିଧାୟକ ସୌଭିକ ବିଶ୍ୱାଳ, ମାହାଙ୍ଗା ବିଧାୟକ ସାରଦା ପ୍ରସନ୍ନ ପ୍ରଧାନ, ବଡମ୍ବା ବିଧାୟକ ବିଜୟ ଦଳବେହେରା, କଟକ ସଦର ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ, ଜିଲ୍ଲା ପରିଷଦ ଉପସଭାପତି ଶ୍ରୀମତୀ ସୁଭଦ୍ରା ଦାସ ପ୍ରମୁଖ ଉପସ୍ଥିତ ରହି ପ୍ରାକୃତିକ ବିପର୍ଯ୍ୟୟ, କୃଷି, ପାଇପ୍ ଜଳ ଯୋଗାଣ, ବିଭିନ୍ନ ବ୍ଲକର ବୃହତ ଜଳ ଯୋଗାଣ ବ୍ୟବସ୍ଥା ଓ ଏହାର ସ୍ଥିତି, ବୃହତ ଉଠା ଜଳ ଯୋଗାଣ, କ୍ଷୁଦ୍ର ଜଳସେଚନ ପ୍ରକଳ୍ପ, ସ୍ୱାସ୍ଥ୍ୟ ଓ ଶିକ୍ଷା ଆଦି ବିଭିନ୍ନ ଯୋଜନା ଉପରେ ଗୁରୁତ୍ୱାରୋପ କରି ଉତରଦାୟିତ୍ୱ ନିର୍ବାହପୂର୍ବକ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଣୀତ ବିଭିନ୍ନ ଜନକଲ୍ୟାଣମୂଳକ ଯୋଜନାକୁ ତ୍ୱରାନ୍ୱିତ କରିବା ନିମନ୍ତେ ପ୍ରୟାସ ଜାରି ରହିବ ବୋଲି ମତ ଦେଇଥିଲେ। ଜିଲ୍ଲାପାଳ ଏବଂ ଜିଲ୍ଲା ମାଜିଷ୍ଟ୍ରେଟ୍ ଦତ୍ତ୍ରୟ ଭାଉସାହେବ ଶିନ୍ଦେ ଜିଲ୍ଲା ପରିଷଦର ସଭ୍ୟ ସଭ୍ୟାମାନେ ଉତ୍‌ଥାପନ କରିଥିବା ସେମାନଙ୍କ ଅଂଚଳର ସମସ୍ୟା ସମ୍ପର୍କରେ ଅବଗତ ହେବା ସହ ଏହାର ତ୍ୱରିତ ସମାଧାନ ଓ କାର୍ଯ୍ୟାନୁଷ୍ଠାନ ନିମନ୍ତେ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବିଭିନ୍ନ ବିଭାଗର ବିଭାଗୀୟ ଅଧିକାରୀମାନେ ସମସ୍ୟାଗୁଡିକର ସମାଧାନ ଦିଗରେ ପଦକ୍ଷେପ ନେବାକୁ ପ୍ରତିଶୃତି ଦେଇଥିଲେ। ବିଶେଷକରି ବର୍ଷା ଯୋଗୁଁ କ୍ଷତିଗ୍ରସ୍ତ ଚାଷ ନିମନ୍ତେ କ୍ଷୟକ୍ଷତିର ଆକଳନ କରି ଚାଷୀମାନଙ୍କୁ କ୍ଷତିପୂରଣ ପ୍ରଦାନ କରିବା, ବାତ୍ୟା ଆଶ୍ରୟସ୍ଥଳୀର ମରାମତି କରିବା, କେନାଲ ସଫେଇ, ଜଳବନ୍ଦୀ ସମସ୍ୟା ଦୂର କରିବା, ଜିଲ୍ଲାର ଜଳକ୍ଲିଷ୍ଟ ଅଂଚଳ ଗୁଡିକୁ ପାଇପ୍ ଯୋଗେ ପାନୀୟ ଜଳ ଯୋଗାଣ ଓ ଟାଙ୍କି ନିର୍ମାଣ, ଉଠା ଜଳସେଚନ ପ୍ରକଳ୍ପଗୁଡିକ କାର୍ଯ୍ୟକ୍ଷମ କରାଯିବା, ବିଭିନ୍ନ ସ୍ଥାନରେ ଖାଲି ପଡିଥିବା ଗୁରୁତ୍ୱପୂର୍ଣ୍ଣ ପଦବୀଗୁଡିକ ପୂରଣ କରାଯିବା ଆଦି ଉପରେ ସଂପୃକ୍ତ ବିଭାଗୀୟ ଅଧିକାରୀମାନେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି ସୂଚନା ଦେଇଥିଲେ।




# ପ୍ରଜାପିତା ଇଶ୍ୱରୀୟ ବିଶ୍ୱବିଦ୍ୟାଳୟ ପକ୍ଷରୁ ରକ୍ଷା ବନ୍ଧନ କାର୍ଯ୍ୟକ୍ରମ

**ପାରାଦୀପ,୧୮।୮ (ମହାଭାରତ):** ପାରାଦୀପ ମଧୁବନଠାରେ ଥିବା ପ୍ରଜାପିତା ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ପକ୍ଷରୁ ଶନିବାର ଦିନ ଅପରାହ୍ନରେ ରକ୍ଷା ବନ୍ଧନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ପାରାଦୀପ କେନ୍ଦ୍ରର ପରିଚାଳିକା ବ୍ରହ୍ମାକୁମାରୀ ସୁମନ ଏହି କାର୍ଯ୍ୟକ୍ରମରେ ପୌରହିତ୍ୟ କରିଥିଲେ । ପାରାଦୀପର ଗଣମାଧ୍ୟମ ପ୍ରତିନିଧିଙ୍କୁ ଏହି କାର୍ଯ୍ୟକ୍ରମରେ ଯୋଗ ଦେବାକୁ ସ୍ୱତନ୍ତ୍ର ଭାବେ ନିମନ୍ତ୍ରଣ କରାଯାଇଥିଲା । ମାନସିକ ଚାପରୁ ମୁକ୍ତ ହେବା ପାଇଁ ବିଭିନ୍ନ ମାଧ୍ୟମ ସମ୍ପର୍କରେ ବ୍ରହ୍ମାକୁମାରୀ ସୁମନ ବକ୍ତବ୍ୟ ରଖିଥିଲେ। ଶେଷରେ ଗଣମାଧ୍ୟମ ପ୍ରତିନିଧିମାନଙ୍କ ହାତରେ ରକ୍ଷା ବନ୍ଧନ କରାଯାଇଥିଲା । ପାରାଦୀପ କେନ୍ଦ୍ରର ଭାଇଭଉଣୀମାନେ ସକ୍ରିୟ ଭାବେ ଏହି ରକ୍ଷା ବନ୍ଧନ କାର୍ଯ୍ୟକ୍ରମରେ ଉପସ୍ଥିତ ରହି ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ସ୍ୱାଗତ କରିଥିଲେ।



# ପାଣ୍ଡିଆନଙ୍କ ହେଲିକପ୍ଟର ଖର୍ଚ୍ଚର ତଦନ୍ତ ଚାଲିଛି

**ଭୁବନେଶ୍ୱର,୧୮।୮ (ମହାଭାରତ):** ବିଜେଡି ନେତା ତଥା ପୂର୍ବତନ ୫ଟି ସଚିବ ଭିକେ ପାଣ୍ଡିଆନଙ୍କ ହେଲିକପ୍ଟର ଖର୍ଚ୍ଚକୁ ନେଇ ଏବେ ତାତିଛି ରାଜନୀତି। ସେ ତାଙ୍କ ବ୍ୟକ୍ତିଗତ କାମରେ ସରକାରୀ ଖର୍ଚ୍ଚରେ ହେଲିକପ୍ଟର ବ୍ୟବହାର କରୁଥିଲେ ବୋଲି ଅଭିଯୋଗ ହୋଇଥିଲା। ଯାହାକୁ ନେଇ କେତେ ଖର୍ଚ୍ଚ ହୋଇଛି, ସରକାରୀ ପାଣ୍ଠିରୁ ହୋଇଛି କି, କାହା ଅନୁମତିରେ ଖର୍ଚ୍ଚ ହୋଇଛି, ଜଣେ ସଚିବ ହୋଇ ସ୍ୱତନ୍ତ୍ର ହେଲିକପ୍ଟର ବ୍ୟବହାର ପାଇଁ ତାଙ୍କୁ ଅନୁମତି କିଏ ଦେଇଥିଲା, ଏସବୁ ନେଇ ଖୋଲତାଲ ହେବ ବୋଲି କହିଥିଲେ ପରିବହନ ମନ୍ତ୍ରୀ।

ଆଜି ଏହାକୁ ନେଇ ପୁଣି କିଛି ମନ୍ତବ୍ୟ ରଖିଛନ୍ତି ମନ୍ତ୍ରୀ। ଏନେଇ ମନ୍ତ୍ରୀ କହିଛନ୍ତି, ମୁଁ କହିଛି ମାନେ ସରକାର କହିଛନ୍ତି। ତଦନ୍ତ ଚାଲିଛି। ଖୁବଶୀଘ୍ର ସବୁକିଛି ସ୍ପଷ୍ଟ ହେବ। ଲୋକଙ୍କ ମନରେ ଯାହା ସବୁ ସନ୍ଦେହ ଅଛି ତାହା ସତ ହୋଇପାରେ। ତେଣୁ ଅପେକ୍ଷା କରନ୍ତୁ ଏନେଇ ଖୁବଶୀଘ୍ର ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ ହେବ। ଦୁର୍ନୀତି ବିରୋଧରେ ଆମ ସରକାର ଶୂନ୍ୟ ସହନଶୀଳ ନୀତି ଆପଣାଇଛି। ତେଣୁ ହେଲିକପ୍ଟର ବୁଲାର ରିପୋର୍ଟ ଅଳ୍ପ ଦିନ ମଧ୍ୟରେ ବାହାରିବୟ ଆପଣମାନେ ଅପେକ୍ଷା କରନ୍ତୁ ବୋଲି କହିଛନ୍ତି ମନ୍ତ୍ରୀ। ତେବେ କହିରଖୁଛୁ. ପୂର୍ବ ସରକାରରେ ୫ଟି ସଚିବ ଭାବେ କାର୍ଯ୍ୟ କରୁଥିବା ବିଜେଡି ନେତା ଭିକେ ପାଣ୍ଡିଆନ ନିର୍ବଚନୀ ପ୍ରଚାର ଏବଂ ଲୋକଙ୍କ ଗୁହାରି ଶୁଣିବାକୁ ବିଭିନ୍ନ ଜିଲ୍ଲା ଗସ୍ତ କରୁଥିଲେ। ଏହି ସମୟରେ ସେ ହେଲିକପ୍ଟର ଯୋଗେ ଯାଆସ କରୁଥିଲେ। ଏମିତିକି ସେ ତାଙ୍କର ବ୍ୟକ୍ତିଗତ କାମ ପାଇଁ ମଧ ସରକାରୀ ଟଙ୍କାରେ ହେଲିକପ୍ଟର ବ୍ୟବହାର କରୁଥିଲେ ବୋଲି ଅଭିଯୋଗ ହୋଇଥିଲା। ଯାହାକୁ ନେଇ ସେତେବେଳେ ମଧ ରାଜନୀତିକ ମହଲରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଆଉ ଏବେ ଏହାର ଖୋଲତାଲ କରି ସବୁର ସତ୍ୟତା ସାର୍ବଜନୀନ କରିବେ ବୋଲି କହିଛନ୍ତି ମନ୍ତ୍ରୀ।

# କିଟ୍‌ର ୬ ଇଞ୍ଜିନିୟରିଂ ପାଠ୍ୟକ୍ରମକୁ ଆବେଟ୍ ସ୍ୱୀକୃତି

**ଭୁବନେଶ୍ୱର,୧୮।୮ (ମହାଭାରତ):** କିଟ୍ ବିଶ୍ୱବିଦ୍ୟାଳୟର ୬ଟି ଇଞ୍ଜିନୟିରିଂ ପାଠ୍ୟକ୍ରମକୁ ୬ବର୍ଷ ପାଇଁ ଆମେରିକାର ପ୍ରତିଷ୍ଠିତ ଆକ୍ରିଡିଟେସନ୍ ବୋର୍ଡ ଫର୍ ଇଞ୍ଜିନିୟରିଂ ଆଣ୍ଡ ଟେକ୍ନୋଲୋଜି (ଆବେଟ୍)ର ସ୍ୱୀକୃତି ମିଳିଛି। ଗୋଟିଏ ବିଶ୍ୱବିଦ୍ୟାଳୟର ୬ଟି ପାଠ୍ୟକ୍ରମକୁ ଆବେଟ ମାନ୍ୟତା ମିଳିବାରେ ଭାରତର ପ୍ରଥମ ବିଶ୍ୱବିଦ୍ୟାଳୟ ହେଉଛି କିଟ୍। ଆବେଟ୍ ସ୍ୱୀକୃତି ହେଉଛି ଇଂଜିନିୟରିଂ ଓ ଇଂଜିନିୟରିଂ ଟେକ୍ନୋଲୋଜି ଶିକ୍ଷାକୁ ସ୍ୱୀକୃତି ପ୍ରଦାନ କରୁଥିବା ବିଶ୍ୱର ପ୍ରମୁଖ ଅନୁଷ୍ଠାନ। ଏହା ଇଂଜିନିୟରିଂ ଶିକ୍ଷା ପାଇଁ 'ଗୋଲ୍‌ଡ୍ ଷ୍ଟାଣ୍ଡାର୍ଡ ମାନ ଥିବା ପାଠ୍ୟକ୍ରମ ସହ ଉତ୍ତୀର୍ଣ୍ଣ ହେଉଥିବା ସ୍ନାତକମାନଙ୍କୁ ଅନ୍ତର୍ଜାତୀୟସ୍ତରରେ କର୍ମକ୍ଷେତ୍ରରେ ପ୍ରବେଶ କରିବାର ସୁଯୋଗ ପ୍ରଦାନ କରିଥାଏ। ସମାନୁପାତିକ ଉନ୍ନତ ମାନ ପାଇଁ ଆମେରିକାର ଆବେଟ୍ କିଟ୍ ବିଶ୍ୱବିଦ୍ୟାଳୟକୁ ପୂର୍ବରୁ ୨୦୨୨ରେ ଏହି ସ୍ୱୀକୃତି ପ୍ରଦାନ କରିଥିବା ବେଳେ ଚଳିତବର୍ଷ ଏହାକୁ ଆଉ ୬ ବର୍ଷ ପର୍ଯ୍ୟନ୍ତ ବୃଦ୍ଧି କରିଛି। କିଟ୍ ବିଶ୍ୱବିଦ୍ୟାଳୟର କମ୍ପ୍ୟୁଟର ସାଇନ୍‌ସ ଓ ଇଞ୍ଜିନିୟରିଂ, ଇଲେକ୍ଟ୍ରୋନିକ୍‌ସ ଓ ଟେଲି କମ୍ୟୁନିକେସନ୍, ଇଲେକ୍ଟ୍ରିକାଲ୍ ଇଞ୍ଜିନିୟରିଂ, ଇଲେକ୍ଟ୍ରୋନିକ୍‌ସ ଓ ଇଲେକ୍ଟ୍ରିକାଲ୍ ଇଞ୍ଜିନିୟରିଂ, ମେକାନିକାଲ୍ ଓ ସିଭିଲ ଇଞ୍ଜିନିୟରିଂ ଭଳି ୬ଟି ବିଟେକ୍ ପାଠ୍ୟକ୍ରମକୁ ଏହି ସ୍ୱୀକୃତି ମିଳିଛି। ସୂଚନାଯୋଗ୍ୟ ବିଶ୍ୱସ୍ତରରେ ସମ୍ମାନୀତ ବେଞ୍ଚମାର୍କ ପ୍ରଦାନ କରୁଥିବା ଇଂଲଣ୍ଡର ଅନ୍ୟତମ ପ୍ରତିଷ୍ଠିତ ଅନୁଷ୍ଠାନ ଆଇଇଟି କିଟ୍ ବିଶ୍ୱବିଦ୍ୟାଳୟର ଇଞ୍ଜିନିୟରିଂ ପାଠ୍ୟକ୍ରମ ମଧ୍ୟ ସ୍ୱୀକୃତି ପ୍ରଦାନ କରିଛି। ଉଭୟ ଆବେଟ୍ ଓ ଆଇଇଟି ସ୍ୱୀକୃତି ପାଇବାରେ କିଟ୍ ଭାରତର ଏକମାତ୍ର ବିଶ୍ୱବିଦ୍ୟାଳୟ ହେବାର ଗୌରବ ଅର୍ଜନ କରିଛି। ଏବେ କିଟ୍ ବିଶ୍ୱବିଦ୍ୟାଳୟ ଆବେଟ୍ ସ୍ୱୀକୃତି ପାଇଥିବା ବିଶ୍ୱର ପ୍ରତିଷ୍ଠିତ ହାର୍ଭାର୍ଡ୍, କେମ୍ବ୍ରିଜ୍, ଷ୍ଟାନ୍‌ଫୋର୍ଡ, ମିଚିଗାନ୍ ଟେକ୍ନୋଲୋଜିକାଲ୍ ବିଶ୍ୱବିଦ୍ୟାଳୟ, ୟୁନିଭରସିଟି ଅଫ୍ ପେନ୍‌ସିଲ୍ ଭାନିଆ, କଲମ୍ବିଆ ବିଶ୍ୱବିଦ୍ୟାଳୟ, ନିୟୁୟର୍କ ୟୁନିଭରସିଟି ଅଫ୍ ଫ୍ଲୋରିଡ଼ା ଭଳି ଖ୍ୟାତି ସମ୍ପନ୍ନ ବିଶ୍ୱବିଦ୍ୟାଳୟ ତାଲିକାରେ ସ୍ଥାନ ପାଇଛି।




ସେହିପରି କିଟ୍ ୱାଲ୍ର୍ଡ ଟେକ୍ନୋଲୋଜି ୟୁନିଭରସିଟିଜ୍ ନେଟ୍‌ୱାର୍କ (ଡବ୍ଲୁଟିୟୁଏନ୍)ରେ ସାମିଲ୍ ହେବାର ଗୌରବ ଅର୍ଜନ କରିଛି। କିଟ୍ ଡବ୍ଲୁଟିୟୁଏନ୍‌ର ଏକ ସଦସ୍ୟ ହେବା ଫଳରେ କିଟ୍‌ର ବହୁ ଛାତ୍ରଛାତ୍ରୀ ବିଭିନ୍ନ ବିଶ୍ୱସ୍ତରୀୟ ପ୍ରତିଯୋଗିତାରେ ଭାଗ ନେବା ସହ ବ୍ରେନ୍ କ୍ୟାଣ୍ଟର ମେଧାବୃତ୍ତି, ହାକାଥନ୍ ଓ ବିନିମୟ କାର୍ଯ୍ୟକ୍ରମରେ ସାମିଲ୍ ହୋଇପାରିବେ। ଏହାଦ୍ୱାରା ବିଶ୍ୱର ୨୦ଟି ଖ୍ୟାତି ସମ୍ପନ୍ନ ବିଶ୍ୱବିଦ୍ୟାଳୟ ମଧ୍ୟରେ କିଟ୍ ସ୍ଥାନ ପାଇପାରିଛି।

ଏହା ସହିତ କିଟ୍ ଅଷ୍ଟ୍ରେଲିଆ-ଇଣ୍ଡିଆ କ୍ରିଟିକାଲ୍ ମିନେରାଲ୍‌ସ ରିସର୍ଚ୍ଚ ହବ୍ (ଏଆଇସିଏମ୍‌ଆର୍‌ଏଚ୍)ର ଅନୁମୋଦନ ପାଇବାର ଗୌରବ ଅର୍ଜନ କରିଛି। ଏହା ଭାରତ ସରକାରଙ୍କ ଶିକ୍ଷା ମନ୍ତ୍ରାଳୟ ଅଧିନରେ ଥିବା ଶିକ୍ଷା ଓ ଗବେଷଣା ପ୍ରୋତ୍ସାହନ ସହଯୋଗ ଯୋଜନା (ସ୍ପାର୍କ)ରେ ଅନ୍ତର୍ଭୁକ୍ତ। କିଟ୍ ସମେତ ଭାରତର ୧୭ଟି ଆଇଆଇଟି, ଏନ୍‌ଆଇଟି, ଆଇଆଇଏମ୍ ଭଳି ସୁନାମଧନ୍ୟ ଶିକ୍ଷାନୁଷ୍ଠାନ ଓ ଅଷ୍ଟ୍ରେଲିଆର ୧୧ଟି ଶିକ୍ଷାନୁଷ୍ଠାନ ଏହି କାର୍ଯ୍ୟକ୍ରମରେ ମିଳିତ ଭାବେ କାର୍ଯ୍ୟ କରିବେ।

ଏହି ସଫଳତାରେ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଖୁସି ବ୍ୟକ୍ତ କରିବା ସହ କିଟ୍‌ର ସମସ୍ତ ଛାତ୍ରଛାତ୍ରୀ, ଅଧ୍ୟାପକ ଅଧ୍ୟାପିକା ଓ ଶୁଭେଚ୍ଛୁମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

# କୃତ୍ରିମ ବନ୍ୟା

ବର୍ଷାରେ ସହରବାସୀ ଜଳବନ୍ଦୀ ହୋଇଯାଉଛନ୍ତି। ଅନେକ ସ୍ଥାନରେ ବର୍ଷା ପାଣି ଲହଡ଼ି ମାରୁଛି। ଲୋକେ ଗରୁ ପଦାକୁ ବାହାରି ପାରୁନାହାଁନ୍ତି। ଅନେକ ତଳିଆ ଅଞ୍ଚଳରେ ଲୋକଙ୍କ ଘରେ ପାଣି ପଶିଯାଉଛି। ରାସ୍ତାରେ ଯାଉଥିବା ଗାଡ଼ିମୋଟର ସବୁ ପାଣିରେ ବୁଡ଼ିଯାଉଛି। ଫଳରେ ଦୀର୍ଘ ସମୟ ଧରି ଟ୍ରାଫିକ ଜାମ ହେଉଛି। ଲୋକେ ନିଜ ଗନ୍ତବ୍ୟ ସ୍ଥଳରେ ପହଞ୍ଚିବାକୁ କଷ୍ଟ ସ୍ୱୀକାର କରୁଛନ୍ତି। ଅନେକ ସମୟରେ ଏଥିରେ ଜୀବନ ମଧ୍ୟ ଚାଲିଯାଉଛି। କିଛି ଦିନ ତଳେ ରାଜଧାନୀ ଭୁବନେଶ୍ୱରରେ ପ୍ରବଳ ବର୍ଷାରେ ଏକ ନାଳରେ ପାଣି ସୁଅ ଛୁଟୁଥିବା ବେଳେ ସେଥିରେ ଜଣେ ବାଳକ ଏଥିରେ ଭାସିଯାଇ ପ୍ରାଣ ହରାଇଛନ୍ତି। ପ୍ରତିବର୍ଷ କଟକ-ଭୁବନେଶ୍ୱରରେ ଏଭଳି ଘଟଣା ଘଟୁଛି ଏବଂ ମୂଲ୍ୟବାନ ଜୀବନ ଯାଉଛି। ଏହାକୁ ରୋକିବା ମଧ୍ୟ ସମ୍ଭବ ନୁହେଁ। କେତେ ଯାଗାରେ ସରକାର ନାଳ ବା ଡ୍ରେନ ଉପରେ ଢାଙ୍କୁଣି ପକାଇବେ? କିଛି ସ୍ଥାନରେ ଏହା ସମ୍ଭବ। ଆଉ କିଛି ସ୍ଥାନରେ ବାଡ଼ ଦିଆଯାଇପାରେ। କିନ୍ତୁ ସବୁଠି ସବୁ ବେଳେ ଏହା ସମ୍ଭବ ନୁହେଁ। ବର୍ଷାସମୟରେ ବା ବର୍ଷା ଛାଡ଼ିଯିବାର ଅଧଘଣ୍ଟା ପର୍ଯ୍ୟନ୍ତ ସତର୍କ ରହିବାକୁ ପଡ଼ିବ। ଏହି ସମୟରେ ଅଭିଭାବକମାନଙ୍କର ଦାୟିତ୍ୱ ରହିଛି। ବର୍ଷା ବେଳେ ବା ବର୍ଷା ଛାଡ଼ିଯିବା ପରେ କିଛି ସମୟ ପର୍ଯ୍ୟନ୍ତ ପିଲାମାନଙ୍କୁ ପଦାକୁ ଛାଡ଼ିବା ଅନୁଚିତ। ଏହା କେବଳ ଓଡ଼ିଶା ବା ଭୁବନେଶ୍ୱର ନୁହେଁ, ଦେଶର ଅନ୍ୟାନ୍ୟ ମହାନଗରୀ ବିଶେଷ କରି ମୁମ୍ବାଇ, ଦିଲ୍ଲୀ ଭଳି ନଗରୀରେ ମଧ୍ୟ ସମାନ ପରିସ୍ଥିତି। ଶୁକ୍ରବାର ରାଜଧାନୀ ଦିଲ୍ଲୀରେ ପ୍ରବଳ ବର୍ଷ ପରେ ଅନେକ ଅଞ୍ଚଳରେ ବନ୍ୟା ଭଳି ପରିସ୍ଥିତି ସୃଷ୍ଟି ହେଲା। ଘଣ୍ଟା ଘଣ୍ଟା ଧରି ରାସ୍ତା ଜାମ ହେଲା। ବର୍ଷା ପାଣି ଖସିବାକୁ ସ୍ଥଳ ବିଶେଷରେ ଦେଢ଼ରୁ ଦୁଇଘଣ୍ଟା ସମୟ ଲାଗୁଛି। ଏହାର କାରଣ ହେଲା ଜଳନିଷ୍କାସନ ବ୍ୟବସ୍ଥାରେ ତ୍ରୁଟି। ବର୍ଷା ହେଲେ ପାଣି ସୁଅ ଛୁଟିବ। କିନ୍ତୁ ପାଣି କିପରି ଶୀଘ୍ର ଖସିବ ସେହି ବ୍ୟବସ୍ଥା ହେବା ଉଚିତ। ବଡ଼ ବଡ଼ ସହରରେ ଜନସଂଖ୍ୟା ବୃଦ୍ଧି ସହ ତାଳ ଦେଇ ବଡ଼ ବଡ଼ କୋଠାମାନ ଗଢ଼ିଉଠୁଛି। ଅନେକ ସ୍ଥାନରେ ବେଆଇନ ଭାବେ କୋଠା ନିର୍ମାଣ ହେଉଛି। ଜଳନିଷ୍କାସନ ନିମନ୍ତେ ରହିଥିବା ନାଳ ଉପରେ ଘର ତିଆରି ହେଉଛି। ଅସ୍ଥାୟୀ ଦୋକାନ ଘର ନିର୍ମାଣ ହେଉଛି। ରାସ୍ତାକୁ ଜବର ଦଖଲ କରି ଘର ନିର୍ମାଣ ହେଉଛି। ରାସ୍ତା ଓ ଘର ମଧ୍ୟରେ କିଛି ଖାଲି ସ୍ଥାନ ରହୁନି। ସମସ୍ତେ ଘର ତିଆରି କରି ଭଡ଼ା ଦେବାରେ ବ୍ୟସ୍ତ। ନାଳରେ ପଲିଥିନ ଭର୍ତ୍ତି ହେଉଛି ଯାହା ଜଳନିଷ୍କାସନରେ ପ୍ରତିବନ୍ଧକ ସୃଷ୍ଟି କରୁଛି। ଜନସଂଖ୍ୟା ଏବଂ ଗାଡ଼ିମୋଟର ସଂଖ୍ୟା ବୃଦ୍ଧିକୁ ଦୃଷ୍ଟିରେ ରଖି ଅନେକ ସ୍ଥାନରେ ଫ୍ଲାଏ ଓଭରବ୍ରିଜ ଏବଂ ବହୁତଳ କୋଠା ବା ଆପାର୍ଟମେଣ୍ଟ ଗଢ଼ି ଉଠୁଛି। ଫ୍ଲାଏ ଓଭରବ୍ରିଜ ନିର୍ମାଣ ମଧ୍ୟ ସହରରେ କୃତ୍ରିମ ବନ୍ୟା ସୃଷ୍ଟି ହେବାର ଏକ ବଡ଼ କାରଣ। ଫ୍ଲାଏ ଓଭରବ୍ରିଜ ଉପରୁ ବର୍ଷା ପାଣି ଗଡ଼ି ଆସି ତଳେ ବନ୍ୟା ଭଳି ପରିସ୍ଥିତି ସୃଷ୍ଟି ହେଉଛି। ଏହାର ପ୍ରତିକାର ନିମନ୍ତେ ମାଷ୍ଟର ପ୍ଲାନର ଆବଶ୍ୟକତା ରହିଛି। ଭୂତଳ ଡ୍ରେନ ନିର୍ମାଣ ସହ ରାସ୍ତାକୁ ଜବରଦଖଲ ମୁକ୍ତ କରିବାକୁ ପଡ଼ିବ। ରାସ୍ତା କଡ଼ରେ ବେଆଇନ ନିର୍ମାଣକୁ ଭାଙ୍ଗିବାକୁ ପଡ଼ିବ। ଏହା ସହିତ ଜଳ ନିଷ୍କାସନର ପ୍ରାକୃତିକ ପଥକୁ ଉନ୍ମୁକ୍ତ ରଖିବାକୁ ପଡ଼ିବ। ଜଳର ପ୍ରକୃତି ହେଲା ତଳକୁ ଗଡ଼ିବା। ଏହାକୁ ରାସ୍ତା ଦେବାକୁ ପଡ଼ିବ। ବନ୍ଧ ବାନ୍ଧି ଏହାକୁ ଅଟକାଇଲେ ବନ୍ୟା ପରିସ୍ଥିତି ସୃଷ୍ଟି ହେବା ସ୍ୱାଭାବିକ। ରାଜଧାନୀ ଭୁବନେଶ୍ୱରର କଳେବର ଏବଂ ଜନସଂଖ୍ୟା ଗତ ତିନି ଦଶନ୍ଧି ମଧ୍ୟରେ ୪ଗୁଣ ବୃଦ୍ଧି ପାଇଛି। ସହରରେ ଶହ ଶହ ଆପାର୍ଟମେଣ୍ଟ ନିର୍ମାଣ ହୋଇଛି। ଅନେକ ସ୍ଥାନରେ ଫ୍ଲାଏ ଓଭରବ୍ରିଜ ନିର୍ମିତ ହୋଇଛି। ରାସ୍ତା ଅବରୁଦ୍ଧ କରାଯାଇ ନିର୍ମାଣ ହୋଇଛି। ଏଥିରେ ବହୁ ବଡ଼ ବଡ଼ିଆ, ପ୍ରଭାବଶାଳି ବ୍ୟକ୍ତି ସମ୍ପୃକ୍ତ।

# ଶ୍ରୀବଳରାମଙ୍କ ବିଷୟରେ ଜଣା ଅଜଣା ତଥ୍ୟ

**॥ ନିରୁପମା ଭୂୟାଁ ॥**

*ବଳଭଦ୍ରଙ୍କୁ ସମର୍ପିତ ଅନେକ ମନ୍ଦିର ମଧ୍ୟରୁ ପ୍ରସିଦ୍ଧ ହେଉଛି ତୁଳସୀକ୍ଷେତ୍ର ବା ଆଧୁନିକ କେନ୍ଦ୍ରାପଡ଼ାରେ ଥିବା ଶ୍ରୀବଳଦେବ ଜୀଉ ମନ୍ଦି। ଅଷ୍ଟାଦଶ ଶତାବ୍ଦୀରେ ନିର୍ମିତ ଏହି ମନ୍ଦିରରେ ଶ୍ରୀବଳଦେବଜୀଉଙ୍କ ସହିତ ଜଗନ୍ନାଥ, ଦେବୀ ସୁଭଦ୍ରାଙ୍କୁ ମଧ୍ୟ ପୂଜା କରାଯାଇଥାଏ। ଏହି ମନ୍ଦିରରେ ବଳଭଦ୍ରଙ୍କୁ ବଡ଼ ଠାକୁର ଭାବେ ପୂଜା କରାଯାଉଥିବାରୁ ଏହାର ଲୋକପ୍ରିୟତା ଅଧିକ। ବଳଦେବଜୀଉ ମନ୍ଦିରରେ ପୁରୀ ଶ୍ରୀମନ୍ଦିର ଭଳି ରଥଯାତ୍ରା ଅନୁଷ୍ଠିତ ହୋଇଥାଏ। ପ୍ରତିବର୍ଷ ଆଷାଢ଼ ମାସରେ ଶ୍ରୀବଳଦେବ ବ୍ରହ୍ମତାଳଧ୍ୱଜ ରଥରେ ବିରାଜମାନ କରିବା ପରେ ରଥଯାତ୍ରା ଅନୁଷ୍ଠିତ ହୋଇଥାଏ।*

ଭଗବାନ ଶ୍ରୀକୃଷ୍ଣ ଭଳି ବଳରାମ ପିଲାଦିନେ ଗୋପାଳକ ଭାବେ ଜୀବନ ଅତିବାହିତ କରିଥିଲେ। ତାଙ୍କର ଅଧିକାଂଶ ସମୟ ଶ୍ରୀକୃଷ୍ଣଙ୍କ ସହିତ କଟିଥିଲା। କୃଷ୍ଣ-ବଳରାମ ସାଥୀ ହୋଇ ସବୁଆଡ଼େ ଯାଉଥିଲେ। ସେ ଧେନୁକାସୁରର ବଧ କରିଥିଲେ। ମଥୁରାରେ ପ୍ରଳମ୍ବାସୁର ଏବଂ ମୁଷ୍ଟିକ ମଲ୍ଲଯୋଦ୍ଧାର ମୃତ୍ୟୁ ମଧ ବଳରାମଙ୍କ ହାତରେ ହୋଇଥିଲା। କଂସର ମୃତ୍ୟୁ ପରେ ଉଭୟ ଶ୍ରୀକୃଷ୍ଣ ଏବଂ ବଳରାମ ଗୁରୁ ସନ୍ଦିପନୀଙ୍କ ଆଶ୍ରମକୁ ଯାଇଥିଲେ। ସେଠାରେ ଦୁହେଁ ଅସ୍ତ୍ର ଏବଂ ଶାସ୍ତ୍ର ଜ୍ଞାନ ଶିକ୍ଷା ଲାଭ କରିଥିଲେ।

ଯଦୁବଂଶର ଦାୟାଦ ହୋଇଥିଲେ ବି ନନ୍ଦ ରାଜାଙ୍କ ଘରେ ଜନ୍ମ ହୋଇଥିବାରୁ ଦୁଇଟି ପରିବାର ଅଂଶ ଥିଲେ ବଳରାମ। ଜଣେ ମାତାଙ୍କ ଗର୍ଭରେ ରହିବା ପରେ ଅନ୍ୟ ଜଣେ ମାତାଙ୍କ ଗର୍ଭ ଦେଇ ସଂସାରକୁ ଆସିଥିବାରୁ ସେ ଶଙ୍କର୍ଷଣ ନାମରେ ପରିଚିତ ହୋଇଥିଲେ। ତେବେ ତାଙ୍କର ପିଲାଦିନର ନାମ ଥିଲା ରାମ। ମହାଶକ୍ତିଶାଳୀ ହୋଇଥିବାରୁ ତାଙ୍କ ନାମ ପୂର୍ବରୁ ବଳ ଯୋଡ଼ାଯାଇଥିଲା। ଫଳରେ ସେ ବଳରାମ ନାମରେ ପରିଚିତ ହେଲେ। ନନ୍ଦ ରାଜାଙ୍କ ଆମନ୍ତ୍ରଣ କ୍ରମେ ମୁନି ଗର୍ଗ ନନ୍ଦଗ୍ରାମକୁ ଆସି ଶ୍ରୀକୃଷ୍ଣ ତଥା ବଳରାମଙ୍କ ନାମକରଣ କରିଥିଲେ।



ଶ୍ରୀକୃଷ୍ଣଙ୍କ ବର୍ଣ୍ଣ କୃଷ୍ଣ ବା କଳା ରଙ୍ଗର ହୋଇଥିବା ବେଳେ ବଳଭଦ୍ରଙ୍କ ଥିଲେ ଗୌରବର୍ଣ୍ଣ। ସେଥିପାଇଁ ସର୍ବତ୍ର ବଳରାମଙ୍କ ଗୌରବର୍ଣ୍ଣର ମୂର୍ତ୍ତି ପୂଜା କରାଯାଉଥିବା ଦେଖିବାକୁ ମିଳିଥାଏ। ବଳରାମ ଅତ୍ୟନ୍ତ ଶକ୍ତିଶାଳୀ ଥିଲେ। ସେ ହାତରେ ହଳ ଏବଂ ଗଦା ଧାରଣ କରୁଥିଲେ। ତାଙ୍କ ହଳ ଲଙ୍ଗଳର ନାମ ଥିଲା ବାଲଚିତ୍ର। ସେ ସର୍ବଦା ନୀଳ ବର୍ଣ୍ଣର ବସ୍ତ୍ର ପରିଧାନ କରୁଥିଲେ। ତାଙ୍କ ଗଳରେ ବଣରୁ ତୋଳାଯାଇଥିବା ଫୁଲର ମାଳା ଲମ୍ବିଥିଲା। କର୍ଣ୍ଣରେ କୁଣ୍ଡଳ, ମସ୍ତକରେ ଚିତା ଝଟକୁ ଥିଲା। ଲମ୍ବା କେଶ ଥିଲା। ମୁଣ୍ଡରେ ଜଟା କରି କେଶ ବାନ୍ଧୁଥିଲେ। ହାତରେ ମଣିବନ୍ଧ, କଟିବନ୍ଧ ଆଦି ଶୋଭା ପାଉଥିଲା। ତାଙ୍କର ଶକ୍ତି ସାଙ୍ଗକୁ ତାଙ୍କ ସ୍ୱରୂପ ସମସ୍ତଙ୍କ ପାଇଁ ଆକର୍ଷଣୀୟ ଥିଲା ବୋଲି ପୁରାଣରେ ବର୍ଣ୍ଣନା କରାଯାଇଛି।

ମହାଭାରତ ଯୁଦ୍ଧରେ ଭଗବାନ ଶ୍ରୀକୃଷ୍ଣଙ୍କ ଭଳି ବଳରାମ ମଧ୍ୟ ଅସ୍ତ୍ର ଉଠାଇବେ ନାହିଁ ପ୍ରତିଜ୍ଞା କରିଥିଲେ। ଭୀମ ଏବଂ ଦୁର୍ଯ୍ୟୋଧନ ବଳରାମଙ୍କ ଠାରୁ ଗଦା ଯୁଦ୍ଧ ଶିକ୍ଷା ଗ୍ରହଣ କରିଥିଲେ। ଯୁଦ୍ଧରେ ଭୀମ ନିୟମ ଭଙ୍ଗ କରି ଦୁର୍ଯ୍ୟୋଧନର ଅଣ୍ଟା ତଳ ଅଂଶକୁ ପ୍ରହାର କରି ତାର ବଧ କରିଥିଲେ। ଏହା ଜାଣିବା ପରେ ବଳରାମ କ୍ରୋଧିତ ହୋଇ ଭୀମଙ୍କ ହଳ ସାହାଯ୍ୟରେ ବଧ କରିବାକୁ ଆସିଲେ। ମାତ୍ର ଶ୍ରୀକୃଷ୍ଣ ତାଙ୍କୁ ଅଟକାଇ କହିଲେ, ଭୀମ ଅଧର୍ମର ବିନାଶ ଲାଗି ଦୁର୍ଯ୍ୟୋଧନର ବଧ କରିଛନ୍ତି। ତା'ଛଡ଼ା ଦ୍ରୌପଦୀର ବସ୍ତ୍ର ହରଣ କରିଥିବାରୁ ଦୁର୍ଯ୍ୟୋଧନକୁ ମାରିବା ଲାଗି ଭୀମ ଶପଥ ନେଇଥିଲେ। ଆପଣ କାହିଁକି ଅଯଥାରେ ଭୀମଙ୍କୁ ମାରି ପାପ ମୁଣ୍ଡାଇବେ? ଶ୍ରୀକୃଷ୍ଣଙ୍କ କଥା ଶୁଣିବା ପରେ ବଳରାମଙ୍କ କ୍ରୋଧ ଶାନ୍ତ ହୋଇଥିଲା।

ବଳଭଦ୍ରଙ୍କୁ ସମର୍ପିତ ଅନେକ ମନ୍ଦିର ମଧ୍ୟରୁ ପ୍ରସିଦ୍ଧ ହେଉଛି ତୁଳସୀକ୍ଷେତ୍ର ବା ଆଧୁନିକ କେନ୍ଦ୍ରାପଡ଼ାରେ ଥିବା ଶ୍ରୀବଳଦେବ ଜୀଉ ମନ୍ଦି। ଅଷ୍ଟାଦଶ ଶତାବ୍ଦୀରେ ନିର୍ମିତ ଏହି ମନ୍ଦିରରେ ଶ୍ରୀବଳଦେବଜୀଉଙ୍କ ସହିତ ଜଗନ୍ନାଥ, ଦେବୀ ସୁଭଦ୍ରାଙ୍କୁ ମଧ୍ୟ ପୂଜା କରାଯାଇଥାଏ। ଏହି ମନ୍ଦିରରେ ବଳଭଦ୍ରଙ୍କୁ ବଡ଼ ଠାକୁର ଭାବେ ପୂଜା କରାଯାଉଥିବାରୁ ଏହାର ଲୋକପ୍ରିୟତା ଅଧିକ। ବଳଦେବଜୀଉ ମନ୍ଦିରରେ ପୁରୀ ଶ୍ରୀମନ୍ଦିର ଭଳି ରଥଯାତ୍ରା ଅନୁଷ୍ଠିତ ହୋଇଥାଏ। ପ୍ରତିବର୍ଷ ଆଷାଢ଼ ମାସରେ ଶ୍ରୀବଳଦେବ ବ୍ରହ୍ମତାଳଧ୍ୱଜ ରଥରେ ବିରାଜମାନ କରିବା ପରେ ରଥଯାତ୍ରା ଅନୁଷ୍ଠିତ ହୋଇଥାଏ। ବର୍ଷତମାମ ଏଠାରେ ଶ୍ରୀବଳଦେବଙ୍କ ବିଭିନ୍ନ ବେଶ ଅନୁଷ୍ଠିତ ହୋଇଥାଏ। ଏଠାରେ ଦେବୀ ତୁଳସୀଙ୍କୁ ମଧ୍ୟ ପୂଜା କରାଯାଇଥାଏ।

ଶ୍ରୀବଳଦେବଜୀଉ ମନ୍ଦିର ବ୍ୟତୀତ ରାଜଧାନୀ ଭୁବନେଶ୍ୱରସ୍ଥିତ ଅନନ୍ତ ବାସୁଦେବ ମନ୍ଦିର, ପୁରୀ ଶ୍ରୀକ୍ଷେତ୍ରରେ ମଧ ଶ୍ରୀବଳଭଦ୍ରଙ୍କୁ ପୂଜା କରାଯାଇଥାଏ। ଓଡ଼ିଶାର ଅନ୍ୟ ଅଞ୍ଚଳରେ ମଧ ବଳଭଦ୍ରଙ୍କୁ ସମର୍ପିତ ମନ୍ଦିର ଦେଖିବାକୁ ମିଳିଥାଏ। ଏହାଛଡ଼ା ପଞ୍ଜାବର ନଓ୍ୱାନ୍‌ସହରରେ ଥିବା ବଳିୟାନା ମନ୍ଦିର ମଧ ଶ୍ରୀବଳରାମଙ୍କୁ ସମର୍ପିତ ବୋଲି ଜଣାଯାଏ।

ମହାଗ୍ରନ୍ଥ ମହାଭାରତରେ ବଳରାମଙ୍କ ସମ୍ବନ୍ଧରେ ବର୍ଣ୍ଣନା ରହିଛି। ହରିବଂଶ ପୁରାଣ, ଭାଗବତ ଏବଂ ଅନ୍ୟ ପୁରାଣରେ ତାଙ୍କୁ ବ୍ୟୁହ ଅବତାର ଶଂକର୍ଷଣ ଭାବେ ବର୍ଣ୍ଣନା କରାଯାଇଛି। ଶେଷନାଗଙ୍କ ଅବତାର ବଳରାମ ତ୍ରେତୟା ଯୁଗରେ ପ୍ରଭୁ ଶ୍ରୀରାମଙ୍କ ଅନୁଜ ଲକ୍ଷ୍ମଣଙ୍କ ରୂପରେ ଅବତାର ନେଇଥିଲେ ବୋଲି କେତେକ ଧର୍ମଗ୍ରନ୍ଥରେ ଉଲ୍ଲେଖ ରହିଛି। ମହାଭାରତରେ ମହାମୁନି ବ୍ୟାସଦେବ ବର୍ଣ୍ଣନା କରିଛନ୍ତି ଯେ ଅନ୍ତିମ ସମୟ ଆସିବାରୁ ଭଗବାନ ବଳରାମ ଏକ ବୃକ୍ଷ ମୂଳରେ ଧ୍ୟାନରେ ବସିଲେ। ଏହାପରେସେ ଏକ ଧଳା ସର୍ପରେ ପରିଣତ ହୋଇଗଲେ। ଏହି ସର୍ପ ଅତ୍ୟନ୍ତ ବିଶାଳ ତଥା ଏକାଧିକ ଫଣା ବିଶିଷ୍ଟ ଥିଲା। ଏହାପରେ ବଳରାମ ସମୁଦ୍ରରେ ପ୍ରବେଶ କରିଯାଇଥିଲେ। ଏହି ଘଟଣାରୁ ବଳରାମ ଶେଷନାଗଙ୍କ ଅବତାର ଥିଲେ ବୋଲି ବିଶ୍ୱାସ କରାଯାଏ। ଦ୍ୱାପର ଯୁଗରେ ସେ ବଳରାମ, ତ୍ରେତୟା ଯୁଗରେ ସେ ଲକ୍ଷ୍ମଣଙ୍କ ରୂପରେ ଜନ୍ମ ନେଇଥିବା ଅନେକ ଧର୍ମଗ୍ରନ୍ଥରେ ଉଲ୍ଲେଖ ରହିଛି। ସେହିପରି କଳିଯୁଗରେ ସେ ମହର୍ଷି ପତଞ୍ଜଳିଙ୍କ ରୂପରେ ଅବତାର ନେଇଥିବା କୁହାଯାଏ। ପତଞ୍ଜଳୀ ଯୋଗଶାସ୍ତ୍ର ବିଷୟରେ ପ୍ରଥମ ପୁସ୍ତକ ରଚନା କରିଥିଲେ।

ପୂର୍ବତନ ଜିଲ୍ଲା ସଂଯୋଜିକା (ଶିକ୍ଷା) ଶ୍ରୀ ସତ୍ୟସାଇ ସେବା ସଙ୍ଗଠନ, କେନ୍ଦ୍ରାପଡ଼ା ଜିଲ୍ଲା, ପଲାଇ ବାଲିଚନ୍ଦ୍ରପୁର, ଯାଜପୁର,
ଦୂରଭାଷ : ୯୯୩୭୪୭୦୯୮୦

# ରାକ୍ଷୀ ପୂର୍ଣ୍ଣିମା

**॥ ଅକ୍ଷୟ କୁମାର ରାଉତ ॥**

ଉତ୍କଳୀୟ ସଂସ୍କୃତି ଓ ପରମ୍ପରାରେ ପାଳନ କରାଯାଉଥିବା ପର୍ବ ପର୍ବାଣି ଓ ଓଷା ବ୍ରତ ଗୁଡିକ ପ୍ରାୟତଃ ତିଥି ଓ ବାରକୁ କେନ୍ଦ୍ର କରି ପାଳନ କରାଯାଇଥାଏ । ଅମାବାସ୍ୟା, ସଂକ୍ରାନ୍ତି, ଏକାଦଶୀ ଓ ପୂର୍ଣ୍ଣିମା ସମୟରେ ଆମର ପର୍ବ ପର୍ବାଣି ଗୁଡିକ ପାଳିତ ହୁଏ । ପ୍ରତ୍ୟେକ ପୂର୍ଣ୍ଣିମାର ସ୍ୱତନ୍ତ୍ର ନାମ ରହିଛି । ଯେପରି ବୁଦ୍ଧପୂର୍ଣ୍ଣିମା, ଦେବସ୍ନାନପୂର୍ଣ୍ଣିମା, ବ୍ୟାସପୂର୍ଣ୍ଣିମା, ଗୁରୁ ପୂର୍ଣ୍ଣିମା, କୁମାର ପୂର୍ଣ୍ଣିମା, ଅଗ୍ନି ପୂର୍ଣ୍ଣିମା ଓ ଦୋଳ ପୂର୍ଣ୍ଣିମା । ସେହିପରି ଶ୍ରାବଣ ମାସର ପୂର୍ଣ୍ଣିମାକୁ ରାକ୍ଷୀ ପୂର୍ଣ୍ଣିମା ବା ଗହ୍ମା ପୂର୍ଣ୍ଣିମା କୁହାଯାଏ । ଦଶ ଅବତାର ମଧରେ ଅଷ୍ଟମ ଅବତାର ଶ୍ରୀ ବଳରାମଙ୍କ ଜନ୍ମତିଥି ରୂପେ ଶ୍ରାବଣ ପୂର୍ଣ୍ଣିମୀ ମହା ସମାରୋହରେ ପାଳନ କରାଯାଏ । ପ୍ରଭୁ ଶ୍ରୀବଳଭଦ୍ରଙ୍କର ଆୟୁଧ ହଳ ଲଙ୍ଗଳ ଓ ତାଙ୍କର ଜନ୍ମ ଗୋଗୋଷ୍ଠରେ ହୋଇଥିବାରୁ ଆମ୍ଭେ ମାନେ ହଳ ଲଙ୍ଗଳ ସହିତ ଗାଇ ଗୋରୁଙ୍କୁ ପୂଜା କରିଥାଉ । ଗୋ ରସରୁ ପ୍ରସ୍ତୁତ ଲହୁଣି, ଘିଅ, ଓ ଛେନା ଇତ୍ୟାଦି ମଣିଷ ଶରୀର ପାଇଁ ଉପକାରୀ ଖାଦ୍ୟ । ଆମ ପୂଜା ପାଇଁ ପଚାଂମୃତ ବା ପଚଂଗଦ୍ୟର ଆବଶ୍ୟକତା ଅଛି । ସେଥିପାଇଁ ଆମ ସମାଜ ଗାଇକୁ ସୁଖ ପ୍ରଦାନ କାରିଣୀ ଗୋମାତା ରୂପେ ସେବା ଓ ପୂଜା କରିଥାଏ ।

ରାକ୍ଷୀ ବନ୍ଧନ ସର୍ମ୍ପକରେ ପୁରାଣ ଓ ଇତିହାସରେ ହୃଦୟ ସ୍ପର୍ଶୀ କାହାଣୀ ବିଦ୍ୟମାନ । ଇନ୍ଦ୍ର ବୃତ୍ରାସୁର ସମର ସମୟରେ ଦେବଗୁରୁ ବୃହସ୍ପତିଙ୍କ ପରାମର୍ଶ କ୍ରମେ ଶଚୀ ଇନ୍ଦ୍ରଙ୍କ ହାତରେ ରକ୍ଷା ସୂତ୍ର ବା ରାକ୍ଷୀ ବାନ୍ଧି ଦେବାରୁ ଇନ୍ଦ୍ର ଜୟଯୁକ୍ତ ହେଲେ । ସେହି ଦିନ ଠାରୁ ତାହା ରକ୍ଷାବନ୍ଧନ ରୂପେ ମାନ୍ୟତା ଲାଭ କରି ଅଛି । ଶ୍ରୀକୃଷ୍ଣଙ୍କ ହସ୍ତାଙ୍ଗୁଳି କଟିବାରୁ ଦ୍ରୌପଦୀ ନିଜ ପିନ୍ଧା ଶାଢୀକୁ ଚିରି ତାଙ୍କ କ୍ଷତ ସ୍ଥାନରେ ବାନ୍ଧି ଦେବାରୁ ପର ଅବସ୍ଥାରେ ଦ୍ୱାରକାଧିପତି କୋଟି ବସ୍ତ୍ର ଦେଇ ଦ୍ରୌପଦୀଙ୍କ ମାନ ରକ୍ଷା କରିଥିଲେ । ଦେବୀ ମହାଲକ୍ଷ୍ମୀ ଭଉଣୀ ରୂପରେ ଶ୍ରାବଣ ପୂର୍ଣ୍ଣିମାରେ ବଳିଙ୍କ ହାତରେ ରାକ୍ଷୀ ବାନ୍ଧି ଦେଇ ଭଗବାନ୍ ବିଷ୍ଣୁଙ୍କୁ ପାତାଳ ଲୋକରୁ ବୈକୁଣ୍ଠକୁ ନେଇଯାଇ ଥିଲେ । ସେହି ଦିନ ଠାରୁ ଭଉଣୀମାନେ ଭାଇମାନଙ୍କ ହାତରେ ରାକ୍ଷୀ ବାନ୍ଧି ଭାଇ ଭଉଣୀର ସର୍ମ୍ପକକୁ ଅତୁଟ ରଖିଥିଲେ ।

ମାତା ସିତା ସତାନନ ରାବଣ ଠାରୁ ପ୍ରଭୁ ରାମଙ୍କୁ ରକ୍ଷା ପାଇଁ ପ୍ରତିବ୍ରତା ଧର୍ମର ରକ୍ଷା କବଚ ପ୍ରଦାନ କରିଥିଲେ । ମା' ମାନେ ନିଜ ନିଜ ଇଷ୍ଟ ଦେବା ଦେବୀଙ୍କ ନିକଟରେ ପୂଜା କରି ରକ୍ଷା କବଚ ସନ୍ତାନ ମାନଙ୍କର କଲ୍ୟାଣ ନିମନ୍ତେ ପିନ୍ଧାଇ ଥାଆନ୍ତି । ଆଲେକ୍‌ଜାଣ୍ଡାର ଓ ପୁରୁଙ୍କ ଯୁଦ୍ଧକୁ ନେଇ ରାକ୍ଷୀ ସମ୍ବନ୍ଧୀୟ ଏକ କାହାଣୀ ରହିଛି । ଆଲେକ୍‌ଜାଣ୍ଡାରଙ୍କ ପତ୍ନୀ ପୁରୁଙ୍କ ହାତରେ ରାକ୍ଷୀ ବାନ୍ଧି ଥିବାରୁ ପୁରୁ ହତ୍ୟା କରିବା ପାଇଁ ଉଦ୍ୟମ ବେଳେ ଭଉଣୀର କଥା ମନେ ପକାଇ ଆଲେକ୍‌ଜାଣ୍ଡାରଙ୍କୁ ଛାଡିଦେଇ ଥିଲେ । ଚିତୋରର ବିଧବା ରାଣୀ କର୍ଣ୍ଣାବତୀ ଦିଲ୍ଲୀର ସମ୍ରାଟ ହୁମାୟନଙ୍କ ନିକଟକୁ ଏକ ରାକ୍ଷୀ ପଠାଇ ଥିବାରୁ ହୁମାୟନ ଭଉଣୀ କର୍ଣ୍ଣାବତୀର ସୂରକ୍ଷା ନିମନ୍ତେ ସେନା ପ୍ରେରଣ କରିଥିଲେ ।

ବିଶ୍ୱକବି ରବିନ୍ଦ୍ରନାଥ ଟାଗୁର ହିନ୍ଦୁ ଓ ମୁସଲମାନ ଉଭୟଙ୍କ ମଧରେ ରାକ୍ଷୀ ବନ୍ଧନ କରି ବିଶ୍ୱ ଭାତୃତ୍ୱକୁ ଏକ ନୂତନ ଦିଗ୍ ଦର୍ଶନ ଦେଇଥିଲେ । ମହାନ ସ୍ୱାଧୀନତା ସଂଗ୍ରାମି ଚନ୍ଦ୍ରଶେଖର ଆଜାଦ୍ ଇଂରେଜ ମାନଙ୍କ ଆଖିରେ ଧୂଳି ଦେଇ ଜଣେ ବିଧବା ସ୍ତ୍ରୀ ଲୋକ ଘରେ ଆଶ୍ରୟ ନେଇଥିଲେ । ବିଧବା ସ୍ତ୍ରୀ ଲୋକଟି ଚନ୍ଦ୍ରଶେଖର ଆଜାଦ୍‌ଙ୍କ ହାତରେ ରାଖି ବାନ୍ଧି ଦେଇଥିଲା । ଅଭାବି ସ୍ତ୍ରୀ ଲୋକଟିର ଝିଅ ବିଭାହ ପାଇଁ ଚନ୍ଦ୍ରଶେଖର ତାଙ୍କୁ କହିଥିଲେ, ସେ ତାଙ୍କୁ ଇଂରେଜଙ୍କ ନିକଟରେ ଧରାଇ ଦେଲେ ୫ ହଜାର ଟଙ୍କା ପୁରସ୍କାର ପାଇବେ । କିନ୍ତୁ ସ୍ତ୍ରୀ ଲୋକଟି ଉତର ଦେଇଥିଲା, ଯିଏ ଭାରତ ମାତା ପାଇଁ ଇଂରେଜ ସରକାରଙ୍କ ସହିତ ଲଢୁଛି ଓ ମୋ ରାକ୍ଷୀର ମାନ ରକ୍ଷା କରୁଛି, ମୁ ତାଙ୍କୁ କିପରି ବିଦେଶୀ ସରକାରଙ୍କ ହାରତେ ଧରାଇ ଦେବି। ତା'ପର ଦିନ ଚନ୍ଦ୍ରଶେଖର ୫ ହଜାର ଟଙ୍କା ରଖି ଦେଇ, ଭଉଣୀ ଉଦ୍ଦେଶ୍ୟରେ ଏକ ପତ୍ର ଲେଖି ସେଠାରୁ ବିଦାୟ ନେଇଥିଲେ ।

ପ୍ରାୟ ଭାରତର ସବୁ ସ୍ଥାନରେ ରାକ୍ଷୀ ଉତ୍ସବ ପାଳିତ ହୁଏ । ଉତର ପଶ୍ଚିମ ଭାରତରେ ରାକ୍ଷୀ ପୂର୍ଣ୍ଣିମା ଭାବରେ ପାଳନ କରାଯାଏ । ମହାରଷ୍ଟ୍ର, ଗୁଜୁରାଟ, ଗୋଆ ଓ କର୍ଣ୍ଣାଟକର କେତେ ଅଂଚଳରେ ଏହା ରାକ୍ଷୀ ପୂର୍ଣ୍ଣିମା ବା ନାରିୟଲ ପୂର୍ଣ୍ଣିମା ଭାବେ ପରିଚିତ । ଏହି ଦିନ ଅନନ୍ତଶାୟୀ ବିଷ୍ଣୁଙ୍କ ଉଦେଶ୍ୟରେ ନଡିଆ ସମୁଦ୍ରକୁ ଫିଙ୍ଗା ଯାଇଥାଏ । ବ୍ରାହ୍ମଣ ମାନେ ଏହିଦିନ ନୂତନ ଯଜ୍ଞୋପବୀତ ଧାରଣ କରିଥାଆନ୍ତି । ମଧ୍ୟପ୍ରଦେଶ, ଛତିଶଗଡ, ଝାଡଖଣ୍ଡ, ଓ ବିହାରରେ ଏହାକୁ କଜରି ପୂର୍ଣ୍ଣିମା ବୋଲି କୁହାଯାଏ । ଏହି ପୂର୍ଣ୍ଣିମା କୃଷକମାନଙ୍କ ପାଇଁ ଗୁରୁତ୍ୱ ବହନ କରିଥାଏ। ଶ୍ରାବଣ ପୂର୍ଣ୍ଣିମାର ଏହି ରକ୍ଷା ବନ୍ଧନ ପର୍ବ, ପତ୍ନୀ ଭାବେ ପତିର ରକ୍ଷା, ପତି ଭାବେ ପତ୍ନୀର ରକ୍ଷା, ଭ୍ରାତା ଭାବରେ ଭଗ୍ନୀର ରକ୍ଷା, ଭକ୍ତ ଭାବରେ ପ୍ରଭୁଙ୍କର ରକ୍ଷା, ଭଗବାନ ଭାବେ ଭକ୍ତର ରକ୍ଷା, ପୁତ୍ର ଭାବେ ପିତା ମାତାଙ୍କର ରକ୍ଷା, ପିତାମାତା ଭାବେ ସନ୍ତାନର ରକ୍ଷା, ନାଗରିକ ଭାବେ ରାଷ୍ଟ୍ରର ରକ୍ଷା, ମାନବ ଭାବେ ମାନବିକତାର ରକ୍ଷା । ଈର୍ଷା, ଦ୍ୱେଶ, ପରଶ୍ରୀକାତରତା, ମନାନ୍ତର, ମତାନ୍ତର, ତିକ୍ତତା ଓ ବିରୋଧି ଭାବକୁ ପରିତ୍ୟାଗ କରି ବିଶ୍ୱକୁ ଏକ ପରିବାର ମାନି ନେବା ରକ୍ଷା ବନ୍ଧନର ମୂଳ ଉଦେଶ୍ୟ । ଅଧର୍ମ, ଅନ୍ୟାୟ ଅସତ୍ୟ, ଅଜ୍ଞାନ ତାର ବିନାଶ କରି, ମାନବିକ ଧର୍ମର ପ୍ରତିଷ୍ଠା କରିବାକୁ ରାକ୍ଷୀ ପୂର୍ଣ୍ଣିମା ନିର୍ଦ୍ଦେଶ ଦେଇଥାଏ । ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ପରସ୍ପର ମଧରେ ଭାଇ ଚାରା ଏହି ପର୍ବ ସୃଷ୍ଟି କରିଥାଏ । ନାରି ଜାତି, କୃଷକ, ଗୋସମ୍ପଦ, କୃଷି, ଜଙ୍ଗଲ ଓ ଜୀବଜଗତର ସୁରକ୍ଷାର ସାମାଜିକ ବାର୍ତା ଏହି ରକ୍ଷାବନ୍ଧନର ମୂଳତତ୍ୱ । ଏହି ପର୍ବ ଆମ ଭାରତୀୟ ସଂସ୍କୃତି, ପରମ୍ପରାକୁ ଗୌରବାନ୍ୱିତ ଓ ସମୃଦ୍ଧଶାଳୀ କରିଥାଏ ।

**ପାରାଦ୍ୱିପଗଡ, କୁଜଙ୍ଗ, ଜଗତସିଂହପୁର**

# ସମ୍ପର୍କର ପର୍ବ ରାକ୍ଷୀ ପୂର୍ଣ୍ଣିମା

**॥ କବୀର କୁମାର ଜେନା ॥**

ରାକ୍ଷୀ ପୂର୍ଣ୍ଣିମ ବା ଗହ୍ମା ପୂର୍ଣ୍ଣିମା ମୁଖ୍ୟତଃ ଏକ ହିନ୍ଦୁ ପର୍ବ ଯାହା ଭାରତରେ ଓ ଭାରତବାସୀଙ୍କ ଦ୍ୱାରା ପାଳନ କରାଯାଏ। ଏହି ପର୍ବ ଭାଇ ଓ ଭଉଣୀଙ୍କ ମଧ୍ୟରେ ବନ୍ଧୁତ୍ୱକୁ ଦୃଢ଼ କରିଥାଏ। ଏହି ଦିନ ଭଉଣୀ ଭାଇ ହାତରେ ରାକ୍ଷୀ ବାନ୍ଧିଥାଏ ଓ ତାର ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ପ୍ରାର୍ଥନା କରିଥାଏ, ବଦଳରେ ଭାଇ ତାର ଭଉଣୀକୁ ରକ୍ଷା କରିବାର ସଙ୍କଳ୍ପ ନେଇଥାଏ। ଏହି ପର୍ବ ଶ୍ରାବଣ ମାସର ପୂର୍ଣ୍ଣିମା ଦିନ ପାଳନ କରାଯାଇଥାଏ। ତେବେ ଅନେକ ହୁଏତ ଜାଣିନଥିବେ ଏଯାବତ୍ ଚଳି ଆସୁଥିବା ସଂସ୍କୃତ ବ୍ୟାକରଣର ଜନକ ପାଣୀନିଙ୍କ ୨୫ଶହ ତମ ଜୟନ୍ତୀ ଅବସରରେ ୧୯୬୯ ଅଗଷ୍ଟ ୧୯ ତାରିକ ଦିନ ଭାରତ ସରକାର ବିଶ୍ୱ ସଂସ୍କୃତ ଦିବସ ଘୋଷଣା କରିଥିଲେ। ସଂଯୋଗକୁ ସେହି ଦିନଟି ଥିଲା ଶ୍ରାବଣ ପୂର୍ଣ୍ଣିମା ବା ରାକ୍ଷୀ ପୂର୍ଣ୍ଣିମା। ତେବେ ପରବର୍ତ୍ତୀ ସମୟରେ ୨୦୧୯ରେ ୟୁନାଇଟେଡ ନେସନସ ଏଜୁକେସନାଲ ସାଇଣ୍ଟିଫିକ ଆଣ୍ଡ କଲଚରାଲ ଅର୍ଗାନାଇଜେସନ ଅଗଷ୍ଟ ୧୯କୁ ଆନ୍ତର୍ଜାତିକ ସଂସ୍କୃତ ଦିବସ ରୂପେ ଘୋଷଣା କରିଛି।

ପୁରାଣ ଓ ଇତିହାସରେ ରହିଛି ରକ୍ଷାବନ୍ଧନର ଅନେକ ଘଟଣା। ପୁରାଣରେ ଅସୁର ରାଜା ବଳି ଠାରୁ ମୋଗଲ ସମ୍ରାଟ ହୁମାୟୁନଙ୍କ ଯାଏଁ ରକ୍ଷାବନ୍ଧନ ଭଉଣୀର ସମ୍ମାନ ରକ୍ଷା କରିଆସିଛି। ଶ୍ରୀକୃଷ୍ଣ ଅତ୍ୟାଚାରୀ ଶିଶୁପାଳକୁ ବଧ କରିବା ବେଳେ ତାଙ୍କର ଅଙ୍ଗୁଳି କଟିଯାଇଥିଲା। ସେଥିରୁ ରକ୍ତ ବାହାରିବା ଦେଖି ଦ୍ରୌପଦୀ ନିଜ ପିନ୍ଧା ଶାଢ଼ୀ ଚିରି ସେଥିରେ ଗୁଡ଼ାଇ ଦେଇଥିଲେ, ଫଳରେ ରକ୍ତ ବନ୍ଦ ହୋଇଯାଇଥିଲା। ଦ୍ରୌପଦୀଙ୍କ ମଧ୍ୟରେ ଶ୍ରୀକୃଷ୍ଣଙ୍କ ଭଉଣୀର ସ୍ନେହ ପାଇଥିଲେ। ଯେତେବେଳେ କୁରୁସଭାରେ ଦ୍ରୌପଦୀଙ୍କୁ କୌରବମାନେ ବିବସନା କରିବାକୁ ଉଦ୍ୟତ ହେଲେ ସେତେବେଳେ ଶ୍ରୀକୃଷ୍ଣ ବସ୍ତ୍ର ଦାନ କରି ଦ୍ରୌପଦୀଙ୍କ ସମ୍ମାନ ରକ୍ଷା କରିଥିଲେ। ଇତିହାସରେ ମଧ ରହିଛି ରକ୍ଷାବନ୍ଧନ। ଯଦିଓ ଏହାପଛରେ ରହିଛି ରାଜନୈତିକ ଅଭିସନ୍ଧି, ତେବେ ବି ରାକ୍ଷୀ ବାନ୍ଧିଥିବା ଭଉଣୀର ସମ୍ମାନ ରକ୍ଷା ପାଇଁ ଭାଇ ପଛଘୁଞ୍ଚା ଦେଇନାହିଁ। ପ୍ରଥମ ଘଟଣାଟି ହେଲା ଖ୍ରୀଷ୍ଟପୂର୍ବ ୩୦୦ ବର୍ଷ ତଳର। ମାସିଡ଼ୋନିଆର ସମ୍ରାଟ ଆଲେକଜାଣ୍ଡର ଭାରତ ଉପରେ ବିଜୟ ଲାଭ ପାଇଁ ଅଗ୍ରସର ହେଉଥିବାବେଳେ ରାଜା ପୁରୁଙ୍କ ସମ୍ମୁଖୀନ ହୋଇଥିଲେ। ପ୍ରଥମ ଥର ପୁରୁଙ୍କ ଠାରୁ ଆଲେକଜାଣ୍ଡର ପରାସ୍ତ ହେଲେ, ସେତେବେଳେ ଆଲେକଜାଣ୍ଡରଙ୍କ ପତ୍ନୀ ପୁରୁଙ୍କ ନିକଟରୁ ଏକ ରାକ୍ଷୀ ପ୍ରେରଣ କରିଥିଲେ। ପୁରୁ ତାଙ୍କୁ ନିଜର ଭଉଣୀ ଭାବେ ଗ୍ରହଣ କରିଥିଲେ।

ଅନ୍ୟ ଘଟଣାଟି ହେଲା ରାଣୀ କର୍ଣ୍ଣାବତୀ ଓ ସମ୍ରାଟ ହୁମାୟୁନଙ୍କୁ ନେଇ। ମଧ ଯୁଗର ରାଜପୁତ ଯୋଦ୍ଧାମାନେ ପରାକ୍ରମୀ ଥିଲେ। ସେମାନେ କୌଣସି ଆକ୍ରମଣକାରୀ ସହ ପ୍ରାଣ ଦେଇ ଲଢୁଥିଲେ। ଏମିତି ଏକ ଯୁଦ୍ଧରେ ଚିତୋରର ରାଣୀ କର୍ଣ୍ଣାବତୀ ସ୍ୱାମୀଙ୍କୁ ହରାଇବାପରେ ଯେତେବେଳେ ଅନୁଭବ କଲେ ଯେ ସୁଲତାନ ବାହାଦୂରଶାହାଙ୍କୁ ପ୍ରତିହତ କରାଯାଇପାରିବ ନାହିଁ। ସେତେବେଳେ ସେ ଉପାୟଟିଏ ଚିନ୍ତାକଲେ। ମୋଗଲ ସମ୍ରାଟ ହୁମାୟୁନଙ୍କ ନିକଟକୁ ଏକ ରାକ୍ଷୀ ପଠେଇ ଦେଲେ। ହୁମାୟୁନ ମଧ ଏହାକୁ ଭଉଣୀର ସ୍ନେହ ମନେ କରି ଚିତୋରର ସୁରକ୍ଷା ପାଇଁ ତୁରନ୍ତ ତାଙ୍କର ସୈନ୍ୟବାହିନୀ ପଠେଇ ଦେଇଥିଲେ।

ପବିତ୍ର ରାକ୍ଷୀ ପୂର୍ଣ୍ଣିମା ଅବସରରେ ସଂସ୍କୃତ ଦିବସର ଭାବଗତ ସମ୍ପର୍କ ରହୁଥିବାରୁ ସଂସ୍କୃତ ଭାଷାର ମହତ୍ତ୍ୱ, ଅଧ୍ୟୟନ ଓ ବ୍ୟବହାର ପ୍ରତି ଜନସଚେତନତା ବଢ଼ିବା ସହିତ ଏହି ଭାଷାର ଗୁରୁତ୍ୱ ଉପଲବ୍ଧିକୁ ସମସ୍ତେ ଅନୁଭବ କରିବା ସହ ଏହାକୁ ଏକ ସକ୍ରିୟ ଭାଷା ରୂପେ ସଂରକ୍ଷିତ ଓ ସୁରକ୍ଷିତ ରଖିବା ପାଇଁ ବଜ୍ର ଶପଥର ଦିବସ ହେଉ ଏହି ପବିତ୍ର ରକ୍ଷା ବନ୍ଧନର ସ୍ମୃତି।

ଆଇନଜୀବୀ, ଓଡ଼ିଶା ଉଚ୍ଚନ୍ୟାୟାଳୟ, ରାଜାବଗିଚା, ତେଲେଙ୍ଗାବଜାର, କଟକ, ଦୂରଭାଷ : ୯୪୩୭୬୭୪୦୦୯

ମହାଭାରତ
# ରାଇଜ କଥା
ଆଖି ଦେଖୁଥା କାନ ଶୁଣୁଥା
ପ୍ରତିଟି ଖବରରେ ଟଳୁଛି ମଥା





## ସେଣ୍ଟ ଜାଭିୟର୍ସ ହାଇସ୍କୁଲର ପିଲାଙ୍କ ଦ୍ୱାରା କଳା ପ୍ରଦର୍ଶିତ



**ହାଟଡିହି,(ମହାଭାରତ) :** ସେଣ୍ଟ ଜାଭିୟର୍ସ ହାଇସ୍କୁଲ ଚଣ୍ଡୀ ବିରଞ୍ଚି ପୁରର କୁନି କୁନି ପିଲା ମାନଙ୍କୁ ନେଇ ବିଦ୍ୟାଳୟ ର ଅଧକ୍ଷ୍ୟ ଇଂ ଉଦୟ ନାଥ କର ଙ୍କ ଚେଷ୍ଟା ରେ ପିଲା ପିରାମିଡ୍, ତ୍ରିଭୁଜ, ତିରଙ୍ଗା ଭଙ୍ଗୀ ପ୍ରଦର୍ଶନ କରିଛନ୍ତି । ହାଟଡିହି ଅଞ୍ଚଳର ଏହି ଇଂରାଜୀ ବିଦ୍ୟାଳୟରେ ପିଲାମାନଙ୍କର ବିକାଶ ସାଙ୍ଗକୁ ଶାରୀରିକ, ମାନସିକ, ଯୋଗ, ଶିକ୍ଷା ପ୍ରଦାନ କରାଯାଉଛି । ଏହାଛଡା ବିଦ୍ୟାଳୟ ର ଅଧକ୍ଷ ଇଂ ଉଦୟ ନାଥ କର ଙ୍କ ଅଭିନବ ପ୍ରୟାସ ଦ୍ୱାରା ଏହି ୭୮ ତମ ସ୍ୱାଧିନତା ଦିବସ ରେ ବିଦ୍ୟାଳୟ ରେ ପିଲା ମାନଙ୍କ ଦ୍ୱାରା ଫେନ୍ସି ଡ୍ରେସ ମାଧମ ରେ ଦେଶର ସହିଦ୍ ବିର ଯବାନ, ଜାତିର ମହା ପୁରୁଷ ଓ ନାରୀ ନେତ୍ରୀ ବେଶ୍ ରେ ପିଲା ମାନଙ୍କ ର ପ୍ରତିଯୋଗିତା ହୋଇଥିଲା । ତାହା ଛଡା ପିଲା ମାନଙ୍କ ମାଧମରେ ଯବାନ ମାନଙ୍କ ଦ୍ୱାରା ପ୍ରଦର୍ଶିତ ହେଉଥିବା ପିରାମିଡ୍, ବାଇକ୍ ଚାଳନା, ବିଭିନ୍ନ ପ୍ରକାର ଷ୍ଟଣ୍ଡ ପ୍ରଦର୍ଶନ କରାଯାଇଥିଲା । ଏହି କାର୍ଯ୍ୟକ୍ରମ ରେ ଉପସ୍ଥିତ ଥିଲେ ନରେନ୍ଦ୍ର ଚାରିଟେବୁଲ ଟ୍ରଷ୍ଟ ସଭାପତି ନରେନ୍ଦ୍ର ନାଥ କର, ଅବସର ପ୍ରାପ୍ତ ଶିକ୍ଷକ ମହେନ୍ଦ୍ର କୁମାର ପଳତା, ଗୋପବନ୍ଧୁ ସୁଆର, ବିଦ୍ୟାଳୟ ନିର୍ମାତା ଉଦୟ ନାଥ କର, ଶିକ୍ଷକ ମାନଙ୍କ ମଧ୍ୟରେ ରାଜେଶ ବେହେରା, ବିଜୟ ପହି, ଦେବେନ୍ଦ୍ର ନାଥ ପାଢ଼ୀ ଙ୍କ ସହ ଶୁଭଶ୍ରୀ ପଣ୍ଡା, ଇତିଶ୍ରୀ ପଣ୍ଡା, କାବେରୀ ନାୟକ, ରାଜଶ୍ରୀ ସୁଆର, ଉର୍ମୀ ମହାନ୍ତି, ବିଷ୍ଣୁ ପ୍ରୀୟା ଦାସ, ଭାଗେଶ୍ୱରି ସାହୁ, ପ୍ରୀତିନନ୍ଦା ମଲିକ, ରଶ୍ମି ଖଟୁଆ, ପୂଜା ରଣା, ଦୟାନିଧି ଚୀନରା, ପ୍ରଶାନ୍ତ କୁମାର ଦାସ, ହିମାଂଶୁ ବାରିକ୍, ସଂଗ୍ରାମ ପଟ୍ଟନାୟକ, ବ୍ରହ୍ମାନନ୍ଦ ମଲ୍ଲିକ, ଦେବାଶିଷ ରାଉତ, ମଞ୍ଜୁଲତା ଖୁଣ୍ଟିଆ, ପ୍ରମିଳା ପାତ୍ର, ମନୋରମା ସେଠୀ, ଉର୍ମିଳା ସେଠୀ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

## ବେଆଇନ ୭୦ ଟ୍ରକ ବାଲି ଉପରେ ନାଲି ପତାକା ପୋତିଲା ତହସିଲ

**ଆସିକା,(ମହାଭାରତ) :** ରାଜ୍ୟର ବହୁ ଚର୍ଚ୍ଚିତ ବାଲି ମାଫିଆଙ୍କ ଆଡ୍ଡା ସ୍ଥଳୀ ସାଜିଥିବା ଆସିକାରେ । ଆସିକା ସହର ମଧ୍ୟରେ ଥିବା ସୁନାମ୍ଭ ସାହି ଶେଷ ମୁଣ୍ଡରେ ୭୦ ଟ୍ରକରୁ ଉର୍ଦ୍ଧ ଗଛିତ ବେଆଇନ ବାଲି ଗଦା ଉପରେ ଆଜି ଆସିକା ତହସିଲ ପକ୍ଷରୁ ନାଲି ପତାକା ପୋତାଯାଇଛି ବୋଲି ଆସିକା ତହସିଲ ବାହା ବାହା ନେଉଛି । ଆସିକା ତହସିଲ ଅଫିସ ଠାରୁ ୧କିମି ଦୂରରେ ଋଷିକୂଲ୍ୟା ନଦୀର ସୁନାମ୍ଭ ସାହି ରେ ଶ୍ମାଶନ ଘାଟ ରହିଛି । ଏହି ଘାଟ କେବେ ମଧ ସରକାର ଙ୍କ ପକ୍ଷରୁ ନିଲାମ କରାଯାଇନାହିଁ । ଏହା ସତ୍ୱେ ଦୀର୍ଘ ବର୍ଷ ଧରି ଏହିଠାରୁ ରାତି ତମାମ ବାଲି ଚୋରା ଚାଲାଣ ହେଉଛି । ସ୍ଥାନୀୟ ସୁନାମ୍ଭ ସାହି, ତାଲୁକା ରୋଡ଼, ପାକଲା ପଲ୍ଲୀ ଜନବସତି ଦେଇ ଚୋରା ବାଲି ଚାଲାଣ ହେଉଛି । ପ୍ରତେକ ଦିନ ଟ୍ରାଫିକ ଜମା ସାଙ୍ଗକୁ ସାନ ବଡ଼ ଦୁର୍ଘଟଣା ଘଟୁଛି । ବାଲି ଧୂଳିରେ ଅଞ୍ଚଳ ପରିବେଶ ଦୂଷିତ ହେଉଛି । ଲକ୍ଷ ଲକ୍ଷ ଟଙ୍କାର ରାଜସ୍ୱ କ୍ଷତି ହେଉଛି । ଆସିକା ତହସିଲ ଅଫିସ ସମ୍ମୁଖ ଦେଇ ଅବାଧରେ ବାଲି ଚୋରା ଚାଲାଣ ହେଉଛି । ସ୍ଥାନୀୟ ବାସିନ୍ଦା ସାଙ୍ଗକୁ ଏହି ୱାର୍ଡର ବିଜ୍ଞାପିତ ଅଞ୍ଚଳ ପରିଷଦ କାଉନସିଲର, ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧକ୍ଷା ଓ ନବ ନିର୍ବାଚିତ ବିଧାୟକ ସରୋଜ କୁମାର ପାଢ଼ୀ ଲିଖିତ ଅଭିଯୋଗ ଜିଲ୍ଲାପାଳ, ଉପଜିଲ୍ଲାପାଳ ତହସିଲଦାର, ଲଘୁଖଣିଜ ଅଧିକାରୀଙ୍କ ନିକଟରେ କରିଥିଲେ ମଧ ଏହି ଘାଟରୁ ବାଲି ଚୋରା ଚାଲାଣ ବନ୍ଦ ହେଉନାହିଁ । ଏହି ଘାଟ ଆସିକା ଟାଉନ ରାଜସ୍ୱ ନିରୀକ୍ଷକ, ଆସିକା ତହସିଲଦାର, ଅତିରିକ୍ତ ତହସିଲଦାର ଦାୟିତ୍ୱ ରେ ଥିବା ସତ୍ୱେ କିଭଳି ଭାବେ ବାଲି ଚୋରା ଚାଲାଣ ହେଉଛି ତାହା ସହର ବାସୀଙ୍କୁ ଚକିତ କରିଛି । ତହସିଲ ଓ ଥାନା ପକ୍ଷରୁ ଧର୍ମକୁ ଆଖିଠାର ଭଳି ନାମକୁ ମାତ୍ର କେତେକ ଟ୍ରାକ୍ଟର, ଟ୍ରକକୁ ମାସକୁ ଠାରେ ଦୁଇ ଥର ଫାଇନ କାଟି କିମ୍ବା ମାମଲା ରୁଜୁ କରି କାର୍ଯ୍ୟ ତୁଲାଇ ଦେଉଛନ୍ତି କ୍ଷ ଅନ୍ୟ ପଟରେ ସ୍ଥାନୀୟ ବୁଦ୍ଧିଜୀବୀ ଆସିକା ତହସିଲ ର ସୁନାମ୍ଭ ଶ୍ମାଶନ ବାଲି ଘାଟ ଅଫିସ ଖର୍ଚ୍ଚ ବାଲି ଘାଟରେ ପରିଣତ ହୋଇଛି । ଏହି ଘାଟ ର ଚୋରା ବାଲି ଚାଲାଣ ଓ ଆସିକା ବାଲି ମାଫିଆ ଙ୍କ କବ୍ଜାରେ ଆସିକା ତହସିଲ ରହି ଆସୁଛି । ବାଲି ମାଫିଆ ମାନେ ପ୍ରଶାସନ ଉପରେ ଚାପ ଦେବା ସହ ଖବର ପ୍ରକାଶ କରୁଥିବା ଗଣମାଧ୍ୟମ ପ୍ରତିନିଧି ମାନଙ୍କୁ ପରୋକ୍ଷରେ ନାଲି ଆଖି ଦେଖାଉଛନ୍ତି । ପ୍ରକାଶ ଥାଉକି ଆସିକା ତହସିଲ ର ଶହ ଶହ ସ୍ଥାନରେ ବାଲି ଗଛିତ ଥିଲା ବେଳେ ଗତ ପାଞ୍ଚ ଦିନ ତଳେ ଆସିକା ତହସିଲ ଅଧୀନ ପାକିଡ଼ି ପାହାଡ଼ ପାଦ ଦେଶର ଗଛିତ ଥିବା ବାଲି ଉପରେ ଆସିକା ତହସିଲ ନାଲି ପତାକା ପୋତି ଥିବା ବେଳେ ଆଜି ଅନୁରୂପ ଆସିକା ସହର ସୁନାମ୍ଭ ସାହି ରେ ଗଛିତ ବେଆଇନ ୭୦ ଟ୍ରକ ବାଲି ଗଦା ଉପରେ ନାଲି ପତାକା ପୋତି କାମ ସାରିଦେଇ ପୁଣି ଏହି ଗଛିତ ବାଲିକୁ ଖଣିଜ ବିଭାଗ ଓ ତହସିଲ ସଲାସୁତୁରାରେ କେତେକ ବାଲି ମାଫିଆଙ୍କୁ ନାମକୁ ମାତ୍ର ନିଲାମ କରିବା ପାଇଁ ମସୁଧା ଚାଲିଥିବା ଅଞ୍ଚଳ ବାସୀଙ୍କ ଚର୍ଚ୍ଚାର ବିଷୟ ହୋଇଛି । ଏହି ବାଲି ଆସିକା ସହରରେ ଚାଲିଥିବା ପ୍ରଧାନମନ୍ତ୍ରୀ ଆବାସ, କିମ୍ବା ସହରରେ ବର୍ଷା ଦିନେ ପାଣି ରହୁଥିବା ଖାଲ ସ୍ଥାନରେ ସମତୁଲ କରିବା ପାଇଁ ବ୍ୟବହାର କରିବା ପାଇଁ ଦାବୀ ହେଉଛି । କେବଳ ବାଲି ଓ ଯାନବାହାନକୁ ଜବତ କରୁଥିବା ବେଳେ ଏହି କାର୍ଯ୍ୟରେ ଲିପ୍ତ ରହୁଥିବା ବାଲି ମାଫିଆଙ୍କୁ ଗିରଫ କରାଯାଉନାହିଁ । ସ୍ଥାନୀୟ ପ୍ରଶାସନ ର ବାଲି ମାଫିଆଙ୍କ ପ୍ରତି ଅହେତୁକ ଅନୁକମ୍ପା ଆସିକା ରେ ମୁଖ୍ୟ ଚର୍ଚ୍ଚାର ବିଷୟ ପାଲଟିଛି । ଏହି ଚୋରା ବାଲି ଚାଲାଣ ଯୋଗୁଁ ବିଭିନ୍ନ ବାଲି ମାଫିଆଙ୍କ ମଧ୍ୟରେ ପ୍ରଚୁର ପରିମାଣରେ କଳାଧନକୁ ନେଇ ପ୍ରତିଦ୍ୱନ୍ଦୀ ଚାଲିଚି ଯଦି ଜିଲ୍ଲା ପ୍ରଶାସନ ଏହା ଉପରେ ରୋକ ନାଲଗାଏ ତେବେ ଆସିକାରେ ପୁଣି ମୁଣ୍ଡ ଗଡ଼ିବା ଆଶଙ୍କାକୁ ଆଡେଇ ଦିଆ ଯାଇପାରିବନି ।



## ପଞ୍ଚାୟତ ସମିତି ବୈଠକ ଅନୁଷ୍ଠିତ

**ଅନୁଗୋଳ,(ମହାଭାରତ) :** ଅନୁଗୋଳ ବ୍ଲକ କାର୍ଯ୍ୟାଳୟ ପରିସରରେ ଆଜି ପଞ୍ଚାୟତ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକ ଢେଙ୍କାନାଳ ସାଂସଦ ରୁଦ୍ର ନାରାୟଣ ପାଣି, ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ, ସମ୍ବଲପୁର ସାଂସଦ ଙ୍କ ନମିନି, ଆଠମଲ୍ଲିକ ବିଧାୟକ ଙ୍କ ନମିନି, ଅନୁଗୋଳ ବିଡିଓ ବିଶ୍ୱ ଭୂଷଣ, ବ୍ଲକ ଅଧକ୍ଷ ରାଜଶ୍ରୀ ସାହୁ, ବ୍ଲକ ଉପାଧକ୍ଷ, ବିଦ୍ୟୁତ୍ ବିଭାଗ, ବ୍ଲେଡ କାଏଟା ସମସ୍ତ ସରପଞ୍ଚ ଓ ସମିତି ସଭ୍ୟ/ସଭ୍ୟା ଏବଂ ବ୍ଲକ ସମସ୍ତ ଅଧିକାରୀ ମାନେ ଉପସ୍ଥିତ ରହି ଥିଲେ । ଏହି ବୈଠକରେ ବ୍ଲକ ସମସ୍ୟା ସମସ୍ୟା ବିଷୟରେ ସମୀକ୍ଷା କରିବା ସହ ଅନୁଗୋଳ ବ୍ଲକର ଅଗ୍ରଗତି ସଂପର୍କରେ ଆଲୋଚନା ହୋଇଥିଲା ।



## ସରକାରୀ, ବେସରକାରୀ କାର୍ଯ୍ୟାଳୟ ଓ ସ୍କୁଲ କଲେଜରେ ସ୍ୱାଧୀନତା ଦିବସ ପାଳିତ

**କଳାହାଣ୍ଡି,(ମହାଭାରତ) :** କଳାହାଣ୍ଡି ଜିଲ୍ଲା ଥୁଆମୁଳ ରାମପୁର ବ୍ଲକରେ ସରକାରୀ ବେସରକାରୀ ଅନୁଷ୍ଠାନ ମାନଙ୍କରେ ୭୮ ତମ ସ୍ୱାଧୀନତା ଦିବସ ମହାସମାରୋହରେ ପାଳିତ ହୋଇଯାଇଛି । ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଧ୍ରୁବଚରଣ ମୁଦୁଲି ଓ ବ୍ଲକ ଆଧ୍ୟକ୍ଷ ସହିତ ଅନ୍ୟାନ୍ୟ ବ୍ଲକ କର୍ମଚାରୀ ଉପସ୍ଥିତ ରହିଥିଲେ, ଥାନାରେ ମଧ ଥାନା ଅଧିକାରୀ ଶ୍ରୀ କୈବର୍ତ୍ତ ସୈଠଙ୍କ ଦ୍ୱାରା ପତାକା ଉତ୍ତୋଳନ ଓ ଅଭିଭାଷଣ ରଖିଥିଲେ ।, ଓଡିଶା ଆଦର୍ଶ ବିଦ୍ୟାଳୟ, କୃଷି ବିଭାଗ, ବ୍ୟାଙ୍କ, ଡାକଘର, ସମ୍ମନିତ ଶିଶୁ ବିକାଶ ଯୋଜନା, ଗ୍ରାମପଞ୍ଚାୟତ, ବ୍ଲକ ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ, ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର, ହାଇସ୍କୁଲ, ସରକାରୀ ପ୍ରକଳ୍ପ ଉଚ୍ଚ ବିଦ୍ୟାଳୟ, ପ୍ରାଣୀ ସମ୍ପଦ ବିଭାଗ, ଦକ୍ଷିଣ ବନ ଖଣ୍ଡ ଅଧିକାରୀଙ୍କ କାର୍ଯ୍ୟାଳୟ, ଅବକାରୀ ବିଭାଗ, ଅଗ୍ନିଶମ ବିଭାଗ, ପଞ୍ଚାୟତ ସମିତି ମାଁ ମାଣିକେଶ୍ୱରୀ ମହାବିଦ୍ୟାଳୟ, ସ୍ନାତକ କଲେଜରେ ସ୍ୱାଧୀନତା ଦିବସ ପାଳିତ ହୋଇଥିବା ବେଳେ ବିଭିନ୍ନ ରାଜନୈତିକ ଦଳ ମଧ୍ୟରେ କଂଗ୍ରେସ, ବିଜେପି, ବିଜେଡି ଓ ଅନ୍ୟାନ୍ୟ ବେସରକାରୀ ଅନୁଷ୍ଠାନ ମାନଙ୍କରେ ସ୍ୱାଧୀନତା ଦିବସ ମହାସମାରୋହରେ ପାଳିତ ହୋଇଯାଛି । ସ୍ୱାଧୀନତା ଦିବସ ଅବସରରେ ଥୁଆମୁଳ ରାମପୁର ପଞ୍ଚାୟତ ସମିତି ତରଫରୁ ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ ମାନଙ୍କୁ ନେଇ ଏକ କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା, ଆୟୋଜିତ ଏହି କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ଦେଶାତ୍ମବୋଧକ ସଂଗୀତ, ନୃତ୍ୟ, ଉଦବୋଧନ, ଚିତ୍ରାଙ୍କନ ଭଳି ବିଭିନ୍ନ ପ୍ରକାରର କଳା ପ୍ରଦର୍ଶନ କରିଥିଲେ ।

## ମୁଁଇ କଳାହାଣ୍ଡିଆ ଫର୍ ସଂଗଠନର ରାଜସ୍ୱ ମନ୍ତ୍ରୀଙ୍କୁ ଦାବିପତ୍ର

**କଳାହାଣ୍ଡି,(ମହାଭାରତ) :** ଗତ ବୁଧବାର ରାତ୍ର ସମୟରେ ଭବାନିପାଟଣା ସ୍ଥିତ ସର୍କିଟ୍ ହାଉସ୍ ଠାରେ ମୁଁଇ କଳାହାଣ୍ଡିଆ ଫର୍ କଳାହାଣ୍ଡି ସଂଗଠନର ନେତୃତ୍ୱରେ ଭବାନିପାଟଣା ସହରର କିଛି ବସ୍ତିବାସିନ୍ଦା ରାଜସ୍ୱ ମନ୍ତ୍ରୀ ଶ୍ରୀଯୁକ୍ତ ସୁରେଶ ପୂଜାରୀଙ୍କୁ ସାକ୍ଷାତ କରିବା ସହ ଏକ ୪ଦଫା ଦାବି ପତ୍ର ପ୍ରଦାନ କରିଥିଲେ । ଏହି ଦାବି ପତ୍ରରେ କଳାହାଣ୍ଡି ଜିଲ୍ଲାରେ ଥିବା ସମସ୍ତ ଭୂମିହୀନ ପରିବାରମାନଙ୍କୁ ଚିହ୍ନଟ କରି ରାଜସ୍ୱ ମନ୍ତ୍ରୀ ଘୋଷଣା କରିଥିବା ୪ଡେସିମିଲ ଜାଗାର ସ୍ଥାୟୀ ଜମିପଟ୍ଟା ପ୍ରଦାନ କରି ଆବାସ ଯୋଜନାରେ ସାମିଲ କରିବା , ଭବାନିପାଟଣା ସହରକୁ ତୁରନ୍ତ ବନ୍ଦୋବସ୍ତ କରିବା ସହିତ ସରକାରୀ/ଦେବୋତ୍ତର/ ଅନ୍ୟ କିସମର ଜମିରେ ଦୀର୍ଘ ବର୍ଷ ଧରି ଯିଏ ଯେଉଁଠି ରହିଆସୁଛନ୍ତି ସମସ୍ତଙ୍କୁ ସ୍ଥାୟୀ ପଟ୍ଟା ପ୍ରଦାନ କରିବା ଏବଂ ସରକାରୀ ଜମି ଜବରଦଖଲ ଉଚ୍ଛେଦ ଚିଠି ପରେ ଭବାନିପାଟଣା ପ୍ରଶାସନ ଯେଉଁଭଳି ଗରିବ ଖଟିଖିଆ ପରିବାରଙ୍କୁ ହଇରାଣ ଓ ଉଚ୍ଛେଦ୍ ଧମକ ଦେଉଛନ୍ତି ତାହା ପ୍ରଥମେ ବନ୍ଦ କରାଯାଉ ବୋଲି ଉଲ୍ଲେଖ ଥିବା ସହ ଦାବି ଉପସ୍ଥାପନ କରିଥିଲେ । ସମସ୍ତ ଦାବିକୁ ଭଲଭାବରେ ଶୁଣିଲା ପରେ କୌଣସି ଗରିବର ଘରକୁ ଉଚ୍ଛେଦ୍ କରାଯିବ ନାହିଁ ଏବଂ ଭୟଭୀତ ନ ହେବା ପାଇଁ କହିବା ସହ ଉଚ୍ଛେଦ କେବଳ ବଡବଡିଆ ପାଇଁ ବୋଲି ମନ୍ତ୍ରୀ ମହୋଦୟ କହିବା ସହ ଆଗାମୀ ଗସ୍ତରେ ବାହାଦୂର ବଗିଚା ପଡାରେ ଥିବା ବସ୍ତି ବୁଲି ଦେଖିବି ବୋଲି ପ୍ରତିଶୃତି ଦେଇଥିଲେ । ସାକ୍ଷାତ୍ ସମୟରେ ସଂଗଠକ ଲକ୍ଷ୍ମୀନାରାୟଣ ପଣ୍ଡା, ନାରୀନେତ୍ରୀ କବିତା ରାଉତ, ନିରୋଦ କୁମାର ରାଉତ, ସୁଶାନ୍ତ ପଟ୍ଟନାୟକ, ଚାଷୀନେତା ଲିଙ୍ଗରାଜ ପ୍ରଧାନ, ସଂଜୟ ମେହେର, ଏଡଭୋକେଟ୍ କ୍ଷୀରୋଦ ନାଗ, ତ୍ରିଲୋଚନ ରାଉତ, ଶିବାନୀ ଶଙ୍କର ଭୋଇ, ନାରୀନେତ୍ରୀ ଫୁଲମେ ମାଝୀ, ସସ୍ମିତା ସିଂ, ପୁଷ୍ପାଞ୍ଜଳି ବାଗ, ରାଖି ଶର୍ମା, ସରୋଜିନୀ ଗଉଡ, ପୁଷ୍ପା ବାଗ ପ୍ରମୁଖ ସାମିଲ ଥିଲେ ।

## ଜିଲ୍ଲାସ୍ତରୀୟ ୭୮ତମ ସ୍ୱାଧୀନତା ଦିବସ ମହା ସମାରହୋରେ ପାଳିତ

**ଗଜପତି,(ମହାଭାରତ) :** ଜିଲ୍ଲାସ୍ତରୀୟ ୭୮ତମ ସ୍ୱାଧୀନତା ଦିବସ ଗଜପତି ଷ୍ଟାଡ଼ିୟମ ଠାରେ ମୋହାଡମ୍ବରେ ପାଳନ କରାଯାଇଅଛି । ଆଜିର ଜିଲ୍ଲା ସ୍ତରୀୟ ଉତ୍ସବରେ ମାନ୍ୟବର ମନ୍ତ୍ରୀ ଶ୍ରୀଯୁକ୍ତ ବିଭୂତି ଭୂଷଣ ଜେନା, ବାଣିଜ୍ୟ ଓ ପରିବହନ, ଇସ୍ପାତ୍ ଓ ଖଣି ବିଭାଗ ଓଡ଼ିଶା, ମୁଖ୍ୟ ଅତିଥି ଭାବେ ଯୋଗଦାନ କରି ଶାନ୍ତି, ମୈତ୍ରୀ, ସମୃଦ୍ଧି ଓ ସ୍ୱାଭିମାନର ପ୍ରତୀକ ଜାତୀୟ ପତାକା ଉତ୍ତୋଳନ କରିଥିଲେ । ତାଙ୍କର ଅଭିଭାଷଣରେ ଗଜପତି ଜିଲ୍ଲା ପ୍ରାକୃତିକ ସୌନ୍ଦର୍ଯ୍ୟ ଓ କଳା, ସାହିତ୍ୟ, ସଂସ୍କୃତି ଆଦିଭୂମି, ଉତ୍କଳର ଅନ୍ୟତମ ପୁଣ୍ୟପୀଠ ହେଉଛି ଗଜପତି ଜିଲ୍ଲା । ସାର ଦେଶରେ ପ୍ରଧାମନ୍ତ୍ରୀଙ୍କ ଆହ୍ୱାନରେ ହର ଘର୍ ତ୍ରିରଙ୍ଗା ଅଭିଯାନ ଚାଲିଛି । ଜାତୀୟ ପତାକା କେବଳ ଆମ ପରିଚୟ ନୁହେଁ, ଏହା ଆମ ସ୍ୱାଧୀନତାର ପ୍ରତୀକ । ଜାତୀୟ ଓ ଅଖଣ୍ଡତାର ପବିତ୍ର ଭାବନାରେ ଉଦ୍‌ଭୂଦ୍ଧ ହୋଇ ଘରେ ଘରେ ପତାକା ଉଡ଼ାଇବାଇ ଏହି ଅଭିଯାନ ଜନସାଧାରଣଙ୍କ ଦ୍ୱାରା ସଫଳତା ହୋଇଅଛି । ଏହି ପତାକା ଉଡ଼ାଇ ଆମେ ସମସ୍ତ ଦେଶ୍ମତ୍ୱକ ଓ ବୀର ସଂଗ୍ରାମୀମାନଙ୍କ ପ୍ରତି ସମ୍ମାନ ଜଣାଉଛୁ । ଗଜପତି ଜିଲ୍ଲାରେ ସ୍ୱାଧୀନତା ସଂଗ୍ରାମର ଦୁନ୍ଦୁଭି ବାଜିଥିଲା । ଏହି ଜିଲ୍ଲାର ସ୍ୱାନମଧନ୍ୟ ଜଗନ୍ନାଥ ନାରାୟଣ ଦେବ, ଶ୍ରୀ କୃଷ୍ଣ ଚନ୍ଦ୍ର ଗଜପତି ନାରାୟଣ ଦେବ, ବଲ୍ଲଭ ନାରାୟଣ ରଥ, ପୋକାଲା କନ୍ତାମା ଓ ତାଙ୍କ ସ୍ୱାମୀ ପୋକାଲା ସତ୍ୟନାରାୟଣ ୧୯୨୧ ମସିହାରେ ଇଂରେଜ ମାନଙ୍କ ବିରୁଦ୍ଧରେ ଲଢ଼ି ଆଢ଼େଇ ବର୍ଷ ଜେଲ୍ ରେ କାରାବରଣ କରିଥିଲେ । ସେହିପରି ମହାରାଜା କୃଷ୍ଣ ଚନ୍ଦ୍ର ଗଜପତି, ଜଗନ୍ନାଥ ନାରାୟଣ ଦେବ ଓ ପଣ୍ଡିତ ଯୁଗଳ କିଶୋର ପାଣଗ୍ରାହୀଙ୍କ ପରି ସ୍ୱତନ୍ତ୍ରତା ସୈନିକମାନେ ସ୍ୱାଧୀନତା ମନ୍ତ୍ର ଗାନ କରି ଏହି ମାଟିକୁ ଉଦବୁଦ୍ଧ୍ କରିଯାଇଛନ୍ତି । ଏହାସହିତ କବି ଗୋପାଳକୃଷ୍ଣ ପଟ୍ଟନାୟକ, ପଦ୍ମଶ୍ରୀ ସତ୍ୟନାରାୟଣ ରାଜଗୁରୁ ଗୋପୀନାଥ ନନ୍ଦଶର୍ମା ,ହରିବନ୍ଧୁ ବେବର୍ତ୍ତା ଓ ଶ୍ୟାସୁନ୍ଦର ରାଜଗୁରୁ ପ୍ରମୁଖ ସାହିତ୍ୟ ଓ ସଂସ୍କୃତି କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ରଖୁଛନ୍ତି । ଜିଲ୍ଲାର ଅନୁସୂଚିତ ଜନଜାତି ଅଧୁଷିତ ଗଜପତି ଜିଲ୍ଲାର ପଛୁଆ ବର୍ଗଙ୍କୁ ବିକଶିତ ଓଡିଶା, ବିକଶିତ ଭାରତ ର ସାରଥି କରିବା ଉଦ୍ଦେଶ୍ୟରେ ରାଜ୍ୟରେ ମୁଖ୍ୟମନ୍ତ୍ରୀ ଜନଜାତି ଜୀବିକା ମିଶନ ପ୍ରଧାମନ୍ତ୍ରୀ ଆଦର୍ଶ ଗ୍ରାମ ଯୋଜନା କାର୍ଯ୍ୟକାରୀ ହେବାକୁ ଯାଉଅଛି । ଜନଜାତି ଛାତ୍ରଛାତ୍ରୀମାନଙ୍କୁ ଅଧାରୁ ପାଠ ଛାଡ଼ିବାରୁ ନିବୃତ୍ତ କରିବାକୁ ମାଧୋ ସିଂହ ହାତ ଖର୍ଚ୍ଚ ଯୋଜନା ପ୍ରଣୟନ କରାଯାଇ ଆବଶ୍ୟକ ବ୍ୟୟବରାଦ କରାଯାଇଛି । ସ୍ୱାଧୀନ ନାଗରିକ ଭାବରେ ଆମେ ସମସ୍ତେ ଏକ ମନ , ଏକ ପ୍ରାଣରେ ଦେଶ ଓ ରାଜ୍ୟ ପାଇଁ କର୍ଯ୍ୟକରିବା । ବିକଶିତ ଓଡିଶା ନିର୍ମାଣ କରି ବିକଶିତ ଭାରତରେ ସ୍ୱପ୍ନକୁ ପୂରଣ କରିବା । ନିଶା ମୁକ୍ତ ଭାରତ ପାଇଁ ଆମେ ସମସ୍ତେ ଏକଜୁଟ ହୋଇ ଆମର ଭବିଷ୍ୟତ ଗଡିବା ବୋଲି ବକ୍ତବ୍ୟ ରଖିଥିଲେ । ଆଜିର ଏହି ଉତ୍ସବରେ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ବିଭିନ୍ନ କ୍ରୀଡ଼ା, ଦଶମ ଶ୍ରେଣୀ ପରୀକ୍ଷା ଓ ଯୁକ୍ତ ଦୁଇ ପରୀକ୍ଷାରେ ସର୍ବଚ୍ଚ ନମ୍ବର ରଖିଥିବା ଛାତ୍ର ଛାତ୍ରୀ ତଥା କ୍ରୀଡ଼ା ଭିତ୍ ଙ୍କୁ ମୁଖ୍ୟ ଅତିଥିଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା । ସେହିପରି ସ୍ୱାଧୀନତା ଦିବସ ଉପଲକ୍ଷେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଏହି ପ୍ରତିଯୋଗିତାରେ କୃତକାର୍ଯ୍ୟ ହୋଇଥିବା ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା । ଏହି ଜିଲ୍ଲା ସ୍ତରୀୟ ସ୍ୱାଧୀନତା ଦିବସ ଉତ୍ସବରେ ଗଜପତି ଜିଲ୍ଲାପାଳ ଶ୍ରୀଯୁକ୍ତ ବିଜୟ କୁମାର ଦାଶ,ସୁଶ୍ରୀ ସ୍ୱାତୀ ଏସ କୁମାର,ଆରକ୍ଷୀ ଅଧିକ୍ଷକ, ଗଜପତି, ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ରାଜେନ୍ଦ୍ର ମିଞ୍ଜ , ମୁଖ୍ୟ ଉନ୍ନୟନ ଅଧିକାରୀ -ତଥା -ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ଡ଼.ଗୁଣନିଧି ନାୟକ , କମାଣ୍ଡାଣ୍ଟ ୩ୟ ବାଟାଲିୟନ ଶ୍ରୀ ଅଶୋକ କୁମାର ମହାନ୍ତି, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଶ୍ରୀ ସୁନୀଲ କାନ୍ତ ମହାନ୍ତି ଓ ଉପଜିଲ୍ଲାପାଳ ଶ୍ରୀ ଅନୁପ ପଣ୍ଡା , ପ୍ରକଳ୍ପ ପ୍ରଶାସକ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ଶ୍ରୀ ଦିଲୀପ କୁମାର ବେହେରା ପ୍ରମୁଖ ଉପସ୍ଥିତ ଥିଲେ ।

ଆଜିର ଏହି ଉତ୍ସବରେ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ବିଭିନ୍ନ କ୍ରୀଡ଼ା, ଦଶମ ଶ୍ରେଣୀ ପରୀକ୍ଷା ଓ ଯୁକ୍ତ ଦୁଇ ପରୀକ୍ଷାରେ ସର୍ବଚ୍ଚ ନମ୍ବର ରଖିଥିବା ଛାତ୍ର ଛାତ୍ରୀ ତଥା କ୍ରୀଡ଼ା ଭିତ୍‌ଙ୍କୁ ମୁଖ୍ୟ ଅତିଥିଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା । ସେହିପରି ସ୍ୱାଧୀନତା ଦିବସ ଉପଲକ୍ଷେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଏହି ପ୍ରତିଯୋଗିତାରେ କୃତକାର୍ଯ୍ୟ ହୋଇଥିବା ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା । ଏହି ଅବସରରେ ବିଭିନ୍ନ ସ୍କୁଲର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଆଜିର ଏହି ପ୍ୟାରେଡ଼ କୁ ଶ୍ରୀ ନିରଞ୍ଜନ ନାୟକ ,ଆର୍.ଆଇ.ଅଫ୍ ପୋଲିସ୍, ପରିଚାଳନା କରିଥିଲେ । ଆଜିର ପ୍ୟାରେଡରେ ମୋଟ ୨୫ ଗୋଟି ଦଳ ଭାଗ ନେଇ ଥିବାବେଳେ ସେଥିମଧ୍ୟରୁ ବରିଷ୍ଠ ବିଭାଗ ପ୍ୟାରେଡ଼ରେ ଶ୍ରୀ କୃଷ୍ଣ ଚନ୍ଦ୍ର ଗଜପତି ସ୍ୱଂୟ ଶାସିତ ମହାବିଦ୍ୟାଳୟ ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ମହାରାଜଙ୍କ ବାଳକ ଉଚ୍ଚ ବିଦ୍ୟାଳୟ ଦ୍ୱିତୀୟ ସ୍ଥାନ ହାସଲ କରିଥିଲେ, ସେହିପରି କନିଷ୍ଠ ବିଭାଗରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି ଶ୍ରୀ ଅରୋବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ର ଓ ଦ୍ୱିତୀୟ ସ୍ଥାନ ରେ ସେଣ୍ଟ ଜୋସେଫ କନଭେଣ୍ଟ ପୁରସ୍କୃତ କରାଯାଇଛି । ଜିଲ୍ଲା କାରାଗାର ର ଅନ୍ତେବାସୀ, ଜିଲ୍ଲା ଚିକିତ୍ସାଳୟ ର ଚିକିତ୍ସାଧୀନ ଅନ୍ତେବାସୀ ଓ କୁଷ୍ଠା ଆଶ୍ରମର ଅନ୍ତେବାସୀ ମାନଙ୍କୁ ମୁଖ୍ୟ ଅତିଥିଙ୍କ ଦ୍ୱାରା ଫଳ ଓ ମିଷ୍ଟାନ ବଣ୍ଟନ କରାଯାଇଛି । ଏହି ଉତ୍ସବକୁ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରଦୀପ୍ତ ଗୁରୁମାଇ ଙ୍କ ତତ୍ୱାବଧାନ ରେ କାର୍ଯ୍ୟକ୍ରମ ଗୁଡ଼ିକୁ ସମ୍ପାଦିତ ହୋଇଥିବା ବେଳେ ଜିଲ୍ଲା ସଂସ୍କୃତି ଅଧିକାରୀ ସୁଶ୍ରୀ ଅର୍ଚ୍ଚନା କୁମାରୀ ମଙ୍ଗରାଜ ସମେତ ବିଭାଗୀୟ ବରିଷ୍ଠ କର୍ମଚାରୀ ନରସିଂହ ବାଜୁବନ୍ଧ, ମନୋଜ ଲିମ୍ମା ଓ ଅନ୍ୟ କର୍ମଚାରୀ ପ୍ରମୁଖ ଉପସ୍ଥିତ ରହି ସହୋଜଗ କରିଥିଲେ । ପରେ ଏକ ବନ୍ଧୁତ୍ୱ ପୂର୍ଣ୍ଣ କ୍ରିକେଟ୍ ମ୍ୟାଚ୍ ଜିଲ୍ଲା ପ୍ରଶାସନ ଏକାଦଶ ଓ ସାମ୍ବାଦିକ ଏକାଦଶ ମଧ୍ୟରେ କ୍ରିକେଟ୍ ମ୍ୟାଚ୍ ଶ୍ରୀ କୃଷ୍ଣ ଚନ୍ଦ୍ର ଗଜପତି ସ୍ୱଂୟ ଶାସିତ ମହାବିଦ୍ୟାଳୟ ଠାରେ ଅପରାହ୍ନରେ ବନ୍ଧୁତ୍ୱ ପୂର୍ଣ୍ଣ ମ୍ୟାଚ୍ ଅନୁଷ୍ଠିତ ହେଇଥିଲା ।

## ଖଣ୍ଡପଡା ଏନ୍.ଏ.ସି ଅଧକ୍ଷାଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ପାଇଁ ଚାଲିଛି ଛକା ପଞ୍ଝା






**ନୟାଗଡ଼,(ମହାଭାରତ) :** ନୟାଗଡ଼ ଜିଲ୍ଲା ଖଣ୍ଡପଡା ଏନ୍.ଏ.ସି ଅଧକ୍ଷାଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ପାଇଁ ଚାଲିଛି ଛକା ପଞ୍ଝା । ସ୍ୱାଧୀନ ଅଧକ୍ଷା ଭାବେ ନିର୍ବାଚିତ ହୋଇଥିବା ଆରତୀ ପ୍ରଧାନ ନିକଟରେ ସେ ବିଜେପିରେ ଯୋଗ ଦେଇଥିଲେ । ଏହାକୁ ନେଇ ଏନ୍.ଏ.ସି ଅଧକ୍ଷା ଆରତୀ ପ୍ରଧାନ ଏବଂ ଉପାଧକ୍ଷ ମିହିରି କୁମାର ମିଶ୍ରଙ୍କ ମଧରେ ଆରମ୍ଭ ହୋଇଛି ଶକ୍ତି ପ୍ରଦର୍ଶନ । ବିଜେପି ଅଧକ୍ଷା ଆରତୀ ପ୍ରଧାନ ରହିବେ ନାଁ ହଟିବେ ତାକୁ ନେଇ ସ୍ଥାନୀୟ ଅଞ୍ଚଳରେ ବେଶ ଚର୍ଚ୍ଚା । ବିଜେଡ଼ିର ଉପାଧକ୍ଷ ମିହିରି କୁମାର ମିଶ୍ର ସମେତ ୧୦ ଜଣ କାଉନସିଲର ନୟାଗଡ଼ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି । ସୂଚନା ଅନୁଯାୟୀ ଅଧକ୍ଷା ଆରତୀ ପ୍ରଧାନଙ୍କ ମନମୁଖୀ ଶାସନଙ୍କୁ ବିରୋଧ କରି ଏକାଠି ହୋଇଛନ୍ତି ଖଣ୍ଡପଡା ଏନ୍.ଏ.ସି ର ୧୦ ଜଣ କାଉନସିଲର । ୧୩ ଟି ୱାର୍ଡ କୁ ନେଇ ଖଣ୍ଡପଡା ଏନ୍.ଏ.ସି ଗଠିତ ହୋଇଥିବା ବେଳେ ଅଧକ୍ଷା ଆରତୀ ପ୍ରଧାନଙ୍କୁ ମିଶାଇ ୧୪ ଜଣ ସଭ୍ୟ ରହିଛନ୍ତି । ଖଣ୍ଡପଡା ଏନ୍.ଏ.ସି ପାଇଁ ଅଧକ୍ଷା ଆରତୀ ପ୍ରଧାନଙ୍କ ନାମରେ ଅନାସ୍ଥା ପ୍ରସ୍ତାବ ଭୋଟ ପାଇଁ ଅଭିଯୋଗ ଆଣିଥିବା କାଉନସିଲରଙ୍କ ଅଭିଯୋଗ ଖଣ୍ଡପଡା ଏନ୍.ଏ.ସି ର ବିକାଶ ପାଇଁ ସ୍ଥାନୀୟ ବାସିନ୍ଦା ଭୋଟ ଦେଇ ନିର୍ବାଚିତ କରିଛନ୍ତି । କିନ୍ତୁ ଅଧକ୍ଷା ଏବଂ ତାଙ୍କ ସ୍ୱାମୀ ବିଧାନ ଚନ୍ଦ୍ର ପ୍ରଧାନ ଖଣ୍ଡପଡା ଏନ୍.ଏ.ସି ରେ ଉନ୍ନୟନ ମୂଳକ କାର୍ଯ୍ୟରେ ବାଧା ସୃଷ୍ଟି କରୁଛନ୍ତି । ଠିକ ରେ ଅଧକ୍ଷା ଅଫିସ କୁ ଆସୁନଥିବା ବେଳେ କାଉନସିଲର ମାନେ ଅଭିଯୋଗ କଲେ ତାଙ୍କ ସ୍ୱାମୀ ବିଧାନ ଚନ୍ଦ୍ର ପ୍ରଧାନ ଗୁଣ୍ଡା ଲଗାଇ ଜୀବନରେ ମାରିଦେବାକୁ ଧମକ ଦେଇଛନ୍ତି । ଖଣ୍ଡପଡା ଏନ୍.ଏ.ସି ର ଉନ୍ନତି ପାଇଁ ଅଧକ୍ଷା ଆରତୀ ପ୍ରଧାନଙ୍କ ନାମରେ ଅନାସ୍ଥା ପ୍ରସ୍ତାବ ପାଇଁ ଜିଲ୍ଲାପାଳଙ୍କ ପାଖରେ ୧୦ ଜଣ କାଉନସିଲର ଦସ୍ତଖତ ସହ ଲିଖିତ ଅଭିଯୋଗ କରିଥିବା ସେମାନେ ଅଭିଯୋଗ କରିଛନ୍ତି । ଜିଲ୍ଲାପାଳଙ୍କ ନିକଟରେ ଅଧକ୍ଷାଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ପାଇଁ ଅଭିଯୋଗ ଆଣିବା ପରେ ୧୦ ଜଣ କାଉନସିଲର ଅଜ୍ଞାନ୍ତ ବସରେ ରହିଥିବା ଜଣାପଡିଛି । ସେପଟେ କାଉନସିଲରଙ୍କ ବିରୋଧରେ ପାଲଟ ଅଭିଯୋଗ ଆଣି ହାଇ କୋର୍ଟରେ ଦ୍ୱାରସ୍ଥ ହୋଇଛନ୍ତି ଅଧକ୍ଷା ଆରତୀ ପ୍ରଧାନ ଏବଂ ତାଙ୍କ ସ୍ୱାମୀ ବିଧାନ ଚନ୍ଦ୍ର ପ୍ରଧାନ । କାଉନସିଲରଙ୍କ ବିରୋଧରେ ମାନହାନି ମକଦ୍ଦମା ରୁଜୁ କରିବା ସହ ଗିରଫ ପାଇଁ ନୟାଗଡ଼ ଏସ୍ପିଙ୍କ ନିକଟରେ ଅଭିଯୋଗ କରିଛନ୍ତି ସେ । ସୂଚନା ଅନୁଯାୟୀ ଆରତୀ ପ୍ରଧାନ ସ୍ୱାଧୀନ ପ୍ରାର୍ଥୀ ଭାବେ ଖଣ୍ଡପଡା ଏନ୍.ଏ.ସିରୁ ଅଧକ୍ଷା ଭାବେ ନିର୍ବାଚନ ହୋଇଥିବା ବେଳେ ନିକଟରେ ସେ ବିଜେପିରେ ଯୋଗ ଦେଇଥିଲେ । ଖଣ୍ଡପଡାରେ ବିଧାୟକ ପରିବର୍ତ୍ତନ ହେବା ପରେ ବିଜେଡ଼ି ହତାଶ ହୋଇ ଏଭଳି ହୀନ ରାଜନୀତି କରୁଛି । ଖଣ୍ଡପଡା ଏନ୍.ଏ.ସିର ଉପାଧକ୍ଷ ମିହିରି କୁମାର ମିଶ୍ର ବିଜେଡ଼ିର ହୋଇଥିବାରୁ ଅନ୍ୟ କାଉନସିଲର ମାନଙ୍କୁ ଟଙ୍କାର ଲୋଭ ଦେଖାଇ ତାଙ୍କ ବିରୋଧରେ ମିଥ୍ୟା ଅନାସ୍ଥା ପ୍ରସ୍ତାବ ଅଭିଯୋଗ ଆଣି ନାଟକ କରୁଥିବା ଅଧକ୍ଷା ଆରତୀ ପ୍ରଧାନ ଅଭିଯୋଗ କରିଛନ୍ତି । ଅନାସ୍ଥା ଭୋଟ ପାଇଁ ଅଧକ୍ଷା ଏବଂ ଉପାଧକ୍ଷ ଙ୍କମଧରେ ବିବାଦ ସୃଷ୍ଟି ହୋଇଥିବା ବେଳେ । ସେପଟେ ଜିଲ୍ଲା ପ୍ରଶାସନ ପକ୍ଷରୁ ଖଣ୍ଡପଡା ଏନ୍.ଏ.ସି ପାଇଁ କୌଣସି ନୋଟିସ୍ ପ୍ରକାଶ ପାଇନାହିଁ । ସେପଟେ ନିୟମ ରହିଛି ଏନ୍.ଏ.ସି ଅଧକ୍ଷ ସିଧସଳଖ ନିର୍ବାଚିତ ହୋଇଥିବାରୁ କାଉନସିଲର ମାନେ ଚାହିଁଲେ ନିର୍ବାଚନର ଦୁଇ ବର୍ଷ ପରେ ଏନ୍.ଏ.ସି ଅଧକ୍ଷଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଭୋଟ ପାଇଁ ଆବେଦନ କରିପାରିବେ ।

## ବେଗୁନିଆରେ ୭୮ ତମ ସ୍ୱାଧୀନତା ଦିବସ ପାଳିତ

**ବେଗୁନିଆ,(ମହାଭାରତ) :** ଖୋର୍ଦ୍ଧା ଜିଲା ବେଗୁନିଆ ବ୍ଲକ ଅଞ୍ଚଳରେ ଗୁରୁବାର ୭୮ ତମ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି । ସରକାରୀ ଓ ବେସରକାରୀ ସ୍କୁଲ କଲେଜ, ଘରୋଇ ଶିକ୍ଷାନୁଷ୍ଠାନ, ଅନୁଷ୍ଠାନ, ଡ୍ରାଇଭର ସଂଘ,ବ୍ଲକ, ତହସିଲ, ଥାନା କାର୍ଯ୍ୟାଳୟ ପରିସରରେ ଆଡମ୍ବର ସହକାରେ ପାଳିତ ହୋଇଯାଇଛି ।ସେହିପରି ସମସ୍ତ ଗ୍ରାମରେ ଘରେ ଘରେ ହରଘର ତ୍ରିରଙ୍ଗା ପତାକାକୁ ସମ୍ମାନ ଦିଆ ଯାଇଥିଲା ।ମାତ୍ର ସ୍ଥାନୀୟ ପ୍ରଶାସନ ପକ୍ଷରୁ ଆୟୋଜିତ ବ୍ଲକ ସ୍ତରୀୟ ପାଳନ ଉତ୍ସବରେ ବଡ ଅଘଟଣ ଘଟିଛି । ପରେଡ୍ ପଡ଼ିଆ ପରିସରରେ ୫ ଜଣ ଛାତ୍ରୀ ଅସୁସ୍ଥ ହୋଇ ପଡିଥିଲେ ।ସେମାନଙ୍କୁ ଚିକିତ୍ସା ପାଇଁ ସ୍ଥାନୀୟ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା । ସେଠାରେ ୪ଜଣ ଛାତ୍ରୀଙ୍କର ଅବସ୍ଥାରେ ସୁଧାର ନ ଆସିବାରୁ ୧୦୮ ଆମ୍ବୁଲାନ୍ସ ଯୋଗେ ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଥିଲା ବେଳେ ଅନ୍ୟ ଜଣେ ଛାତ୍ରୀ ପ୍ରାଥମିକ ଚିକିତ୍ସାପରେ ଘରକୁ ଫେରିଥିଲେ । ତେବେ ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟରେ ଜଣେ ଛାତ୍ରୀଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ଭୁବନେଶ୍ୱର ସ୍ଥିତ ଏମ୍ସ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା । ତେବେ ଶୁକ୍ରବାର ରିପୋର୍ଟ ଲେଖାଗଲା ବେଳକୁ ସମସ୍ତ ଛାତ୍ରୀ ସୁସ୍ଥ ହୋଇ ଘରକୁ ଫେରିଥିବା ଖବର ମିଳିଛି । ଏହାକୁ ନେଇ ଅଭିଭାବକ ମହଲରେ ଅସନ୍ତୋଷ ଦେଖା ଦେଇଥିଲା । ପାଳନ ଉତ୍ସବ ସମାରୋହକୁ ଆୟୋଜନ କରୁଥିବା ବ୍ଲକ ପ୍ରଶାସନର ଦାୟିତ୍ୱ ହୀନତା ଯୋଗୁ ପିଲାମାନେ ଅସୁସ୍ଥ ହୋଇ ପଡିଥିଲେ ବୋଲି ଅଭିଭାବକ ମାନେ ଦାୟୀ କରିଛନ୍ତି । ପ୍ରକାଶ ଥାଉକି ବେଗୁନିଆ ମିନି ଷ୍ଟାଡିୟମ ପରିସରରେ ବ୍ଲକ ସ୍ତରୀୟ ୭୮ ତମ ସ୍ୱାଧୀନତା ଦିବସ ପାଳନ କରାଯାଇଥିଲା । ଶିକ୍ଷାବିତ ଭଗବାନ ପଣ୍ଡାଙ୍କ ଅଧକ୍ଷତାରେ ଆୟୋଜିତ ସମାରୋହରେ ସ୍ଥାନୀୟ ବିଧାୟକ ପ୍ରଦୀପ କୁମାର ସାହୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ,ବ୍ଲକ ଅଧକ୍ଷ ଲକ୍ଷ୍ମୀଧର ସୁବୁଦ୍ଧି ମୁଖ୍ୟବକ୍ତା ଓ ସ୍ଥାନୀୟ ସରପଞ୍ଚ ସତ୍ୟ ନାରାୟଣ ପ୍ରଧାନ ପ୍ରମୁଖ ଯୋଗ ଦେଇ ପତାକା ଉତ୍ତୋଳନ କରିଥିଲେ । ବିଭିନ୍ନ ବିଦ୍ୟାଳୟର ଛାତ୍ରୀ ଛାତ୍ର ମାନେ ଦେଶାତ୍ମବୋଧକ ସଙ୍ଗୀତ ଗାନ କରିବା ସହ ପରେଡ୍‌ରେ ଅଂଶଗ୍ରହଣ କରିଥିଲେ ।ପରେ ପିଲାମାନଙ୍କ ମଧ୍ୟରେ ନାଚ ଗୀତ, ତର୍କ ଆଦି ବିଭିନ୍ନ ପ୍ରତିଯୋଗିତା ମଧ୍ୟାହ୍ନ ପ୍ରାୟ ୧୨ ଟା ପର୍ଯ୍ୟନ୍ତ ଚାଲିଥିଲା । ହେଲେ ପିଲାମାନଙ୍କ ପାଇଁ ଖାଦ୍ୟ ଓ ଗ୍ଲୁକୋଜ ପାନୀୟ ବ୍ୟବସ୍ଥା କରାଯାଇନଥିଲା । ସକାଳୁ ସକାଳୁ ଅସହ୍ୟ ଗୁଳୁଗୁଳି ଅନୁଭୁତ ହେଉଥିଲା ।ସକାଳ ୬ ଟାରୁ ପିଲାମାନେ ଘରୁ ବାହାରି ଆସି ୧୨ଟା ପର୍ଯ୍ୟନ୍ତ ବିଭିନ୍ନ ନାଚ ଗୀତ ତର୍କ ଓ ପରେଡ ପ୍ରତିଯୋଗିତା ରେ ଲାଗି ପଡିଥିଲେ । ହେଲେ ସେଠାରେ ବଣ୍ଟନ କରାଯାଇଥିବା ସୁଖିଲା ଖାଦ୍ୟ ଓ ସାଧାରଣ ପାନୀୟ ଜଳ ବ୍ୟବସ୍ଥା ପିଲାଙ୍କ ସ୍ୱାସ୍ଥ୍ୟ ଉପଯୋଗୀ ହୋଇନଥିଲା । ଫଳରେ ପିଲାମାନେ ଜଣଙ୍କ ପରେ ଜଣେ ଅଂଶୁଘାତ ଜନୀତ ପୀଡା ଅନୁଭବ କରି ଚେତାସୂନ୍ୟ ହୋଇପଡିଥିଲେ ବୋଲି ଅଭିଭାବକ ଶିବ କୁମାର ମୁନି ସୁଚନା ଦେଇଛନ୍ତି । ବିଡିଓ ଲକ୍ଷ୍ମୀଧର ସାହୁ, ତହସିଲଦାର ତାପସ ବିସି କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ବ୍ଲକ ଶିକ୍ଷା ଅଧିକାରୀ ଭାସ୍କର ଲେଙ୍କା ଧନ୍ୟବାଦ ଅର୍ପଣ କରିଥିଲେ ।



# ମହାଭାରତ ଅଞ୍ଚଳ କଥା

ଆପଣା ମାଟିର କଥା ଓ ବ୍ୟଥା






## ଗାଡି ଋଣ ଯୋଗାଇ ଦେବା ଆଳରେ ଲକ୍ଷାଧିକ ଟଙ୍କା ଠକେଇ

### ସ୍ୱାମୀ ଓ ସ୍ତ୍ରୀ ଙ୍କୁ ବାନ୍ଧିଲା ପୋଲିସ

**କପ୍ତିପଦା,(ମହାଭାରତ ):** କପ୍ତିପଦା -ଖୁଣ୍ଟା ଥାନା ଅଧିନସ୍ଥ କରକଚିଆ ଗ୍ରାମର ପୂଜା ଅଗରବତି କେବି ନାମକ ଏକ ଧୂପ କାଠି ତିଆରି ସଂସ୍ଥା ସେହି ଅଞ୍ଚଳର କେତେକ ବ୍ୟକ୍ତିଙ୍କୁ ବାଇକ ଯୋଗାଇ ଦେବା ଆଳରେ ଲକ୍ଷାଧିକ ଟଙ୍କା ଠକେଇ କରିଥିବା ନେଇ ଥାନା ରେ ଅଭିଯୋଗ ହୋଇଛି। ଧୂପ କାଠି ତିଆରି କରୁଥିବା ସଂସ୍ଥାର ମାଲିକ କବିତା ସିଂ (୩୦) ତିନି ଚାରି ବର୍ଷ ହେବ ଧୂପ ତିଆରି କରି ସ୍ଥାନୀୟ ଅଞ୍ଚଳରେ ବିକ୍ରି କରିବା ସହ ବାହାର ବଜାରକୁ ପଠାଉଥିଲେ। ତେବେ ଏହି କାର୍ଯ୍ୟ ପାଇଁ ସେ ୮/୧୦ ଜଣ ବ୍ୟକ୍ତିଙ୍କୁ ଲିଡର ରୂପେ ରଖି କାର୍ଯ୍ୟ କୁ ପରିଚାଳନା କରିବା ପାଇଁ ଦାୟିତ୍ୱ ଦେଇଥିଲେ। ୨ ବର୍ଷ ତଳେ ଲିଡର ମାନଙ୍କୁ ମାର୍କେଟିଂ କରିବାକୁ ସହଜ ଓ ସୁବିଧା ପାଇଁ ତାଙ୍କୁ ସ୍କୁଟି ଓ ବାଇକ ର ଲୋଭ ଦେଖାଇ ବାରିପଦା ହିରୋ ସୋ ରୁମ୍ ରେ ସେମାନଙ୍କ ନାମରେ ଗାଡି ଋଣ କରାଇ ଦେଇଥିଲେ। ତେବେ ଋଣ ପୂର୍ବରୁ ସେମାନଙ୍କ ପାଖରୁ ସୋ ରୁମ୍ ରେ ଜମା କରିବା ପାଇଁ ପ୍ରଥମେ ୪୦ ରୁ ୪୫ ହଜାର ଟଙ୍କା ଲେଖାଏଁ ଆଦାୟ କରିଥିଲେ। ପରବର୍ତ୍ତୀ କିସ୍ତି ଗୁଡିକ କଂପାନୀ ତରଫରୁ ତାଙ୍କ ଦ୍ୱାରା ପୈଠ କରାଯିବ ବୋଲି କହିଥିଲେ। ମାତ୍ର ୨/୩ ଟି କିସ୍ତି ଦେବା ପରେ ଆଉ ଧରାଛୁଆଁ ଦେଇ ନଥିଲେ କବିତା। ଫଳରେ କିଛି ନ ଜାଣି ଋଣରେ ଆଣିଥିବା ନିରୀହ ଆଦିବାସୀ ମାନଙ୍କ ଉପରେ ଫାଇନାନ୍ସ କମ୍ପାନୀ ଚଢଉ ଓ ଜୁଲମ କରିବା ସହ ନାନା ଧମକ ଚମକ ଦେଉଥିବାର ଅଭିଯୋଗ ରେ ଦର୍ଶା ଯାଇଛି। ତେବେ ଋଣ ଆଣିଥିବା ବ୍ୟକ୍ତି ମାନେ ଏହା ଜାଣିବା ପରେ ବାରିପଦା ସୋ ରୁମ୍ ରେ କାଗଜ ପତ୍ର ଦେଖିବାରୁ କାହାର ୧୦ ହଜାର ତ ଆଉ କାହାର ୪୫ ହଜାର ଟଙ୍କା ଜମା ଦିଆ ଯାଇଥିବାର ଜାଣିବାକୁ ପାଇଛନ୍ତି। କମ୍ପାନୀର କାର୍ଯ୍ୟ ଲୋଭ ଦେଖାଇ କବିତା ସିଂ ଗାଡି ଋଣ କରିବା



ନାମରେ ବିଭିନ୍ନ ଲୋକଙ୍କ ଠାରୁ ଏପରି ଠକେଇ କରିଥିବା ନେଇ ଜଣା ପଡିବା ପରେ କମ୍ପାନୀର ଲିଡର ଭାବେ କାର୍ଯ୍ୟରତ ଥିବା ନାରାୟଣ କିସ୍କୁ (୨୬) ନାମକ ଜଣେ ଯୁବକ ଥାନା ରେ ଅଭିଯୋଗ କରିଛନ୍ତି। ପୋଲିସ ଘଟଣାର ତଦନ୍ତ ପରେ ୨୬୦/୨୪ ରେ ଏକ ମାମଲା ରୁଜୁ କରିବା ସହ ଅଭିଯୁକ୍ତ କବିତା ସିଂ ଓ ତାଙ୍କ ସ୍ୱାମୀ ବାପି ବେହେରା ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ପୋଲିସ। ତେବେ ଉଭୟ ସ୍ୱାମୀ ସ୍ତ୍ରୀ ଏଥି ପୂର୍ବରୁ ମୋବାଇଲ, ସାଇକେଲ, ବାଇକ, ଚାରି ଚକିଆ ଯାନ ବ୍ୟବସାୟ ରେ ସଂପୃକ୍ତ ରହି ଋଣ କରିଦେବା ଆଳରେ ୫୦ ରୁ ଅଧିକ ନିରୀହ ଆଦିବାସୀ ଲୋକଙ୍କୁ ଠକି ଥିବାର ଜଣା ପଡିଛି।

## ମଙ୍ଗଳା ମନ୍ଦିର ଭୋଗ, ଦୀପ ଦୋକାନ ଟେଣ୍ଡର ଡାକରା

### ସୁଦ୍ଧ ଘିଅକୁ ନେଇ ପ୍ରଶ୍ନ ଉଠାଇଲେ ପୂର୍ବତନ ପରିଚାଳକ

**କାକଟପୁର,(ମହାଭାରତ) :** ପୁରୀ ଜିଲ୍ଲା କାକଟପୁର ର ଅଧିଷ୍ଠାତ୍ରୀ ଦେ୍ୱୀ ଜଗତଜନନୀ ମା ମଙ୍ଗଳା, କେବଳ କାକଟପୁର କି ପୁରୀ ନୁହେଁ ବରଂ ଆମ ରାଜ୍ୟ ଓ ଭାରତ ବର୍ଷ ର ଅନେକ ସ୍ଥାନରୁ ବର୍ଷ ତମାମ ମା ଙ୍କ ପୀଠରେ ବିଭିନ୍ନ ଭକ୍ତଙ୍କ ସମାଗମ ହୁଏ, ଓଡିଶା ର ଅନେକ ଶକ୍ତିପୀଠ ରେ କେବଳ ଶାରଦୀୟ ଦୁର୍ଗା ପୂଜା ଅନୁଷ୍ଠିତ ହେଉଥିବା ବେଳେ ଏହି ପୀଠ ରେ ବାସନ୍ତିକ, ଚୈତ୍ର ମାସ ଝାମୁ, ପଣା ସଂକ୍ରାନ୍ତି ଓ ଶାରଦୀୟ ଦୁର୍ଗା ପୂଜା ଅନୁଷ୍ଠିତ ହୁଏ, ଜଗନ୍ନାଥ ମହାପ୍ରଭୁ ଙ୍କ ରୀତିନୀତି ସହିତ ମା ମଙ୍ଗଳାଙ୍କ ପରିଚୟ ରହିଛି ଯାହା ଅନେକ ବର୍ଷ ଆଗରୁ ମାଦଳା ପାଞ୍ଜି ରେ ଲିପିବଦ୍ଧ, ଏହି ମନ୍ଦିର ରେ ବର୍ଷକୁ ବର୍ଷ ଲକ୍ଷାଧିକ ଟଙ୍କା ଆୟ ହୁଏ, ଦେବୋତ୍ତର କମିସନ ଙ୍କ ଅଧୀନରେ ମା ଙ୍କ ମନ୍ଦିର ସମ୍ପୂର୍ଣ୍ଣ ରହିଥିବା ବେଳେ ଏଠି ସରକାରଙ୍କ ତରଫରୁ ଜଣେ କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କୁ ନିୟୋଜିତ କରାଯିବା ସହ ସ୍ଥାନୀୟ ତହସିଲଦାରଙ୍କୁ ଏହି କମିଟି ର ଅଧକ୍ଷ ରୂପେ ନିଯୁକ୍ତି ଦିଆଯାଇଛି, ଚଳିତ ବର୍ଷ ଭୋଗ ଓ ଦୀପ, ପାର୍କିଂ ଓ ଜୋତା ଷ୍ଟାଣ୍ଡ ଟେଣ୍ଡର ପାଇଁ ମନ୍ଦିର ଟ୍ରଷ୍ଟ ତରଫରୁ ସ୍ୱତନ୍ତ୍ର



ଭାବେ ଟେଣ୍ଡର ନୋଟିସ ଜାରୀ କରାଯାଇଥିବା ବେଳେ ଏହାକୁ ନେଇ ମନ୍ଦିର ଟ୍ରଷ୍ଟ ବୋର୍ଡ ର ପୂର୍ବତନ ପ୍ରମୁଖ ପରିଚାଳକ ପଣ୍ଡିତ ତ୍ରିଲୋଚନ ମିଶ୍ର କିଛି ଅସନ୍ତୋଷ ପ୍ରକାଶ କରିଛନ୍ତି, ସୂଚନା ମୁତାବକ ଶ୍ରୀଯୁକ୍ତ ମିଶ୍ର ଙ୍କ କହିବା ଅନୁସାରେ ଟେଣ୍ଡର ରେ ଦୀପ ଦୋକାନ ରେ ସର୍ବନିମ୍ନ ଦୀପର ମୂଲ୍ୟ ୧୦/- ଟଙ୍କା ଧାର୍ଯ୍ୟ କରାଯାଇ ସେଥିରେ ବ୍ରାଣ୍ଡ ଓ ସୁଦ୍ଧ ଅମୁଲ ଓ ଓମ୍ଫେଡ ଘିଅ ବ୍ୟବହୃତ କରିବାକୁ ନିୟମ ଥିବା ବେଳେ ମନ୍ଦିର ଦୀପ ଦୋକାନ ରେ ସର୍ବନିମ୍ନ ୧୦/-ଟଙ୍କା ରୁ ଅଧିକ ଟଙ୍କା ଦୀପ ବିକ୍ରି ହେଉଛି ଓ ସେଥିରେ ସୁଦ୍ଧ ଘିଅ ଦିଆଯାଉନାହିଁ, ଯାହାକି ଫଳରେ ମନ୍ଦିର ପରିବେଶ ରେ ନକଲି ଘିଅ ପ୍ରଭାବ ରେ ଅତ୍ୟଧିକ କାର୍ବନ ଡ଼ାଇଅକ୍ସାଇଡ ନିର୍ଗତ ହୋଇ ପରିବେଶ ଦୂଷିତ ହେବାରେ ଲାଗିଛି, ଲୋକ ଙ୍କ ଧାର୍ମିକ ବିଶ୍ୱାସ ପ୍ରତି ନକଲି ଘିଅ ଏକ ପ୍ରକାର ନକାରାତ୍ମକ ପ୍ରଭାବ ପକାଉଛି, ପଣ୍ଡିତ ମିଶ୍ର ଙ୍କ କହିବା ଅନୁସାରେ ୨୦୦୫ ମସିହା ରୁ ପାଖାପାଖି ୨୦୧୫ ମସିହା ପର୍ଯ୍ୟନ୍ତ ସ୍ୱର୍ଗତଃ ଶିକ୍ଷାବିତ ବସନ୍ତ କୁମାର ଦୀକ୍ଷିତ ଟ୍ରଷ୍ଟ ବୋର୍ଡ ର ସଭାପତି ଥିବା ବେଳେ ନିଜେ ପଣ୍ଡିତ ତ୍ରିଲୋଚନ ମିଶ୍ର ଙ୍କୁ ସରକାରଙ୍କ ତରଫରୁ ପ୍ରମୁଖ ପରିଚାଳକ ରୂପେ ଦାୟିତ୍ୱ ଦିଆଯାଇଥିଲା, ସେହି ସମୟରେ ମା ଙ୍କ ହୁଣ୍ଡୀ ରୁ ଏକ କାଳୀନ ୧୦ କୋଟି ଟଙ୍କା ବିଭିନ୍ନ ବ୍ୟାଙ୍କ ରେ ଫିକ୍ସ ଡିପୋଜିଟ କରାଯାଇଛି ଓ ବର୍ଷକୁ ପାଖାପାଖି ୧ କୋଟି ଟଙ୍କା ର ସୁଧ ମନ୍ଦିର ପରିଚାଳନା ପାଇଁ ବ୍ୟବସ୍ଥା ହୋଇଥିଲା, ତା ସହିତ ସେହି ସମୟ ରେ ଦୀପ ର ସର୍ବନିମ୍ନ ମୂଲ୍ୟ ୨ଟଙ୍କା ରଖାଯାଇ ସେଥିରେ ସୁଦ୍ଧ ଘିଅ ମରାଯାଇ ଭକ୍ତ ଙ୍କୁ ବିକ୍ରି ହେଉଥିଲା କିନ୍ତୁ କିଛି ବର୍ଷ ହେବ ସେହିପରି କାର୍ଯ୍ୟକ୍ରମ ମନ୍ଦିର ରେ ହେଉନାହିଁ, ଦୀପ ରେ ନକଲି ଘିଅ ଦିଆଯାଉଛି କିନ୍ତୁ ଟେଣ୍ଡର ରେ ସୁଦ୍ଧ ଘିଅ ଲେଖାଯାଉଛି, ତେଣୁକରି ପଣ୍ଡିତ ତ୍ରିଲୋଚନ ମିଶ୍ର ଅସନ୍ତୋଷ ପ୍ରକାଶ କରିବା ସହିତ ମାନ୍ୟବର ଦେବୋତ୍ତର କମିଶନ ଏହି ନକଲି ଘିଅ କିପରି ଆଗାମୀ ଦିନ ରେ ମନ୍ଦିର ରେ ଦୀପ ଦୋକାନ ରେ ବିକ୍ରି ନହୋଇ ଅସଲି ସୁଦ୍ଧ କମ୍ପାନୀ ଘିଅ ଦୀପ ବିକ୍ରି ହେବ ସେଥିପ୍ରତି ଦୃଷ୍ଟି ଦେବାକୁ ଦାବୀ କରିଛନ୍ତି ।

## ବଡ଼ବିଲ, ଟେନ୍ସା ଓ କାଶିଆ ୟୁନିଟରେ ସ୍ୱାଧୀନତା ଦିବସ ପାଳିତ

**ଯୋଡ଼ା/ବଡ଼ବିଲ,(ମହାଭାରତ ):** କେନ୍ଦୁଝର ଜିଲ୍ଲା ଅନ୍ତର୍ଗତ ଯୋଡ଼ା ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର (ଜେଏସପି) ପକ୍ଷରୁ ବଡ଼ବିଲ ପେଲେଟ ପ୍ଲାଣ୍ଟ, ଟେନସା ଓ କାସିଆ ଆଇରନ ମାଇନ୍ସରେ ୭୮ତମ ସ୍ୱାଧୀନତା ଦିବସ ମହାସମାରୋହରେ ପାଳିତ ହୋଇଯାଇଛି। ବଡ଼ବିଲ ପେଲେଟ ପ୍ଲାଣ୍ଟ ପରିସରରେ ୟୁନିଟ ମୁଖ୍ୟ ଶ୍ରୀ ପୁରୁଷୋତ୍ତମ ଏମ୍. ଡି. ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଜେଏସପିର ଟେନ୍ସା ସ୍ଥିତ ଲୁହା ଖଣି ପରିସରରେ ୟୁନିଟ ମୁଖ୍ୟ ଶ୍ରୀ କମଳାକାନ୍ତ ନନ୍ଦ ଓ କାଶିଆ ଲୁହା ଖଣି ପରିସରରେ ୟୁନିଟ ମୁଖ୍ୟ ଶ୍ରୀ ପ୍ରମୋଦ ପାତ୍ର ଜାତୀୟ ପତାକା ଉତ୍ତୋଳନ କରିଥିଲେ। ସମାରୋହରେ ବରିଷ୍ଠ ଅଧିକାରୀ, କର୍ମଚାରୀ, ବ୍ୟବସାୟ ସହଯୋଗୀ ଓ ସେମାନଙ୍କ ପରିବାର ସଦସ୍ୟମାନେ ସକ୍ରିୟ ଭାବେ ସାମିଲ ହୋଇଥିଲେ। ସୋସିଆଲ ମେଡିଆ ପ୍ଲାଟଫର୍ମ 'ଏକ୍ସ'ରେ ଜେଏସପିର ଅଧକ୍ଷ ଶ୍ରୀ ନବୀନ ଜିନ୍ଦଲ ସମସ୍ତଙ୍କୁ ସ୍ୱାଧୀନତା ଦିବସର ଶୁଭେଚ୍ଛା ଜଣାଇବା ସହ ସ୍ୱାଧୀନତା ସଂଗ୍ରାମର ଅଗଣିତ ସଂଗ୍ରାମୀଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ଏହା ସହିତ ସେ କହିଛନ୍ତି, "ଆମେ ସ୍ୱାଧୀନତା ଦିବସର ୭୭ ବର୍ଷ ପୂରଣ କରିବା ସହ ଭାରତୀୟ ଗଣତନ୍ତ୍ରର ଦୂରଦର୍ଶିତା, ସାହାସିକତା ଓ ସ୍ଥିରତା ର ଯାତ୍ରାକୁ ମଧ୍ୟ ପାଳନ କରୁଛେ । ଆଜି ଆମେ ଏମିତି ଏକ ଭବିଷ୍ୟତର ପରିକଳ୍ପନା କରୁଛୁ, ଯେଉଁଠାରେ ସମସ୍ତଙ୍କ ପାଇଁ ସୁନିଶ୍ଚିତ ବିକାଶ, ସେମାନଙ୍କ ସୃଜନଶୀଳତା ବିକାଶ ର ସୁଯୋଗ ଓ କୋଟିକୋଟି ଲୋକଙ୍କ ସ୍ୱପ୍ନ ପୂରଣ ସୁନିଶ୍ଚିତ ହେଉଥିବ; ଏହା ହିଁ ପ୍ରକୃତରେ ବିକଶିତ ଭାରତର ପରିଚୟ ।"ପାରିପାର୍ଶ୍ୱିକ ଅଞ୍ଚଳର ଭିତ୍ତିଭୂମି ଓ ସାମାଜିକ ବିକାଶର ଦାୟିତ୍ୱକୁ ସୂଚାରୁ ରୂପେ ତୁଲାଉଥିବା ଜେଏସପି ଫାଉଣ୍ଡେସନ ପକ୍ଷରୁ ସ୍ୱାଧୀନତା ଦିବସ ଅବସରରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ପାରିପାର୍ଶ୍ୱିକ ଗ୍ରାମ ମାନଙ୍କରେ ମିଷ୍ଟାନ୍ନ ବଣ୍ଟନ ସହ ବିଭିନ୍ନ ସ୍କୁଲରେ ଦେଶପ୍ରେମ ପର୍ଯ୍ୟବସିତ ପ୍ରବନ୍ଧ, ତର୍କ ଓ ଚିତ୍ରାଙ୍କନ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ଏଥିରେ ଛାତ୍ର ଛାତ୍ରୀ ଓ ଗ୍ରାମବାସୀ ମାନେ ବହୁ ସଂଖ୍ୟାରେ ଅଂଶ ଗ୍ରହଣ କରିଥିଲେ । ଏସବୁ କାର୍ଯ୍ୟକ୍ରମ ସିଏସ୍ଆର ମୁଖ୍ୟ ଶ୍ରୀ ଭର୍ଜିଲ ଲାକ୍ରା ଓ ତାଙ୍କ ଟିମ୍ ଆୟୋଜନ କରିଥିଲେ। ଜାତୀୟ ପତାକା ଉତ୍ତୋଳନ କାର୍ଯ୍ୟକ୍ରମ ସହ ଜେଏସପିର ବଡ଼ବିଲ, ଟେନସା ଓ କାଶିଆର ଟାଉନସିପରେ କର୍ମଚାରୀ ଓ ସେମାନଙ୍କ ପରିବାରର ସଦସ୍ୟମାନଙ୍କ ଦ୍ୱାରା ଭବ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ସମସ୍ତେ ଅତି ଉତ୍ସାହର ସହ ଏସବୁ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ।

## ହିନ୍ଦୋଳରେ ବିଜୁ ଜନତା ଦଳର ଜନଜାଗରଣ ସଭା

**ହିନ୍ଦୋଳ,(ମହାଭାରତ ):** ଓଡିଶାର ବିରୋଧୀଦଳର ନେତା ବିଜେଡି ରାଜ୍ୟ ସଭାପତି ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କ ଆହ୍ୱାନ କ୍ରମେ ରାଜ୍ୟସରକାରଙ୍କ ପ୍ରତିଶୃତି ପାଳନ ନକରିବାପାଇଁ ରାଜ୍ୟ ସାରା ଜନଜାଗରଣ ସଭା ଅନୁଷ୍ଠିତ ହେଉଅଛି। ଏହି ପରିପେକ୍ଷୀରେ ହିନ୍ଦୋଳ ନିର୍ବାଚନମଣ୍ଡଳୀ ବିଜୁଜନତାଦଳ ପକ୍ଷରୁ ପୂର୍ବତନ ଢେଙ୍କାନାଳ ସାଂସଦ ଶ୍ରୀ ମହେଶ ସାହୁଙ୍କ ନେତୃତ୍ୱରେ ଜନଜାଗରଣ ସଭା ହିନ୍ଦୋଳ ବ୍ଲକ ସମ୍ମୁଖରେ ଶତାଧିକ ଭତ୍ତାଧାରୀ, ଦଳୀୟ ପଦାଧିକାରୀ, କର୍ମୀ ଓ ଜନସାଧାରଣଙ୍କ ସହ ଜନଜାଗରଣ ସଭା ଅନୁଷ୍ଠିତ ହୋଇଯାଇଛି । ଭତ୍ତାଧାରୀଙ୍କ ଭତ୍ତାକୁ ୩୦୦୦ କରାଯିବା ପ୍ରତିଶୃତି ଦେଇଥିବା ବିଜେପି ଦଳ କ୍ଷମତାସୀନ ହେବା ପରେ ପ୍ରତିଶ୍ରୁତି ଭୂଲି ବୃଦ୍ଧ ଜନସାଧାରଣଙ୍କ ସହ ପ୍ରତାରଣା କରୁଛି । ବିଜେପି ସରକାରର ଜନମାରଣ ନୀତିକୁ ବିରୋଧ କରିବା ସହ ଆଗାମୀ ଦିନରେ ପ୍ରତିଶୃତି ମୁତାବକ ଯଦି ଭତ୍ତା ୩୦୦୦ କରାନଯାଏ ତେବେ ପୁରପଲ୍ଲୀରେ ଆନ୍ଦୋଳନ ହେବ ବୋଲି ଆଜି ଉକ୍ତ ବୈଠକରେ ପ୍ରାକ୍ତନ ସାଂସଦ ଶ୍ରୀ ମହେଶ ସାହୁ ପ୍ରକାଶ କରିଥିଲେ । ଏଥିସହ ରାଜ୍ୟ ସରକାରଙ୍କ ପ୍ରତିଶୃତି ଧୂଆଁବାଣ ବୋଲି କହିବା ସହ ସରକାରଙ୍କ ବିଭିନ୍ନ ବିଫଳତା ବିଷୟରେ ଉଦବୋଧନ ଦେଇଥିଲେ ।ରାଜ୍ୟ ଯୁବ ବିଜେଡି ସଂମ୍ପାଦକ ଦେବୀପ୍ରସାଦପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ ସଭାରେ ହିନ୍ଦୋଳ ଏନଏସି ବିଜେଡି କାର୍ଯ୍ୟକାରୀ ସଭାପତି ତଥା ବିଜେଡି ଜିଲ୍ଲାସମ୍ପାଦକ ପ୍ରଦ୍ୟୁମ୍ନପବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଜେଡି ରାଜ୍ୟ ସମ୍ପାଦକ ସତ୍ୟଜିତ ପଟ୍ଟନାୟକ,ହିନ୍ଦୋଳ ଏନଏସି ଉପାଧାକ୍ଷା ଶ୍ରୀମତୀ ପ୍ରତିମା ରାଉତ, କାଉନସିଲର ଅନୁପମା ସାହୁ, ସୁମତି ଦେହୁରୀ, ବନିତା ଦାସ, ବିଜୟ ପ୍ରଧାନ, ଶୁଭଲକ୍ଷ୍ମୀ ଦେହୁରୀ, ବିଷ୍ଣୁପ୍ରିୟା ନାଏକ, ରିତାରାଣୀ ବେହେରା,ଛାତ୍ରବିଜେଡି ଜିଲ୍ଲା ଉପସଭାପତି ଶ୍ରୀକାନ୍ତ ବାରିକ,ପୂର୍ବତନ ସମିତିସଭ୍ୟ ବୁଦ୍ଧଦେବ ନାଏକ,ବରିଷ୍ଠ ବିଜେଡି ନେତା ବିଜୟ ବେହେରା, କୈଳାଶ ବେହେରା,ଶ୍ରୀକାନ୍ତ ମହାପାତ୍ର,ଶୁଭେନ୍ଦୁ ଦାସ, ପ୍ରଶାନ୍ତ ଦାସ,ହାପି ଗଡ଼ନାଏକ, ସିଧେଶ୍ୱର ପ୍ରଧାନ, ଦେବାର୍ଚ୍ଚନ ଦେହୁରୀ,ମୃତ୍ୟୁଞ୍ଜୟ ଦାସ, ପୂର୍ଣ୍ଣଚନ୍ଦ୍ର ନାଠି, ସିପୁନ, ନିରୋଜ ପାଳ,ପୂର୍ବତନ କାଉନସିଲର ରମେଶ ସାହୁ, ପଳଉ ଦେହୁରୀ ପ୍ରମୁଖ ଶତାଧିକ କାର୍ଯ୍ୟକର୍ତ୍ତା, କର୍ମୀ, ଅବହେଳାର ଶିକାର ହୋଇଥିବା ବୃଦ୍ଧ/ବୃଦ୍ଧା ଭତ୍ତାଧାରୀ ଜନସାଧାରଣ ଏହି ପ୍ରତିବାଦ ସଭାରେ ସାମିଲ ହୋଇଥିଲେ।

## ବାଙ୍ଗଲାଦେଶୀ ବିତାଡିତ କରିବା ପାଇଁ ଥାନାରେ ଦାବିପତ୍ର ପ୍ରଦାନ



**ଆସିକା,(ମହାଭାରତ):** ବିଶ୍ୱହିନ୍ଦୁ ପରିଷଦ ଆସିକା ଶାଖା ପକ୍ଷରୁ ବାଙ୍ଗଲାଦେଶୀ ଅନୁପ୍ରବେଶ କାରୀଙ୍କୁ ଶୀଘ୍ର ଚ଼ିହ୍ନଟ କରି ଅଞ୍ଚଳରୁ ବିତାଡିତ କରିବା ପାଇଁ ଆସିକା ଉପଖଣ୍ଡ ପୋଲିସ ଅଧିକାରୀ ସଞ୍ଜୟ କୁମାର ମହାପାତ୍ର ଙ୍କୁ ଆସିକା ଥାନାଧିକାରୀ ରାଜେନ୍ଦ୍ର ନାରାୟଣ ପଟ୍ଟନାୟକ ଙ୍କ ଜରିଆରେ ଏକ ଲିଖିତ ଅଭିଯୋଗ ପ୍ରଦାନ କରିଛନ୍ତି କ୍ଷ ଏହି ଅଭିଯୋଗ ପତ୍ର ଅନୁସାରେ ଆସିକା ତଥା ଆଖ ପାଖ ଅଞ୍ଚଳରେ ବସବାସ କରୁଥିା ବାଙ୍ଗଲାଦେଶୀ ଅନୁପ୍ରବେଶକାରି ମାନଙ୍କୁ ଯଥା ଶୀଘ୍ର ଚ଼ିହ୍ନଟ କରି ଆସିକା ଅଞ୍ଚଳରେ ରହି ବହୁ ପ୍ରକାର ଅସାମାଜିକ କାର୍ଯ୍ୟ ତଥା ଚୋରି,ଡକାୟତି , ରାହାଜାନି ଓ ଦେଶଦ୍ରୋହୀ ଭଳି କାର୍ଯ୍ୟରେ ଲିପ୍ତରହୁଛନ୍ତି, ଯାହାକି ଆମ ସମାଜ ପ୍ରତି ବହୁତ କ୍ଷତିକାରକ ଅଟେ, ଆଧାରକାର୍ଡ, ଭୋଟ ଭୋଟର କାର୍ଡ ଓ ଗାଡିର ରେଜିଷ୍ଟ୍ରେସନ ପରିପ୍ରେକ୍ଷୀରେ ସେମାନଙ୍କର ନମ୍ବର ର ତଦାରଖ ଓ ଯାଞ୍ଚକରିବା ସଙ୍ଗେ ସଙ୍ଗେ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ଲିଖିତ ଅଭିଯୋଗ କରିଥିଲେ କ୍ଷ ବିଶ୍ୱ ହିନ୍ଦୁ ପରିଷଦ ର ନାରାୟଣ ରଥ ଙ୍କ ନେତୃତ୍ୱ ରେ କାଳୁ ଚରଣ ପ୍ରଧାନ,ଅରୁଣ କୁମାର ଉପାଧ୍ୟାୟ,ଦିଲ୍ଲୀପ ଶତପଥୀ, ସୁବାଷ ସେନାପତି,ସନାତନ ଜେନା,ବିମ୍ବାଧର ପାତ୍ର,ଯୋଗେନ୍ଦ୍ର ନାଥ ପ୍ରଧାନ, ବୃନ୍ଦାବନ ବେହେରା, ଗିରିଜା ଦାସ, ସିମାଞ୍ଚଳ ଦାସ,ତେଜେଶ୍ୱେର ପାତ୍ର,ବିଷ୍ଣୁ ପ୍ରିୟା ସ୍ୱାଇଁ,ଭେଙ୍କଟରମଣ ପାତ୍ର, ସରୋଜ ଭଞ୍ଜ,ତେଜେଶ୍ୱେର ପାତ୍ର,ପ୍ରମୁଖ ଉପସ୍ଥିତ ଥିଲେ ।

## ଦିନରେ ଗ୍ୟାରେଜ ମିସ୍ତ୍ରୀ ରାତିରେ କଣ୍ଠଶିଳ୍ପୀ

**କୋରେଇ,(ମହାଭାରତ) :** ଦୃଢ଼ ଇଚ୍ଛା ଶକ୍ତି ଓ କଠିନ ପରିଶ୍ରମ ଦୀନେନା ଦିନେ ମଣିଷକୁ ସଠିକ୍ ସ୍ଥାନକୁ ନେଇଥାଏ ।ମନରେ ଇଛା ଶକ୍ତି ଓ ଅଦମ୍ୟ ସାହଷ ନିଜର ଅପୂରଣୀୟ ଲକ୍ଷ୍ୟକୁ ପୁରଣ କରିଥାଏ। ଏ ଦୁନିଆରେ ସବୁକିଛି ଥାଇ ମଧ୍ୟ ମଣିଷ ତାର କଳାକୁ ସମସ୍ତଙ୍କ ପାଖରେ ପହଞ୍ଚାଇ ପାରି ନଥାଏ। ନିଜର ପରିସ୍ଥିତି ସବୁ ଆଶା ଅଭିଳାଷ ଓ ପରିବାରର ଅସୁବିଧା ନିଜ ଭବିଶ୍ୱତ ଉପରେ କିଛି ସମସ୍ୟା ପୂର୍ଣ୍ଣଛେଦ ପକାଇଦେଇଥାଏ। ଗରିବ ହେଇ ବଞ୍ଚିବା ହିଁ ବହୁ କଷ୍ଟ ଦାୟକ ହୋଇଥାଏ ।ପରିସ୍ଥିତି ସିନା ସଠିକ୍ ସମୟରେ ସାଥ ଦିଏନାହି କିନ୍ତୁ ନିଜର ମନ ଅଭିଳାଷ ତୁମକୁ ଢ଼ିନେନା ଦିନେ ତୁମେ ଚାହୁଁଥିବା ସ୍ଥାନକୁ ନେଇଯାଇଥାଏ। ହିଁ ଆଜ୍ଞା ଆମେ କୋହୁଛି କୋରେଇ ବ୍ଲକ୍ ମୁକୁନ୍ଦପୁର ପଞ୍ଚାୟତ ଅନ୍ତର୍ଗତ ଓସଳା ଗ୍ରାମର ସେଇ ଅଭାବୀ ବାପାଙ୍କ ପୁତ୍ର ସୁଧୀର କୁମାର ଜେନାଙ୍କ କଥା। ଆଜି ସେ ଏମିତି ଏକ



ସ୍ଥାନରେ ପାଦ ଥାପିଛନ୍ତି ଯେ ତାଙ୍କ କାହାଣୀ ଜାଣିଲେ ଆପଣ ମଧ୍ୟ ନିଜ ଦୁଃଖକୁ ସମ୍ଭାଳି ପାରିବେନାହି। ସୁଧୀର ଯେନା ବୟସ ୩୨ ଚୁଇଁଲାନି, ପେଶାରେ ଜଣେ ଗ୍ୟାରେଜ ମିସ୍ତ୍ରୀ ଦିନକୁ ରୋଜଗାର ୩୦୦ ସେଥିରେ ପୁରା ପରିବାର ତାଙ୍କ ଉପରେ ନିର୍ଭରଶିଳ୍। ସେ ଦିନରେ ସିନା ଗ୍ୟାରେଜ ମିସ୍ତ୍ରୀ ହେଲେ ରାତିରେ ନିଜର ବ୍ୟାଗ୍ ବସ୍ତାନି ଧରି ବାହାରିପଡନ୍ତି ଭଜନ ଗାଇବାକୁ। ଛୋଟବେଲୁ ଭଜନ ଗାଇବାକୁ ତାଙ୍କର ରୁଚି ଭରପୁର ଥିଲ। ପରିବାରର ଅସୁବିଧା ଅନଟନ ପାଇଁ ଶେ ପେଶାରେ ଜଣେ ଗ୍ୟାରେଜ ମିସ୍ତ୍ରୀ ପାଲଟିଗଲେ। କିନ୍ତୁ ଗୀତ ଗାଇବା ତାଙ୍କ ମନରୁ ଦୁରେଇନଥିଲେ। ବର୍ତମାନ ଯାଜପୁରରୋଡ ସ୍ଥିତ ବଜାଜ ଶୋରୁମ୍ ଜଣେ କାର୍ଯ୍ୟରତ ମିସ୍ତ୍ରୀ ଅଟନ୍ତି। ଗୀତ ଶିଖିବାକୁ ସମୟ ନଥାଏ କିନ୍ତୁ ସେ ନିଜର ମିସ୍ତ୍ରୀ କାମ୍ ସାରୀ ସନ୍ଧ୍ୟାରେ ଘରକୁ ଗଲେ ନିଜେ ନିଯେ ଗୁଣୁ ଗୁଣି ହୋଇ ଗୀତ ଗାଇଥାନ୍ତି। ପରେ କଟକ ର ଏକ ଲକ୍ଷେଶ୍ୱର୍ ଭଜନ ସାନ୍ଧ୍ୟ ମେଲୋଡି କାର୍ଯକ୍ରମ ଶହ ସାମିଲ ହୋଇ ଅଳ୍ପେ ବୋହୁତ ଗୀତ ଶିଖିଲେ। ପରେ ଯାଜପୁର ଟାଉନରେ ଚାଲିଥିବା ଅଡିସନ୍ ରେ ଭାଗ ନେଇ ଏବେ ସିଦାର୍ଥ ଭକ୍ତିକଣ୍ଠ ୨୦୨୪ ରେ ଗାଇ ସାରା କୋରେଇ ପାଇଁ ନାଆଁ ରଖିଛନ୍ତି। ଖାଲି ସେତିକି ନୁହେଁ ଆଗାମୀ ଦିନରେ ଯଦି ତାଂକୁ କେହି କଣ୍ଠଶିଳ୍ପୀ ସହଯୋଗରେ ହାତ ବଢାନ୍ତି ତେବେ ଆଗାମୀ ଦିନରେ ସେ ଭଲ ଭଜନ ସଙ୍ଗୀତ ଗାଇ ସୁନାମ ଅର୍ଜନ କରିପାରିବେ ବୋଲି ସାଧାରଣରେ ପ୍ରକାଶ ପାଇଛି।

## ଅସହାୟ ବୃଦ୍ଧାଙ୍କ ଆଖିରେ ଲୁହ ନାଁ ସରକାରଙ୍କ ଅପାରଗତା

**ଟିଟିଲାଗଡ,(ମହାଭାରତ ):** ବଲାଙ୍ଗୀର ଜିଲ୍ଲା ସଇଁତଲା ବ୍ଲକ ଅନ୍ତର୍ଗତ କେରମେଳି ଗ୍ରାମ ପଞ୍ଚାୟତ ରେ ଏକ ଅଭାବନିୟ ପରିସ୍ଥିତି ସୃଷ୍ଟି ହୋଇ ଥିବା ଏକ ଭିଡିଓ ଭାଇରାଲ ହୋଇଛି, ସୁଚନା ଏହି କିଯେ ବଗର୍ତ୍ତୀ ବୃଦ୍ଧା ଜଣକ କହୁ କଷ୍ଟ ରେ ଯାହାକି ପଚାଶ ଡିଗ୍ରି ଖରାରେ ପାଣି ବୋହି



ଜନସାଧାରଣ ଙ୍କୁ କେରମେଳି ପଞ୍ଚାୟତ ତରଫରୁ ଜଳଛତ୍ର କରି ପାଣି ବଣ୍ଟନ କରୁଥିଲେ କିନ୍ତୁ ବହୁ ଦୁଃଖ ର କଥା ଆଜି ପର୍ଯ୍ୟନ୍ତ ତାଙ୍କ ପାଉଣା ପାଇ ପାରିନାହିଁ ଏବଂ ଏ ବିଷୟ ପ୍ରତି ପଞ୍ଚାୟତ କୁ ଯାଇ ବହୂ ଥର ଗୁହାରୀ କରିଥିଲେ ମଧ୍ଯ ସରପଞ୍ଚ ଓ କର୍ମଚାରୀଙ୍କ ମନମୁଖି ଯୋଗୁଁ ଆଜି ପର୍ଯ୍ୟନ୍ତ ମିଳି ପାରି ନାହିଁ ତେଣୁ ଗତକାଲି ପଞ୍ଚାୟତ ରେ କୌଣସିପ୍ରକାର ଏକ ବୈଠକ ଅନୁଷ୍ଠିତ ହୋଇ ଥିବା ସମୟ ରେ ଦୁଇଟି ମାଠିଆ ଧରି ପଞ୍ଚାୟତ କୁ ଯାଇ ପ୍ରତିବାଦ କରିବା ସହ ନିଜ ଜୀବନ କୁ ବାଜି ଲଗାଇ ଥିବା ଏକ ଭିଡିଓ ସୋସିଆଲ ମିଡିଆରେ ଘୁରି ବୁଲୁଛି , ତେବେ ଏକଥା କୁ ନେଇ ସରପଞ୍ଚ ଶ୍ରୀ ଅଶୋକ ସାହୁ ଙ୍କୁ ଫୋନ ମାଧ୍ୟମ ରେ ପଚାରି ବାରୁ ସେ ପଞ୍ଚାୟତ ରେ ଉପସ୍ଥିତ ନ ଥିବା କହି ବା ସହ ସେହି ଅସହାୟ ବୃଦ୍ଧ ଙ୍କୁ ମଦ ପିଇ ଏପରି କରୁ ଥିବା ପ୍ରକାଶ କରିଥିବା ବେଳେ ଯେଉଁ ଦିନ ଟଙ୍କା ଆସିବ ସେହି ଦିନ ତା ପାସ ବହି ରେ ପଡିବ ବୋଲି ପ୍ରକାଶ କରିଛନ୍ତି ,ତେବେ ଏହା ପଞ୍ଚାୟତ ର ମନୋମୁଖୀ ନା ସରକାର ଙ୍କ ଅପାର ଗତା ତାହା ପ୍ରଶ୍ନ ବାଚି ସୃଷ୍ଟି ହେବା ସହ ଯଥା ଶୀଘ୍ର ଉକ୍ତ ବୃଦ୍ଧ ଙ୍କ ତାଙ୍କର ପ୍ରାପ୍ୟ ପ୍ରଦାନ କରିବାକୁ ବୁଦ୍ଧିଜୀବୀ ମହଲ ରେ ଦାବି ହେଉଛି।

## ବିଜେପିରେ ଯୋଗଦେଲେ ବିଜେଡି ସଦସ୍ୟ

**କେନ୍ଦୁଝର,(ମହାଭାରତ) :** କେନ୍ଦୁଝର ଦିନକୁ ଦିନ ବିଜେଡି ଗଡ ଭାଙ୍ଗିବାରେ ଲାଗିଛି। ବିଜେପି ଶାସନକୁ ଆସିବା ପରେ ଧିରେ ଧିରେ ବହୁ ବିଜେଡି ନେତା ଓ କର୍ମୀ ଏବେ ବିଜେପି ମୁହାଁ ହେଉଛନ୍ତି। ସମସ୍ତେ ବିଜେପିରେ ଯୋଗଦାନ ହେବା କରିବା ସହ ବିଜେପି ସଙ୍ଗଠନ ନିଜକୁ ସାମିଲ କରୁଛନ୍ତି। ଏହି କ୍ରମରେ ଖୋଦ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସଦର ନିର୍ବାଚନ ମଣ୍ଡଳୀରେ ମଧ୍ୟ ବହୁ ବିଜେଡି ନେତା ବିଜେପି ମୁହାଁ ହେଉଛନ୍ତି। ଆଜି ସଦର ବିଜେଡିକୁ ଲାଗିଛି ବଡ ଝଟକା। ବିଜେଡି ୭ଜଣ ସମିତି ସଦସ୍ୟ, ୧୫ ଜଣ ସରପଞ୍ଚଙ୍କ ସହ ବହୁ ତୁଙ୍ଗ ବିଜେଡି ନେତା ଭୁବନେଶ୍ୱର ଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ବାସଭବନରେ ମୁଖ୍ୟମନ୍ତ୍ରୀ ସମ୍ମୁଖରେ ବିଜେପି ରେ ସାମିଲ ହୋଇଥିଲେ। ବିଜେପି ଦଳର ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ସଦର ବ୍ଲକ ଅଧକ୍ଷା ଜ୍ୟୋତର୍ମୟୀ ନାଏକ, ଉପାଧକ୍ଷ ଦିଲ୍ଲୀପ ବେହେରା,



ପୂର୍ବତନ ଆଦିବାସୀ ଉନ୍ନୟନ ପରିଷଦ ଅଧକ୍ଷା ଲକ୍ଷ୍ମୀ ନାଏକ, ବିଜେଡି ବରିଷ୍ଠ ନେତା ତଥା ବ୍ଲକ ଓ ଜିଲ୍ଲା ପରିଷଦ ଉପାଧାକ୍ଷ ଜଗନ୍ନାଥ ସିଂହ ସହ ୭ ଜଣ ସମିତି ସଭ୍ୟ ମନୋଜ ନାୟକ ମମତା ବେହେରା, ପଟେଲ ପରିଡା, ସିଦ୍ଧାର୍ଥ ଶଙ୍କର ସାହୁ ପ୍ରମୁଖଙ୍କ ସହ ୧୫ ଜଣ ସରପଞ୍ଚ ଗୋବର୍ଦ୍ଧନ ସରପଞ୍ଚ ସଞ୍ଜୟ ମୁଣ୍ଡା, ସଙ୍କିର ସରପଞ୍ଚ ସଂଯୁକ୍ତା ନାୟକ, ଗୋପୀନାଥ ପୁର ସରପଞ୍ଚ ଚିନ୍ମୟ ନାଏକ, ରଘୁନାଥ ପୁର ସରପଞ୍ଚ ଗୌରୀ ନାଏକ ନରଣ ପୁର ସରପଞ୍ଚ ପଦ୍ମପୁର ସରପଞ୍ଚ ପଳାସ ପଙ୍ଗା ସରପଞ୍ଚ ମଣ୍ଡୁଆ ସରପଞ୍ଚ କେତକୀ ନାଏକ ପ୍ରମୁଖ ବିଜେପି ରେ ସାମିଲ ହୋଇଥିଲେ। ଏହି ମିଶ୍ରଣ ପର୍ବ ସମୟରେ ବିଜେପିର ଜିଲ୍ଲା ଉପ ସଭାପତି ଗଣେଶ୍ୱର ମହାନ୍ତ, ରମେଶ ପ୍ରଧାନ ରାଜ୍ୟ କାର୍ଯ୍ୟ କାରିଣୀ ସଦସ୍ୟା ତଥା ମଣ୍ଡୁଆ ସମିତି ସଭ୍ୟ କିରଣ ବାଳା ନାୟକ ସଂଯୋଜକ ବିବେକାନନ୍ଦ ମହାନ୍ତ, ବ୍ଲକ ପ୍ରତିନିଧି ଧନୁର୍ଜୟ ମହାନ୍ତ, ଆଦିବାସୀ ମୋର୍ଚ୍ଚା ସମ୍ପାଦକ ଜଗନ୍ନାଥ ମୋଦୀ, ଦୋଳ ଗୋବିନ୍ଦ ପଣ୍ଡା, ଯୁବ ନେତା ପ୍ରିୟବ୍ରତ ଜେନା ପ୍ରମୁଖ ଉପସ୍ଥିତ ଥିଲେ। ଏହି ମିଶ୍ରଣ ପର୍ବ ସମୟରେ ସଦର ବ୍ଲକ ଅଞ୍ଚଳରେ ମେଗା ଇସ୍ପାତ ପ୍ରକଳ୍ପ ସ୍ଥାପନ ପାଇଁ ଏକ ଦାବିପତ୍ର ପ୍ରଦାନ କରିଥିଲେ ନେତାମାନେ। ଆଗାମୀ ଦିନରେ ଏଭଳି ଆହୁରି ବିଜେଡି ନେତା ବିଜେପିରେ ଯୋଗଦେବେ ବୋଲି ପ୍ରକାଶ କରିଛନ୍ତି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା କିରଣବାଳା ନାଏକ।

## ଧାନବିଲରେ ପଡି ମହିଳାଙ୍କ ମୃତ୍ୟୁ

**କପ୍ତିପଦା,(ମହାଭାରତ) :** କପ୍ତିପଦା -ଖୁଣ୍ଟା ଥାନା ଅନ୍ତର୍ଗତ ଭୋଳାଗଡିଆ ପଞ୍ଚାୟତ ନୂଆ ଗାଁ ଖଡିଆସାହି ଗ୍ରାମର ଜଣେ ବୃଦ୍ଧା ମହିଳା ଆଜି ବିଲକୁ କାମ କରିବାକୁ ଯାଇଥିବା ବେଳେ ମଧ୍ୟାହ୍ନ ରେ ବିଲରେ ପଡି ମୃତ୍ୟୁ ବରଣ କରିଛନ୍ତି। ମୃତକ ହେଉଛନ୍ତି ପଞ୍ଚୁ ଖଣ୍ଡାପାତ୍ର ଙ୍କ ସ୍ତ୍ରୀ ଚମ୍ପାମଣୀ (୬୫)। ଚମ୍ପାମଣୀ ଙ୍କ ର ମୃତ୍ୟୁର ସଠିକ କାରଣ ଜଣାପଡି ନାହିଁ। ତେବେ ପୋଲିସ ଆଜି ସନ୍ଧ୍ୟାରେ ପହଞ୍ଚି ମୃତ ଦେହକୁ ଜବତ କରିବା ସହ ଶବକୁ ବ୍ୟବଚ୍ଛେଦ ପାଇଁ ଉଦଳା ଡାକ୍ତରଖାନା ପଠାଇନ୍ତି। ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ମୃତ୍ୟୁର ସଠିକ କାରଣ ଜଣାପଡିବ ବୋଲି କୁହାଯାଇଛି। ଏ ନେଇ ୫୫/୨୪ ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି ପୋଲିସ।

## ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ସଙ୍କୁଳସ୍ତରିୟ ଜ୍ଞାନବିଜ୍ଞାନ ମେଳା

**ହିନ୍ଦୋଳ,(ମହାଭାରତ ):** ହିନ୍ଦୋଳ ଉପଖଣ୍ଡ ଖଜୁରିଆକଟା ଗୌତମ ବିହାର ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିସର ରେ ଶନିବାର ସଙ୍କୁଳ ସ୍ତରିୟ ଜ୍ଞାନ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି । ସଙ୍କୁଳ ସଂଯୋଜକ ପ୍ରତାପ କୁମାର ରଥ ଙ୍କ ସଂଯୋଜନାରେ ଅନୁଷ୍ଠିତ ଉଦଘାଟନି ସତ୍ର ରେ ମିନକେତନ ଉଚ୍ଚ ବିଦ୍ୟାଳୟର ଅବସର ପ୍ରାପ୍ତ ବିଜ୍ଞାନ ଶିକ୍ଷକ ସୁକାନ୍ତ କୁମାର ମାଝି ମୁଖ୍ୟ ଅତିଥି ଏବଂ ଖଜୁରିଆକଟା ଶିଶୁ ମନ୍ଦିର ପରିଚାଳନା କମିଟି ସଂପାଦକ ଶଶି ଭୁଷଣ ବେହେରା, ଖଜୁରିଆକଟା ଶିଶୁ ମନ୍ଦିର ପ୍ରଧାନ ଆଚାର୍ଯ୍ୟ ଦୟାନିଧି ବେହେରା ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ପ୍ରଦୀପ ପ୍ରଜ୍ୱୋଳନ ପୂର୍ବକ କାର୍ଯ୍ୟକ୍ରମର ସଦୁଭାରମ୍ଭ କରିଥିଲେ। ଉକ୍ତ ଜ୍ଞାନ ବିଜ୍ଞାନ ମେଳାରେ ସଂଙ୍କୁଳ ଅନ୍ତର୍ଗତ ସମସ୍ତ ୮ ଟି ବିଦ୍ୟାଳୟର ୨୫୭ ଜଣ ଛାତ୍ର ଛାତ୍ରୀ ଶିଶୁ ବର୍ଗ , ବାଲ ବର୍ଗ ଓ କିଶୋର ବର୍ଗରେ ବିଭକ୍ତ ହୋଇ ବିଭିନ୍ନ



ପ୍ରକଳ୍ପ ଆଣି ପ୍ରତିଯୋଗିତାରେ ଭାଗନେଇଥିଲେ । ଏହାର ମୁଲ୍ୟାଙ୍କନ କରିବାକୁ ବିଚାରକ ଭାବେ ସ୍ଥାନିୟ ଜନତା ମହାବିଦ୍ୟାଳୟ ଓ ହିନ୍ଦୋଳ ମହା ବିଦ୍ୟାଳୟର ଅଧାପକ / ଅଧାପିକା , ଖଜୁରିଆକଟା ଉଚ୍ଚ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟତ୍ରୀ ଆସି ପ୍ରକଳ୍ପ ଗୁଡିକୁ ଦେଖିବା ପରେ ଏହାର ମୁଲ୍ୟାଙ୍କନ କରିଥିଲେ । ଏହି ଅବସର ରେ ଛାତ୍ର ଛାତ୍ରୀଙ୍କ ଦ୍ୱାରା ଖୁବ ସୁନ୍ଦର ଲୋକନୃତ୍ୟ ପରିବେଷଣ କରାଯାଇଥିଲା । ଏହା ପରେ ଅନୁଷ୍ଠିତ ଉଦଯାପନି ସତ୍ର ର ପୁରସ୍କାର ବିତରଣି ଉତ୍ସବରେ ପଲ୍ଲିବିକାଶ ଉଚ୍ଚ ବିଦ୍ୟାଳୟର ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ଅନ୍ତର୍ଯ୍ୟାମି ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜ୍ଞାନବିଜ୍ଞାନ ମେଳାର ଉପକାରିତା ଉପରେ ଆଲୋକପାତ କରି ଛାତ୍ର ଛାତ୍ରୀ ମାନେ ନିଜର ଉଜ୍ଜଳ ଭବିଷ୍ୟତ ଗଠନ କରି ପ୍ରତ୍ୟକ ଜଣେ ଜଣେ ସୁନାଗରିକ ହେବାକୁ ପରାମର୍ଶ ପ୍ରଦାନ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ର ସମସ୍ତ ଗୁରୁଜି ଗୁରୁମା ଯୋଗଦେଇ ସକ୍ରିୟ ସହଯୋଗ କରିଥିଲେ।

ମହାଭାରତ ଏଇ ପୃଥିବୀରେ...
ପ୍ରତିଟି ଖବର ହାତ ପାହାନ୍ତାରେ



# ଆଦର୍ଶ ବିଦ୍ୟାଳୟର ପରୀକ୍ଷାଫଳକୁ ନେଇ ପ୍ରଶ୍ନବାଚୀ



**ନୟାଗଡ଼,(ମହାଭାରତ) :** ଇଂରାଜୀ ମାଧ୍ୟମ ସ୍କୁଲ ଗୁଡ଼ିକ ପ୍ରତି ଅଭିଭାବକ ଓ ଛାତ୍ରଛାତ୍ରୀଙ୍କ ଆଗ୍ରହ ବଢୁଥିବା ଦେଖି ତତ୍କାଳୀନ ରାଜ୍ୟ ସରକାର ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଆରମ୍ଭ କଲେ। ଇଂରାଜୀ ମାଧ୍ୟମ ସ୍କୁଲ ଗୁଡ଼ିକୁ ତାଳ ଦେଇ ଏହି ସ୍କୁଲ ଗୁଡ଼ିକରେ ସବୁ କିଛି ବ୍ୟବସ୍ଥା କରାଯାଇଛି। ବଛା ବଛା ଶିକ୍ଷକ ଓ ସ୍କୁଲରେ ଶୈକ୍ଷିକ ବାତାବରଣ ବଜାୟ ରଖିବା ପାଇଁ ସମସ୍ତ ପ୍ରକାର ବନ୍ଦୋବସ୍ତ କରାଯାଇଛି। ମାତ୍ର ସ୍କୁଲରେ ଛାତ୍ରଛାତ୍ରୀଙ୍କ ପରୀକ୍ଷାଫଳକୁ ନେଇ ଏବେ ସାଧାରଣରେ ଏକ ବଡ଼ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହି ସ୍କୁଲ ଗୁଡ଼ିକର ପରୀକ୍ଷା ଫଳକୁ ନେଇ ଏବେ ଚର୍ଚ୍ଚା ଆରମ୍ଭ ହୋଇଛି। ମିଳିଥିବା ସୂଚନା ମୁତାବକ, ଜିଲ୍ଲାର ନୟାଗଡ଼, ଓଡ଼ଗାଁ ଓ ଖଣ୍ଡପଡ଼ା ଆଦର୍ଶ ବିଦ୍ୟାଳୟର ଛାତ୍ରଛାତ୍ରୀ ମାନେ ଦଶମ ଶ୍ରେଣୀ ପରୀକ୍ଷା ଦେଇଥିଲେ ପ୍ରତି ସ୍କୁଲରେ ୮୦ ଜଣ ଲେଖାଏଁ ଛାତ୍ରଛାତ୍ରୀ ଦଶମ ପରୀକ୍ଷା ଦେଇଥିଲେ। ଓଡ଼ଗାଁ ସ୍କୁଲରେ ୮ ଜଣ ଛାତ୍ରଛାତ୍ରୀ ଫେଲ୍ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୫ ଜଣ ଛାତ୍ରଛାତ୍ରୀ ବିଜ୍ଞାନ ଓ ୩ ଜଣ ଛାତ୍ରଛାତ୍ରୀ ଗଣିତରେ ଫେଲ୍ ହୋଇଛନ୍ତି। ସେହିପରି ନୟାଗଡ଼ରେ ଜଣେ ଛାତ୍ର ଓ ଖଣ୍ଡପଡ଼ାରେ ମଧ୍ୟ ୮ ଜଣ ଛାତ୍ରଛାତ୍ରୀ ଫେଲ୍ ହୋଇଛନ୍ତି। ଆଦର୍ଶ ବିଦ୍ୟାଳୟରେ ନାମ ଲେଖାଇବାକୁ ହେଲେ ପ୍ରବେଶିକା ପରୀକ୍ଷା ଦେବାକୁ ହୁଏ। ଏହି ପରୀକ୍ଷାରେ ଉତ୍ତୀର୍ଣ୍ଣ ହେଉଥିବା ଛାତ୍ରଛାତ୍ରୀ ହିଁ କେବଳ ଆଦର୍ଶ ବିଦ୍ୟାଳୟରେ ପଢ଼ିବାକୁ ସୁଯୋଗ ପାଆନ୍ତି। ସେମାନଙ୍କୁ ପାଠ ପଢ଼ାଇବା ପାଇଁ ଶିକ୍ଷକ-ଶିକ୍ଷୟିତ୍ରୀ ମାନଙ୍କୁ ସ୍ୱତନ୍ତ୍ର ଭାବେ ଚୟନ କରାଯାଉଛି। ଇଂରାଜୀ ମାଧ୍ୟମ ସ୍କୁଲରେ ଛାତ୍ରଛାତ୍ରୀ ଓ ଶିକ୍ଷକ-ଶିକ୍ଷୟିତ୍ରୀ ମାନଙ୍କ ମଧ୍ୟରେ ଯେମିତି କଥୋପକଥନ କରାଯାଏ, ଆଦର୍ଶ ବିଦ୍ୟାଳୟରେ ମଧ୍ୟ ସେମିତି କରାଯିବାକୁ ନିୟମ କରାଯାଇଛି। ମାତ୍ର ସେଥିପ୍ରତି ଦୃଷ୍ଟି ଦିଆଯାଉ ନାହିଁ। ଏହି ତିନି ସ୍କୁଲର ଛାତ୍ରଛାତ୍ରୀ ମାନେ ଗଣିତ, ବିଜ୍ଞାନ ଓ ଇଂରାଜୀରେ ଫେଲ୍ ହେବା ଘଟଣା ସହଜରେ ଗ୍ରହଣ କରିହେଉନାହିଁ। ଜିଲ୍ଲା ଶିକ୍ଷା ବିଭାଗର ଅଧିକାରୀ ମାନେ ଏହି ସ୍କୁଲ ଗୁଡ଼ିକରେ ପାଠପଢ଼ା କେମିତି ହେଉଛି, ଏହାର ତଦାରଖ କରାଯାଉନାହିଁ ଏହାର ପରିଣାମ ଏବେ ଭୋଗିବାକୁ ପଡୁଛି। କାର୍ଯ୍ୟାଳୟରେ ଜିଲ୍ଲା ଶିକ୍ଷା ଅଧିକାରୀ ଓ ଅନ୍ୟମାନେ ଉପସ୍ଥିତ ରହୁଥିଲେ ମଧ୍ୟ ଆଦର୍ଶ ସ୍କୁଲ ଗୁଡ଼ିକରେ କେମିତି ପାଠ ପଢ଼ାଯାଉଛି, ଏହାର ତଦାରଖ କରିବାକୁ ଯାଉନଥିବା ଅଭିଯୋଗ ହୋଇଛି। ଏଣୁ କେବଳ ବିଦ୍ୟାଳୟକୁ ଆଦର୍ଶ କରିଦେଲେ ହେବନି, ଏ ନେଇ ମଧ୍ୟ ସ୍ୱତନ୍ତ୍ର ଭାବେ ଦୃଷ୍ଟି ଦିଆଯିବା ପାଇଁ ସାଧାରଣରେ ଦାବି ହୋଇଛି। ଏନେଇ ଜିଲ୍ଲା ଶିକ୍ଷା ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ଆଦର୍ଶ ବିଦ୍ୟାଳୟରେ ପରୀକ୍ଷାଫଳ ନୈରାଶ୍ୟଜନକ ହେବା ନିଶ୍ଚିତ ଭାବେ ଚିନ୍ତାର ବିଷୟ। ଏ ନେଇ ସମସ୍ତ ପ୍ରଧାନ ଶିକ୍ଷକଙ୍କ ସହ ଆଲୋଚନା କରାଯିବ ନେଇ ସୂଚନା ମିଳିଛି। ଛାତ୍ରଛାତ୍ରୀ କେମିତି ଭଲ ପାଠ ପଢ଼ିବେ ଓ ଭଲ ପରୀକ୍ଷା ଫଳ କରିବେ, ସେ ନେଇ ଦୃଷ୍ଟି ଦିଆଯିବ ବୋଲି ଶିକ୍ଷା ବିଭାଗ ପକ୍ଷରୁ ସୂଚନା ମିଳିଛି।

# ନୂତନ ଏକ୍ସ କ୍ୟାଡ଼ର ପ୍ରାଥମିକ ଶିକ୍ଷକ ସ୍ୱାଗତ ସମ୍ବର୍ଦ୍ଧନା



**ନାରାୟଣପାଟଣା,(ମହାଭାରତ) :** ନାରାୟଣପାଟଣା ବ୍ଲକରେ ମାଁ ବୁଢ଼ୀ ଠାକୁରାଣୀ ମନ୍ଦିରରେ ଆଜି ବ୍ଲକ ର ପ୍ରାଥମିକ ଶିକ୍ଷକ (ଏକ୍ସ କ୍ୟାଡର ) ମାନଙ୍କ ର ଏକ ସ୍ୱାଗତ ସମ୍ବର୍ଦ୍ଧନା ସଭା ବ୍ଲକର ବୟୋଜ୍ୟେଷ୍ଠ ଶିକ୍ଷକ ଶ୍ରୀ ରାଜେନ୍ଦ୍ର କୁମାର ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇ ଥିଲା। ଆୟୋଜିତ ସଭାରେ ଚଳିତ ବର୍ଷ ନୂତନ ଭାବେ ରେଗୁଲାର ହୋଇଥିବା ୧୩ ଜଣ ଏକ୍ସ କ୍ୟାଡର ଶିକ୍ଷକଙ୍କୁ ଫୁଲତୋଡ଼ା ଦେଇ ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଥିଲା। ଉପସ୍ଥିତ ସମସ୍ତ ଙ୍କ ସଂମତି ଓ ନିଷ୍ପତି କ୍ରମେ ବ୍ଲକ ଏକ୍ସ କ୍ୟାଡର ସଂଘ ସଭାପତି ଶ୍ରୀ ଶରତ କୁମାର ତୁରୁକ ପୁରୁଣା ସଂଘ କୁ ଭାଙ୍ଗି ନୂତନ ସଙ୍ଘ ଗଠନର ପ୍ରସ୍ତାବ ଦେଇଥିଲେ। ତାଙ୍କ ଉପସ୍ଥିତି ତଥା ସମ୍ମତି କ୍ରମେ ନୂତନ ବ୍ଲକ ଏକ୍ସ କ୍ୟାଡର ସଂଘ ସର୍ବ ସଂମତିରେ ଗଠନ କରାଗଲା। ନୂତନ ଭାବେ ଆଜି ବ୍ଲକ ରେ ନୂଆ କରି ରେଗୁଲାର ହୋଇଥିବା ଶିକ୍ଷକ ଙ୍କୁ ସ୍ୱାଗତ କରାଗଲା ଓ ନୂତନ ସଂଘ ଗଠନ କରା ଗଲା। ସଭାପତି ଭାବେ ଶ୍ରୀ ହିରୋ କୁମାର ପ୍ରଧାନ, ଉପସଭାପତି ମାଓ ସେ ତୁଙ୍ଗ ପାଢ଼ୀ, ସମ୍ପାଦକ ସରୋଜ ପାତ୍ର, ସହସମ୍ପାଦକ ରଞ୍ଜନ କୁମାର ସାରା, କୋଷାଧକ୍ଷ ଚନ୍ଦନ କୁମାର ସେଠୀ, ମିଡ଼ିଆ କୋଡିନେଟର - ଜି.ସନ୍ତୋଷ କୁମାର ଉପଦେଷ୍ଟା ଶ୍ରୀ ରାଜେନ୍ଦ୍ର କୁମାର ମହାନ୍ତି ଓ ଶ୍ରୀ ଶରତ କୁମାର ତୁରୁକ ଙ୍କୁ ଚୟନ କରାଗଲା। ନୂତନ କର୍ମକର୍ତାଗଣ ଆଗାମୀ ଦିନରେ ଏକ୍ସ କ୍ୟାଡର ଶିକ୍ଷକ ମାନଙ୍କ ସମସ୍ୟା ଗୁଡ଼ିକୁ ଯଥାଶୀଘ୍ର ସମାଧାନ ଓ ସମସ୍ତ ଶିକ୍ଷକ ଙ୍କୁ ଏକତା ରଜ୍ଜୁ ରେ ବାନ୍ଧି ରଖିବାକୁ ପ୍ରତିଶୃତି ଦେଲେ। ଶେଷରେ ପୂର୍ବ ସଭାପତି ଶ୍ରୀ ଶରତ କୁମାର ତୁରୁକ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରି ସଭା ସାଙ୍ଗ କରିଥିଲେ।

# ପାଳନ ହେଲା ସ୍ୱାଧୀନତା ଦିବସ

**ଦାନଗଦି,(ମହାଭାରତ) :** କଳିଙ୍ଗନଗରର ସମସ୍ତ କାର୍ଯ୍ୟରତ ସାମ୍ବାଦିକ ଙ୍କ ସହ ଭାଗିଦାରେ ଦାନଗଦି ଭବନ ରେ ପାଳନ ହୋଇଯାଇଛି ସ୍ୱାଧୀନତା ଦିବସ , ତତ୍ ସହ ଦାନଗଦି ବ୍ଲକର ବିଭିନ୍ନ ଶିକ୍ଷା ଅନୁଷ୍ଠାନ ସରସ୍ୱତୀ ଶିଶୁ ମନ୍ଦିର ଓ ପଞ୍ଚାୟତ ସମିତି , ବୃନ୍ଦରାଜ ବିଦ୍ୟାଳୟ ରେ ମଧ୍ୟ ସ୍ୱାଧୀନତା ଦିବସ ପାଳନ କରାଯାଇଥିଲା, ଦେଶର କୋଣ ଅନୁକୋଣରେ ୨୦୨୪ ମସିହା ୭୮ ତମ ସ୍ୱାଧୀନତା ଦିବସରୂପେ ପାଳନ ହୋଇଯାଇଥିବା ବେଳେ,ବିରପୁତ୍ର ମାନଙ୍କୁ ସମ୍ମାନ ଜଣାଇ ତିନି ରଙ୍ଗର ଜାତୀୟ ପତାକା ଆକାଶରେ ରୋମାଞ୍ଚକ ସୃଷ୍ଟି କରିଥିଲା,ଦେଶର ପ୍ରତ୍ୟେକ ଲୋକ ଜାତୀୟ ପତାକା ତଳେ ଛିଡ଼ାହୋଇ ଜାତୀୟ ସଙ୍ଗୀତ ଗାନ କରି ବଡ଼ ଆଡମ୍ବର ସହ ପାଳୁଛନ୍ତି ସ୍ୱାଧୀନତା ଦିବସ,ବିର ମାନଙ୍କ ଦୃଢ଼ ମନବଳ ଏବଂ ମହାତ୍ମା ଗାନ୍ଧୀଙ୍କ ଅହିଂସା ନୀତି ଆଗରେ ୧୯୪୭ ମସିହା ଅଗଷ୍ଟ ୧୪ ତାରିଖ ମଧ୍ୟରାତ୍ରି ରେ ଦେଶ ସ୍ୱାଧୀନ ଲାଭ କରିଥିଲା, ସେହି ଦିନଠାରୁ ପ୍ରତି ବର୍ଷ ଅଗଷ୍ଟ ୧୫ ତାରିଖକୁ ସ୍ୱାଧୀନତା ଦିବସ ରୂପେ ପାଳନ କରାଯାଉଛି, ଆମ ଦେଶ ଦୀର୍ଘ ୨୦୦ ବର୍ଷ ପର୍ଯ୍ୟନ୍ତ ଇଂରେଜ ମାନଙ୍କ ଦ୍ୱାରା ଶାସିତ ହେଉଥିବା ବେଳେ ,ଇଂରେଜ ମାନଙ୍କ ଅନ୍ୟାୟ ଓ ଅତ୍ୟାଚାର ଆମ ଦେଶବାସୀଙ୍କ ପାଇଁ ବଢ଼ିଚାଲୁଥିଲା ,ଆମେ ହେଉଛେ ଏ ପବିତ୍ର ଭାରତ ମାଟିର ଅମୃତ ସନ୍ତାନ ଆମେ ସଭିଏଁ ଦେଶପାଇଁ ମଙ୍ଗଳ କାମନା କରି ଦେଶର ସମ୍ମାନ ନିମନ୍ତେ ନିଜକୁ ଉତ୍ସର୍ଗୀକୃତ କରି ପବିତ୍ର ସ୍ୱାଧୀନତା ଦିବସ କୁ ବଡ଼ ଆଡମ୍ବର ସହ ପାଳନ କରାଯାଇଅଛି,ବରିଷ୍ଠ ସାମ୍ବାଦିକ ରଙ୍ଗ ବଲ୍ଲଭ ସାହୁ, ପ୍ରଦୀପ କୁମାର ଚାନ୍ଦ, ଦୁଷ୍ମନ୍ତ କୁମାର ଘଡାଇ, ବିପ୍ଳବ ବିଜୟ ପଣ୍ଡା, ପ୍ରଦୀପ କୁମାର ଜେନା, ଶୁଭାଶିଷ ରାଉତ, ଅମୀୟ ଘଡାଇ, ଅଭୟ ଲୋଚନ ନାୟକ, ଶ୍ରୀକାନ୍ତ ମହାପାତ୍ର, ଦିଲୀପ କୁମାର ପରିଡା, ଅବିନାଶ ମିଶ୍ର, ପଦ୍ମନାଭ ପହି, ଅନୁଜ ମଲିକ, ତୁଷାର ସାହୁ, ଶୁଭାଶିଷ ଦାସ ମହାପାତ୍ର, ମୃତ୍ୟୁଞ୍ଜୟ ଦେଓ, ରାକେଶ ଘଡାଇ, ବିଜୟରଶ୍ମି ତ୍ରିପାଠୀ, ବିଶ୍ୱମୋହନ ସାମଲ ଓ ଚିତ୍ତରଞ୍ଜନ ସାହୁ ପ୍ରମୁଖ ସାମିଲ ରହିଥିଲେ ।

# ଖଜୁରୀପଡାରେ ଜଙ୍ଗଲ ଜମି ପଟ୍ଟା ବଣ୍ଟନ



**କନ୍ଧମାଳ,(ମହାଭାରତ) :** କନ୍ଧମାଳ ଜିଲ୍ଲାର ଖଜୁରୀପଡା ତହସିଲ କାର୍ଯ୍ୟାଳୟ ପରିସରରେ ସାମୁହିକ ଏବଂ ବ୍ୟକ୍ତିଗତ ଜଙ୍ଗଲ ଜମି ପଟ୍ଟା ବଣ୍ଟନ କରାଯାଇଛି । ଅରାପାଜୁ ରାଜସ୍ୱ ଅଞ୍ଚଳର କରୁଣା, ମେଟିପିଡ଼ିଆ, ମାଣ୍ଡାଳି ଏବଂ ପ୍ରେମଝରି ଗ୍ରାମରେ ସମୁଦାୟ ୫୨ ଜଣ ହିତାଧିକାରୀଙ୍କୁ ଜଙ୍ଗଲ ଜମି ବଣ୍ଟନ ହୋଇଥିବା ବେଳେ ଆଗାମୀ ଦିନରେ ମଧ୍ୟ ଅନ୍ୟ ଗ୍ରାମପଞ୍ଚାୟତ ଓ ରାଜସ୍ୱ ଅଞ୍ଚଳରେ ଏଭଳି ଯୋଗ୍ୟ ବିବେଚିତ ହିତାଧିକାରୀ ମାନଙ୍କୁ ଜଙ୍ଗଲ ଜମି ପଟ୍ଟା ବଣ୍ଟନ କରାଯିବ ବୋଲି ସରକାରୀ ଭାବେ କୁହାଯାଇଛି । ରାଜସ୍ୱ ନିରୀକ୍ଷକ ଶ୍ରୀ ଜୟନ୍ତ କୁମାର ସାହୁଙ୍କ ତତ୍ୱାବଧାନରେ ହୋଇଥିବା ଏହି ମହତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମରେ ତହସିଲଦାର ଶ୍ରୀଯୁକ୍ତ ସୌମ୍ୟରଞ୍ଜନ ପାତ୍ର, ଅତିରିକ୍ତ ତହସିଲଦାର ଶ୍ରୀ ବ୍ରହ୍ମାନନ୍ଦ ଥାଟୀ, ରାଜସ୍ୱ ସୁପରଭାଇଜର ଶୁଭଶ୍ରୀ ପ୍ରିୟଦର୍ଶିନୀ ସାହୁ,ଲାଇଭହୁଡ କୋଡିନେଟର ମନମୋହନ ବାରିକ, ସହକାରୀ ଅନିଲ କହଁର, ଜଙ୍ଗଲ ଜମି କୋଡିନେଟର ଚିତ୍ତରଞ୍ଜନ ଗଣ୍ଡା, ସାହାୟକ ସୁଧାଂଶୁ କୁମାର ନାୟକ, ରମାକାନ୍ତ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଆଗାମୀ ଦିନ ଗୁଡିକରେ ମଧ୍ୟ ଏଭଳି କାର୍ଯ୍ୟକ୍ରମ ହେବା ସହ ଜଙ୍ଗଲ ସୁରକ୍ଷା ପାଇଁ ବ୍ୟାପକ କାର୍ଯ୍ୟକ୍ରମ ହେବ ବୋଲି ତହସିଲଦାର ଶ୍ରୀଯୁକ୍ତ ସୌମ୍ୟରଞ୍ଜନ ପାତ୍ର ସୂଚନା ଦେଇଥିଲେ ।

# ସ୍ୱାଧୀନତା ଦିବସରେ IOCL ତରଫରୁ ରକ୍ତ ଦାନ ଶିବିର



**ଉମରକୋଟ,(ମହାଭାରତ) :** ସ୍ୱାଧୀନତା ଦିବସରେ IOCL ତରଫରୁ ଏକ ରକ୍ତ ଦାନ ଶିବିର ଉମରକୋଟ ର SDH ହସ୍ପିଟାଲରେ ଅନୁଷ୍ଠିତ ହେଇଥିଲା। ଏହି ଶିବିର ଟିକୁ ଉଦଘାଟନ କରିଥିଲେ SDH ର ମୁଖ୍ୟ ଡ଼କ୍ଟର. ସନ୍ତୋଷ ପଣ୍ଡା ଏବଂ ସଂମାନିତ ଅଥିତି ଭାବରେ ଯୋଗ ଦେଇଥିଲେ ବରିଷ୍ଠ ଡ଼କ୍ଟର ସୁମନ୍ତ ରାଉଳ, ଡ଼କ୍ଟର ସେଠି ଏବଂ IOCL ର ଆସିଷ୍ଟାଣ୍ଟ. ମ୍ୟାନେଜର ଲ. ରାମବାବୁ. ନବରଙ୍ଗପୁର ର Iocl ର ସମସ୍ତ ଡୀସ୍ଟ୍ରିବୁଟର ଏହି କାର୍ଯ୍ୟକ୍ରମ ରେ ଭାଗ ନେଇଥିଲେ। ସେମାନେ ହେଲେ ପେନ୍ଥାଣୀ ଇଣ୍ଡିଆନ ଗ୍ୟାସ, ଯେ ବଜରଙ୍ଗ ବାଲି ଇଣ୍ଡିଆନ ଗ୍ରାମୀଣ ଭିତର୍କ, ବାବା ବୈଦ୍ୟନାଥ ଇଣ୍ଡିଆନ ଗ୍ରାମୀଣ ବିତର୍କ, ଗୟାଧର ଇଣ୍ଡିଆନ ବିତର୍କ, ପୁରୁଷତ୍ତମ ଇଣ୍ଡିଆନ ଗ୍ୟାସ, ସତ୍ୟ ଇଣ୍ଡିଆନ ଗ୍ୟାସ ଏବଂ ଅନ୍ୟାନ୍ୟ ଡିସଟ୍ରିବୁଟରଙ୍କ ସହଯୋଗରେ ଏହି ରକ୍ତ ଦାନ ଶିବିର ଟି ଆୟୋଜନ କରାଯାଇଥିଲା। ଏହି ଶିବିରରେ ମୋଟ ୩୬ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ମୁଖ୍ୟତଃ ମିଲୁ ପଣ୍ଡା, ଟିଂକୁ ଭାଇ, ଅମୁଲ୍ୟ ଭାଇ, ବିକି, ଅଖିଳ ଭତ୍ରା, ସିମାଞ୍ଚଳ ମଲ୍ଲିକ, ରାକା ଭାଇ, ଶିବା ଭାଇ, ଚିଣ୍ଟୁ ଭାଇ ଏହି କାର୍ଯ୍ୟକ୍ରମ ଟିକୁ ପରିଚାଳନା କରିବାରେ ସହଯୋଗ କରିଥିଲେ...

# ଯୁବ ପିଢୀ ଦେଶ ପ୍ରେମରେ ନଜକୁ ସାମିଲ୍ କରିବା ଜରୁରୀ



**ପାରଳାଖେମୁଣ୍ଡି,(ମହାଭାରତ) :** ସ୍ଥାନୀୟ ରାଜବାଟି ପରିସରରେ ଅବସ୍ଥିତ ୟୁ.ଟେକ୍.କମ୍ପ୍ୟୁଟର ଏଡୁକେଶନ ସେଣ୍ଟର୍ ଠାରେ ୭୮ତମ ସ୍ୱାଧୀନତା ଦିବସ ଅନୁଷ୍ଠିତ ହୋଇସାରିଛି। ବକ୍ତା ଗଣ ଯୁବଗୋଷ୍ଠୀଙ୍କୁ ଦେଶର ଜାତିର, ପ୍ରାଣ,ଜୀବନ, ଗୌରବ କହି, ସେମାନଙ୍କର ଅକୁଂଠ ସମର୍ପିତ ଜାତୀୟ ସେବାହିଁ ଜରୁରୀ କହିଥିଲେ। ଅନୁଷ୍ଠାନର ମୁଖ୍ୟ ତଥା ୟୁ.ଟେକ୍ ର ସଂସ୍ଥାପକ ତଥା ନିର୍ଦ୍ଦେଶକ ଲୋକନାଥ ମିଶ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ବିଚିତ୍ରାନନ୍ଦ ବେବର୍ତ୍ତା , ବିଶିଷ୍ଟ ଅତିଥି ହରିମୋହନ୍ ପଟ୍ଟନାୟକ, ମୁଖ୍ୟ ବକ୍ତା ଭାଗବତ ପାଢ଼ୀ, ପ୍ରଗତି ମହିଳା ଅନୁଷ୍ଠାନର ସମ୍ପାଦିକା ତନୁଜା ଶତପଥୀ, ସମ୍ମାନିତ ଅତିଥି ଭାବେ ଯୋଗଦେଇ ଥିଲେ। ଏହି ଉତ୍ସବରେ ତର୍କ, ପ୍ରବନ୍ଧ, ନୃତ୍ୟ, ଓ ଦେଶାତ୍ମକ ବୋଧକ ଗୀତ ପ୍ରତିଯୋଗିତାରେ ବିଜୟ ଲାଭ କରିଥିବା ବିଜୟୀ ଛାତ୍ର, ଛାତ୍ରୀଙ୍କୁ ପୁରସ୍କାର ଏବଂ ପ୍ରମାଣ ପତ୍ର ପ୍ରଦାନ କରାଯାଇଥିଲା। ଶେଷରେ ସ୍ନେହା ବେହେରା ଧନ୍ୟବାଦ୍ ଅର୍ପଣ କରିଥଲେ।ଏହି କାର୍ଯ୍ୟକ୍ରମକୁ ସତ୍ୟ ପ୍ରଧାନ, ପ୍ରଣବ ପଣ୍ଡକ୍ଷ ପରିଚାଳନା କରିଥିଲେ।

# ନିଆରା ଢଙ୍ଗରେ ସ୍ୱାଧୀନତା ଦିବସ ପାଳିତ



**ଅସ୍ତରଙ୍ଗ,(ମହାଭାରତ) :** ସାରା ଦେଶ ୭୮ ତମ ସ୍ୱାଧୀନତା ଦିବସକୁ ପାଳନ କରିଛି, ଏହି ଅବସରରେ ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକର ବହୁ ପୁରାତନ 'ଅସ୍ତରଙ୍ଗ ସାମ୍ବାଦିକ ସଙ୍ଘ' ଚଳିତ ସ୍ୱାଧୀନତା ଦିବସ କୁ ପାଳନ କରିଛି, ଏହି କାର୍ଯ୍ୟକ୍ରମରେ ଅସ୍ତରଙ୍ଗ ମେରାଇନ୍ ପୋଲିସ ଥାନାର ଅଧିକାରୀ ଶ୍ରୀଯୁକ୍ତ ଅଚ୍ୟୁତାନନ୍ଦ ବେହେରା ମୁଖ୍ୟ ଅତୀଥି ଭାବେ ଯୋଗଦେଇ ଜାତୀୟ ପତାକା କୁ ଉତ୍ତୋଳନ କରିଥିଲେ,ତାଙ୍କ ସହିତ ମେରାଇନ୍ ଥାନାର ସବ ଇନିସ୍ପେକ୍ଟର ବିପ୍ର ଚରଣ ସ୍ୱାଇଁ ଓ ଏଏସଆଇ ସନ୍ତୋଷ କୁମାର ଜେନା, କନେଷ୍ଟବଳ ରୁନା ବେହେରାଙ୍କ ସମେତ ମେରାଇନ ଥାନା ରେ ଅନେକ କର୍ମଚାରୀ ଏହି ପତାକା ଉତ୍ତୋଳନ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ, ଅସ୍ତରଙ୍ଗ ସାମ୍ବାଦିକ ସଙ୍ଘ ତରଫରୁ ସମସ୍ତ କର୍ମକର୍ତ୍ତାଙ୍କ ସମେତ ସାଧାରଣ ସଦସ୍ୟ ମାନେ ଉପସ୍ଥିତ ରହିଥିଲେ, ଅସ୍ତରଙ୍ଗ ଷ୍ଟେଟ ବ୍ୟାଙ୍କ ନିକଟରେ ଥିବା ଲକ୍ଷ୍ମୀ କଲ୍ୟାଣ ମଣ୍ଡପ ସମ୍ମୁଖରେରେ ପ୍ରଥମେ ଜାତୀୟ ପତାକା କୁ ଉତ୍ତୋଳନ କରାଯାଇଥିଲା ଓ ଜାତୀୟ ସଙ୍ଗୀତ ପାଠ କରାଯାଇ ଦେଶ ସ୍ୱାଧୀନ ହେବା ପଛରେ ଥିବା ସେହି ମହାନ ବୀର ପୁରୁଷଙ୍କ ଉଦ୍ଧେଶ୍ୟରେ କିଛି କିଛି ଅଭିଭାଷଣ ଉପସ୍ଥିତ ଅତୀଥି ଓ ସାମ୍ବାଦିକ ମାନେ ରଖିଥିଲେ, ପରିଶେଷରେ ଅସ୍ତରଙ୍ଗ ଷ୍ଟେଟ ବ୍ୟାଙ୍କ ନିକଟରେ ରାସ୍ତା କଡରେ ସଙ୍ଘ ତରଫରୁ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା, ଉପସ୍ଥିତ ମୁଖ୍ୟ ଅତିଥି ଇନିସ୍ପେକ୍ଟର ଶ୍ରୀଯୁକ୍ତ ବେହେରା ଅସ୍ତରଙ୍ଗ ସାମ୍ବାଦିକ ସଙ୍ଘ ର ଏହି ନିଆରା ସ୍ୱାଧୀନତା ଦିବସ ପାଳନକୁ ଭୂୟସୀ ପ୍ରସଂଶା କରିଛନ୍ତି।

# ବ୍ଲକସ୍ତରୀୟ ୭୮ ତମ ସ୍ୱାଧୀନତା ଦିବସ ପାଳିତ

**କରଞ୍ଜିଆ,(ମହାଭାରତ) :** ଠାକୁରମୁଣ୍ଡା ବ୍ଲକସ୍ତରୀୟ ସ୍ୱାଧୀନତା ଦିବସ ମହା ସମାରୋହରେ ପାଳିତ ହୋଇଯାଇଛି। ଜାତୀୟ ଦିବସ ପାଳନ କମିଟି ଆନୁକୂଲ୍ୟରେ ଆୟୋଜିତ ଏହି ଉତ୍ସବରେ କରଞ୍ଜିଆ ବିଧାୟକ ପଦ୍ମଚରଣ ହାଇବ୍ରୁରୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରି ପ୍ୟାରେଡରେ ଅଭିବାଦନ ଗ୍ରହଣ କରିଥିଲେ । ସର୍ବସାଧାରଣଙ୍କୁ ଉଦବୋଧନ ଦେଇ କହିଲେ ଯେ ଗଣତନ୍ତ୍ରର ସଫଳ ଶାସନ ବ୍ୟବସ୍ଥାରେ ଆଜି ଆମ ପାଇଁ ସଂକଳ୍ପର ଦିବସ । ପୂର୍ବ ସୁରୀ ମାନଙ୍କର କଠୋର ତ୍ୟାଗ ଫଳରେ ଯେଉଁ ସ୍ୱାଧୀନତା ମିଳିଛି ତାକୁ ବଳବତ୍ତର ରଖିବାକୁ ଏବଂ ଭାରତକୁ ବିଶ୍ୱ ଗୁରୁ ଆସନରେ ପହଞ୍ଚାଇବାକୁ ଯଶସ୍ୱୀ ପ୍ରଧାନମନ୍ତ୍ରୀ ଯେଉଁ ସଂକଳ୍ପ ନେଇ କାର୍ଯ୍ୟ କରୁଛନ୍ତି ଆମକୁ ସେଥିରେ ସାମିଲ ହେବାକୁ ପଡିବ । ଆମକୁ ଶ୍ରେଷ୍ଠ ଭାରତ ପାଇଁ ଗାଁର ବିକାଶ କରିବାକୁ ପଡିବ । ସ୍ୱାବଲମ୍ବୀ ଗାଁ ସ୍ୱାବଲମ୍ବୀ ଦେଶ ଗଠନରେ ସହାୟକ ହେବ ବୋଲି କହିଥିଲେ । ଆମକୁ ଶିକ୍ଷା, ସ୍ୱାସ୍ଥ୍ୟ, ସ୍ୱଚ୍ଛତା, ଉନ୍ନତ କୃଷି, ସ୍ୱ -ରୋଜଗାର ଦିଗରେ ମନୋନିବେଶ କରିବାକୁ ହେବ ବୋଲି ମତ ରଖିଥିଲେ । ବିଧାୟକ ପତାକା ଉତ୍ତୋଳନ କରିବା ପରେ ପ୍ୟାରେଡ ପରିଦର୍ଶନ କରି ଅଭିବାଦନ ଗ୍ରହଣ କରିଥିଲେ । ଏହି ଅବସରରେ ଆୟୋଜିତ ପୁରସ୍କାର ବିତରଣ ସଭାରେ ସମ୍ମାନୀତ ଅତିଥି ଭାବେ ବ୍ଲକ ଅଧକ୍ଷା ସରୋଜିନୀ ମୁଣ୍ଡା, ଉପାଧ୍ୟକ୍ଷ ସନ୍ତୋଷ କୁମାର ମହାନ୍ତ, ବିଡ଼ିଓ ସ୍ୱପ୍ନେଶ୍ୱର ବେହେରା, ତସିଲଦାର ସୁପ୍ରିୟା , ରେଞ୍ଜ ଅଫିସର କିଶୋର କୁମାର ପାଣିଗ୍ରାହୀ, ବିଇଓ ରାମଚନ୍ଦ୍ର ନାଏକ, ଏବିଡିଓ ଟଙ୍କଧର ମହାନ୍ତ, ଥାନାଧିକାରିଣୀ ସାବିତ୍ରୀ ଦଳେଇ, ସମାଜସେବୀ ବସନ୍ତ କୁମାର ପଇକର୍ତ୍ତି ପ୍ରମୁଖ ଯୋଗଦେଇ ମୁଖ୍ୟ ଅତିଥିଙ୍କ ସହ ମିଶି କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ବିତରଣ କରିଥିଲେ । ପ୍ୟାରେଡ ପ୍ରତିଯୋଗିତାରେ ପ୍ରାଥମିକ ସ୍ତରରେ ହେରିଟେଜ ଇଂଲିଶ ମିଡିୟମ ସ୍କୁଲ, ଉଚ୍ଚ ପ୍ରାଥମିକ ସ୍ତରରେ ସରକାରୀ ବାଳିକା ବିଦ୍ୟାଳୟ ଏବଂ ମାଧ୍ୟମିକ ସ୍ତରରେ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପ୍ରଥମ ସ୍ଥାନ ଦଖଲ କରି ରନିଙ୍ଗ ସିଲ୍ଡ ଗ୍ରହଣ କରିଥିଲେ । ସେହିପରି ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରତିଯୋଗିତାରେ ହେରିଟେଜ ଇଂଲିଶ ମିଡିୟମ ସ୍କୁଲ ପ୍ରଥମ, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଦ୍ୱିତୀୟ ଏବଂ କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟ ତୃତୀୟ ସ୍ଥାନ ଗ୍ରହଣ କରି ବିଧାୟକଙ୍କ ଠାରୁ ପୁରସ୍କାର ଗ୍ରହଣ କରିଥିଲେ । ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କ ପାଇଁ ପୁରସ୍କାର ଗୁଡିକ ସ୍ୱେଚ୍ଛାସେବୀ ସଂଗଠନ ପ୍ରଦାନ, ଆରଆରଡିଓ ଏବଂ ସିଓ୍ୱାଇଏସଡି ଯୋଗାଇ ଦେଇଥିଲେ । ଜାତୀୟ ଦିବସ ପାଳନ କମିଟି ସମ୍ପାଦକ ଗିରିଶ ଚନ୍ଦ୍ର ମହାନ୍ତ ପରିଚାଳନାରେ ସହଯୋଗ କରିଥିଲେ । ହଜାର ହଜାର ଦର୍ଶକ ଯୋଗଦେଇ କାର୍ଯ୍ୟକ୍ରମ ଉପଭୋଗ କରିଥିଲେ।

# ମାନସିକ ଅନାଗ୍ରସ ନିୟତି ସ୍କୁଲ୍‌ରେ ସ୍ୱାଧିନତା ଦିବସ ପାଳିତ



**(ମହାଭାରତ) :** ୭୮ ତମ ସ୍ୱାଧିନତା ଦିବସ ଉପଲକ୍ଷେ ମାନସିକ ଅନାଗ୍ରସ ନିୟତି ସ୍କୁଲ୍‌ରେ ବହୁ ଆଡମ୍ବର ସହିତ ପାଳିତ ହୋଇଯାଇଛି, ନିୟତି ସ୍କୁଲ୍ ଅଧକ୍ଷା ସ୍ୱେହଲତା ପାଣିଗ୍ରାହୀଙ୍କ ଅଧକ୍ଷତା ରେ ସମ୍ପାଦିକା, ତନୁଜା ଶତପଥୀ ପତାକା ଉତୋଳନ କରିବା ସହ ପିଲା ମାନଙ୍କ ଆରୋଗ୍ୟ କାମନା କରିଥିଲେ ଓ ଦେଶର ସହିଦ ଯବାନ ମାନଙ୍କୁ ମନେ ପକାଇଥିଲେ, ଏବଂ ବର୍ତ୍ତମାନର ଯବାନ ମାନଙ୍କୁ ସେଲୁଟେ ଜଣାଇଥିଲେ, କଷାଧକ୍ଷ , ଲୋକନାଥ ମିଶ୍ର , ମଧ୍ୟ ନିଜ ବକ୍ତବ୍ୟ ରଖିଥିଲେ, ଦେଶ ପାଇଁ ଆଜିର ଯୁବ ସମାଜ ଆଗେଇବା ଦରକାର , ବିନୋଦିନୀ ବିଜ୍ଞାନ ମହା ବିଦ୍ୟାଳୟର ଅଧକ୍ଷ ମୋନଜ ପଟ୍ଟନାୟକଙ୍କ ପରିଚାଳନାରେ ମହାବିଦ୍ୟାଳୟର ଛାତ୍ରୀ ମାନେ ଦେଶଆତ୍ମିକ ନୃତ୍ୟ ପରିବେଷଣ କରିଥିଲେ, ଶିକ୍ଷୟତ୍ରି ଜଛନା ଖୋଟୁଆ ଧନ୍ୟବାଦ୍ ଅର୍ପଣ କରିଥିଲେ, କାର୍ଯ୍ୟକ୍ରମକୁ ସହଯୋଗ କରିଥିଲେ ସୁନିତ୍ ଗମାଙ୍ଗ, ଜୟା ଆମ୍ମା।

# କପ୍ତିପଦା ଉପଖଣ୍ଡସ୍ତରୀୟ ସ୍ୱାଧୀନତା ଦିବସ ଉଦଳାରେ ମହାସମାରୋହରେ ପାଳିତ



**ଉଦଳା,(ମହାଭାରତ) :** ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ୭୮ ତମ ସ୍ୱାଧୀନତା ଦିବସ-୨୦୨୪ କପ୍ତିପଦା ଉପଖଣ୍ଡ ସ୍ତରରେ ଉଦଳା ହାଇସ୍କୁଲ ପ୍ୟାରେଡ଼ ପଡ଼ିଆ ଠାରେ ମହାସମାରୋହରେ ପାଳିତ ହୋଇଯାଇଛି । ଏହି ଉପଲକ୍ଷେ ପ୍ରତ୍ୟୁଷ ଘ.୪.୩୦ ମି. ରେ ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ବିଭାଗ ଦ୍ୱାରା ଉଦଳା ସହରରେ ରାମଧୂନ ପରିବେଷଣ କରାଯାଇଥିଲା । ସକାଳ ୭.୩୦ ମି. ମଧ୍ୟରେ ବିଭିନ୍ନ ଶିକ୍ଷାନୁଷ୍ଠାନ, ସରକାରୀ, ବେସରକାରୀ ଅନୁଷ୍ଠାନ ଏବଂ ବାସଗୃହ ମାନଙ୍କରେ ପତାକା ଉତ୍ତୋଳନ କରାଯାଇଥିଲା । ଉପଖଣ୍ଡ ସ୍ତରୀୟ କାର୍ଯ୍ୟକ୍ରମରେ ସର୍ବ ପ୍ରଥମେ ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସରୋଜ କୁମାର ପ୍ରଧାନ ମୁଖ୍ୟ ଅତିଥିଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ମଞ୍ଚକୁ ସ୍ୱାଗତ କରିଥିଲେ । ତତ୍‌ପରେ ଉପଖଣ୍ଡର ଉପଜିଲ୍ଲାପାଳ ସୁଶାନ୍ତ କୁମାର ବାରିକ ମୁଖ୍ୟ ଅତିଥି ଭାବେ ପାଳନ ଉତ୍ସବରେ ଯୋଗ ଦେଇ ସକାଳ ଘ.୯.୧୫ ମି.ରେ ଜାତୀୟ ପତାକା ଉତ୍ତୋଳନ କରିବା ପରେ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ଉଦଳାର ଛାତ୍ରୀମାନେ ଜାତୀୟ ସଂଗୀତ ଗାନ କରିଥିଲେ। ଭାରତୀୟ ସହୀଦ ଯବାନ ମାନଙ୍କ ଉଦ୍ଦେଶ୍ୟରେ ଏକ ମିନିଟ୍ ନୀରବ ପ୍ରାର୍ଥନା କରାଯିବା ପରେ ମୁଖ୍ୟ ଅତିଥି ଖୋଲା ଯାନରେ ପ୍ୟାରେଡ଼ ପରିଦର୍ଶନରେ ଯାଇ ଏନ୍ ?.ସି.ସି., ସ୍କାଉଟ ସମେତ ୪୧ ଗୋଟି ପ୍ୟାରେଡ଼ ପ୍ରତିଯୋଗୀ ଦଳଙ୍କ ଠାରୁ ଅଭିବାଦନ ଗ୍ରହଣ କରିଥିଲେ । ତତ୍ ?ପରେ ପ୍ୟାରେଡ଼ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ମୁଖ୍ୟ ଅତିଥି ସମବେତ ଜନତାଙ୍କ ଉଦ୍ଦେଶ୍ୟରେ ଅଭିଭାଷଣ ମାଧ୍ୟମରେ ସ୍ୱାଧୀନତା ପାଇଁ ବଳିଦାନ ଦେଇଥିବା ମହାମନିଷୀ ମାନଙ୍କ ତ୍ୟାଗ ବିଷୟରେ ବହୁ ସାରଗର୍ଭକ ବକ୍ତବ୍ୟ ମାନ ରଖିଥିଲେ। ଚଳିତ ବର୍ଷ ସ୍ୱାଧୀନତା ଦିବସ ପାଳନ ପରିପ୍ରେକ୍ଷୀରେ ସର୍ବପ୍ରଥମେ କପ୍ତିପଦା ଉପଖଣ୍ଡର ସମ୍ମାନସ୍ପଦ ସ୍ୱାଧୀନତା ସଂଗ୍ରାମୀ ୰ ବଂଶୀଧର ପାଢ଼ୀ, ଲୋକନାଥ ପାଣ୍ଡିଆ, ଗୋପିନାଥ ବାରିକ, ୰ ଭଗବାନ ଖିଲାର ଆଦି ୪ ଜଣଙ୍କୁ ସ୍ୱାଧୀନତା ସଂଗ୍ରାମୀ ସମ୍ବର୍ଦ୍ଧନା ପ୍ରଦାନ କରାଯିବା ପରେ ସାଇସାଧନା ଶ୍ରେଷ୍ଠ ବିଦ୍ୟାଳୟ ପୁରସ୍କାର ଭାବେ ଉଦଳା ବ୍ଲକର ସରକାରୀ ପ୍ରାଥମିକ ବିଦ୍ୟାଳୟ, ଖୁଣ୍ଟାପାଳ (ଖ), କପ୍ତିପଦା ବ୍ଲକର ରାଧାକୃଷ୍ଣ ସରକାରୀ ଉଚ୍ଚ ବିଦ୍ୟାଳୟ, ଗୌଡ଼ଗାଁ, ଗୋପବନ୍ଧୁ ନଗର ବ୍ଲକର ହରିବଳଦେବ ଉଚ୍ଚବିଦ୍ୟାଳୟ, ଖିରିପଦା, ଖୁଣ୍ଟା ବ୍ଲକର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଡ଼ି. ନୂଆଗାଁଙ୍କୁ ସାଇସାଧନା ଟ୍ରଷ୍ଟ ତରଫରୁ ପୁରସ୍କାର ଓ ମାନପତ୍ର ପ୍ରଦାନ କରାଯାଇଥିଲା । ମେଧାବୃତ୍ତି ସମ୍ମାନ ପ୍ରଦାନ ସ୍ୱରୂପ ହାଇସ୍କୁଲ ବୋର୍ଡ ପରୀକ୍ଷାରେ କପ୍ତିପଦା ଉପଖଣ୍ଡରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଉଦଳା ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ର ଶୁଭବ୍ରତ ନାୟକଙ୍କୁ ସୁବାସିନୀ ନାଏକଙ୍କ ପ୍ରଦତ୍ତ ଟ୍ରଫି ଓ ମାନପତ୍ର, ସାଇସାଧନା ଟ୍ରଷ୍ଟଙ୍କ ପ୍ରଦତ୍ତ ୩୦୦୦ ଟଙ୍କା ର ଚେକ୍ ଓ ମାନପତ୍ର, ସ୍ମିତା ଦାଶଙ୍କ ପ୍ରଦତ୍ତ ୨୦୦୦ ଟଙ୍କା ଅର୍ଥରାଶି ଓ ମାନପତ୍ର, ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା, ଶ୍ରୀଅରବିନ୍ଦ ବିଦ୍ୟାପୀଠ, ନୂଆସାହି, କପ୍ତିପଦାର ଛାତ୍ର ଆଶୁତୋଷ ଭୋଇଙ୍କୁ ସାଇସାଧନା ଟ୍ରଷ୍ଟ ତରଫରୁ ୨୦୦୦ ଟଙ୍କାର ଚେକ୍ ଓ ମାନପତ୍ର, ତୃତୀୟ ସ୍ଥାନ ଅଧିକାର କରିଥିବା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ଉଦଳାର ଛାତ୍ରୀ ରତ୍ୱିକା ସାମଲଙ୍କୁ ସାଇସାଧନା ଟ୍ରଷ୍ଟ ତରଫରୁ ୧୦୦୦ ଟଙ୍କାର ଚେକ୍ ଓ ମାନପତ୍ର ପ୍ରଦାନ କରାଯାଇଥିଲା । +୨ ବିଜ୍ଞାନ ମେଧା ସମ୍ମାନ ପ୍ରଦାନ ସ୍ୱରୂପ ଉପଖଣ୍ଡ ସ୍ତରରେ ୧ମ ଓ ୨ୟ ସ୍ଥାନ ଅଧିକାର କରିଥିବା କପ୍ତିପଦା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, କପ୍ତିପଦାର ଛାତ୍ରୀ ଶୁଭଲକ୍ଷ୍ମୀ ଦାସ, ଏବଂ ଛାତ୍ର ମଣ୍ଟୁ ବେହେରା ତଥା ୩ୟ ସ୍ଥାନ ଅଧିକାର କରିଥିବା ସାଇ ସାଧନା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ଉଦଳାର ଛାତ୍ର ଜ୍ୟୋତି ପ୍ରକାଶ ଚୌହାନଙ୍କୁ ଯଥାକ୍ରମେ ୫୦୦୦, ୩୦୦୦, ୨୦୦୦ ଟଙ୍କାର ଚେକ୍ ଓ ଟ୍ରଫି ସହିତ ମାନପତ୍ର ସ୍ୱର୍ଗତ ତୁଳସୀ ସଦୁଆଳଙ୍କ ସ୍ମୃତିରେ ତାଙ୍କ ପତ୍ନୀ ସ୍ନେହଲତା ସଦୁଆଳଙ୍କ ତରଫରୁ ପ୍ରଦାନ କରାଯାଇଥିଲା। ଉକ୍ତ ଦିବସ ପାଳନ ଅବସରରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତା ଗୁଡ଼ିକ ମଧ୍ୟରେ ରୋଟାରୀ କ୍ଲବ, ଉଦଳାଙ୍କ ଆନୁକୂଲ୍ୟରେ ଦେଶାତ୍ମବୋଧକ ସଂଗୀତ, ପାଳନ କମିଟି ଆନୁକୂଲ୍ୟରେ ଓଡ଼ିଆ ବକ୍ତୃତା, ଶିକ୍ଷୟିତ୍ରୀ କଳ୍ପଲତା ଦାସଙ୍କ ଆନୁକୂଲ୍ୟରେ ଓଡ଼ିଆ ପ୍ରବନ୍ଧ, ଅବସରପ୍ରାପ୍ତ ଶିକ୍ଷକ ରବିନାରାୟଣ ସ୍ୱାଇଁଙ୍କ ପୃଷ୍ଠପୋଷକତାରେ ଇଂରାଜୀ ବକ୍ତୃତା ଏବଂ ଇଂରାଜୀ ପ୍ରବନ୍ଧ ତଥା ଆମେ ଭଂଜ କଳାକାର ଉଦଳାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଚିତ୍ରକଳା ପ୍ରତିଯୋଗିତା ଆଦିର ପୁରସ୍କାର ଓ ପ୍ରମାଣ ପତ୍ର ଗୁଡ଼ିକ ମୁଖ୍ୟ ଅତିଥି ଏବଂ ଅନ୍ୟାନ୍ୟ ଅତିଥିଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା । ପ୍ୟାରେଡ଼ ପ୍ରତିଯୋଗିତାରେ ବିଭିନ୍ନ ବିଭାଗରେ ଶ୍ୟେଷ୍ଠ ପ୍ରତିଯୋଗୀ ଦଳଙ୍କୁ ବଣିକ ସଂଘ, ସବିତା ଶଙ୍ଖୁଆ, ସର୍ବେଶ୍ୱର ମହାପାତ୍ର, ସତ୍ୟେନ୍ଦୁ ଜେନା, ମୁକ୍ତିବାଳା ଦାସ, ଡ. ଲକ୍ଷ୍ମୀପ୍ରିୟା ବେହେରା, ହରିହର ତ୍ରିପାଠୀ, ସୀତାଂଶୁ ରାଉତ ଏବଂ ସୁବାସିନୀ ବେହେରା ଆଦିଙ୍କ ପ୍ରଦତ୍ତ ରନିଂ ଏବଂ ସ୍ଥାୟୀ, ସିଲ୍ଡ, ଟ୍ରଫି ମାନ ମୁଖ୍ୟ ଅତିଥିଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା । ପ୍ୟାରେଡ଼ ପଡ଼ିଆରେ ଉଦଳା ବଣିକ ସଂଘ ତରଫରୁ ପାନୀୟ ଜଳ ବ୍ୟବସ୍ଥା କରାଯାଇଥିଲା ଏବଂ ପ୍ରକଳ୍ପ ପ୍ରଶାସକ ଆଇ.ଟି.ଡ଼ି.ଏ, ଉଦଳା ନରେନ୍ଦ୍ର ଖମାରୀଙ୍କ ସହାୟତାରେ ପ୍ରସ୍ତୁତ ମିଷ୍ଟାନ୍ନ, ପ୍ୟାରେଡ଼ ପ୍ରତିଯୋଗୀ ଦଳଙ୍କୁ ବଣ୍ଟନ କରାଯାଇଥିଲା । ପ୍ୟାରେଡ଼ ପଡ଼ିଆ କାର୍ଯ୍ୟକ୍ରମ ପରିସମାପ୍ତି ପରେ ଉଦଳା ଉପଖଣ୍ଡ ଚିକିତ୍ସାଳୟ ରକ୍ତଭଣ୍ଡାର ପରିସରରେ ଆୟୋଜିତ ରକ୍ତଦାନ ଶିବିର ପରିଦର୍ଶନ, ରୋଗୀଙ୍କୁ ଫଳ ଓ ବିସ୍କୁଟ ବଣ୍ଟନ, ଉଦଳା ଉପକାରାଗାରରେ ଅନ୍ତେବାସୀମାନଙ୍କୁ ମିଷ୍ଟାନ୍ନ ବଣ୍ଟନ ଆଦି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଯୋଗଦେଇଥିଲେ । ଉପକାରାଗାର ଅଧିକାରୀଙ୍କ ପ୍ରଚେଷ୍ଟାରେ ଅନ୍ତେବାସୀଙ୍କ ତରଫରୁ ଜେଲ ମଧ୍ୟରେ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମକୁ ମୁଖ୍ୟ ଅତିଥିଙ୍କ ସହ ଅନ୍ୟ ଅତିଥି ଭରପୁର ଉପଭୋଗ କରିବା ସହ ପ୍ରଦର୍ଶନର ଭୂୟଶୀ ପ୍ରଶଂସା କରିଥିଲେ। ଶେଷ କାର୍ଯ୍ୟକ୍ରମ ଭାବେ ଜଙ୍ଗଲ ବିଭାଗ ଏବଂ ଉଦ୍ୟାନ ବିଭାଗ ଉଦଳାଙ୍କ ମିଳିତ ସହଯୋଗରେ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଏକ ବୃକ୍ଷରୋପଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଉପଖଣ୍ଡ ସୂଚନା ଓ ଲୋକ ସଂପର୍କ ଅଧିକାରୀ ସରୋଜ କୁମାର ପ୍ରଧାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି ଦିବସର ସମସ୍ତ କାର୍ଯ୍ୟକ୍ରମରେ ଡେପୁଟି କଲେକ୍ଟର ପ୍ରତୀକ୍ ପଣ୍ଡା, ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ସାର୍ଥକ ରାୟ, ଉଦଳା ଥାନାର ଭାରପ୍ରାପ୍ତ ନିରୀକ୍ଷକ, ବନମାଳୀ ବାରିକ୍, ଉଦଳା ତହସିଲଦାର, ମୃତ୍ୟୁଞ୍ଜୟ ମହାନ୍ତି, ଖୁଣ୍ଟା ତହସିଲଦାର ସାଧବୀ ଦେହୁରିଆ. ଗୋପବନ୍ଧୁନଗର ତହସିଲଦାର ଓମ୍ ପ୍ରକାଶ ମହାନ୍ତି, ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସମସ୍ତ ସହକାରୀ ଜିଲ୍ଲାପାଳ ସମେତ ଅନ୍ୟ କର୍ମଚାରୀ ଯୋଗଦେଇଥିଲେ । ପ୍ୟାରେଡ଼ ପରିଚାଳନା କାର୍ଯ୍ୟକ୍ରମ ଉଦଳା ମହାବିଦ୍ୟାଳୟ ଏନ୍.ସି.ସି. ଅଧିକାରୀ ଯୋଗଶେ ମହାକୁଡ଼, ରାଜାରାମ ବେହେରା, ସୀତାକାନ୍ତ ମହାପାତ୍ରଙ୍କ ଦ୍ୱାରା ପରିଚାଳିତ ହୋଇଥିଲା । ବିଭାଗୀୟ କର୍ମଚାରୀ ଅଜିତ୍ ମହାପାତ୍ର, କରୁଣାକର ମହାନ୍ତ, ପାଳନ କମିଟି ସଦସ୍ୟ ପ୍ରମୋଦ ଦାସ, ସନ୍ତୋଷ ବାଛିନୀ, ରବିନ୍ଦ୍ର ପରିଡ଼ା, ରମେଶ ପୃଷ୍ଟି ଏବଂ ଏନ୍.ଏ.ସି. କର୍ମଚାରୀ ଦାସରଥୀ ପରିଡ଼ା, ତ୍ରିଲୋଚନ ମୁଖୀ ପ୍ରମୁଖ ସକ୍ରିୟ ସହଯୋଗ କରିଥିଲେ ।

# ଟେଷ୍ଟରେ ରୋହିତଙ୍କ ପାଖରେ ବଡ଼ ସୁଯୋଗ

ନୂଆଦିଲ୍ଲୀ, ୧୮।୮: ଭାରତ ଏବଂ ବାଂଲାଦେଶ ମଧ୍ୟରେ ସେପ୍ଟେମ୍ବରରେ ଦୁଇଟି ଟେଷ୍ଟ୍ ମ୍ୟାଚ୍ ହେବାକୁ ଯାଉଛି । ଦୁଇ ଦଳ ମଧ୍ୟରେ ପ୍ରଥମ ମ୍ୟାଚ ସେପ୍ଟେମ୍ବର ୧୯ ରୁ ଆରମ୍ଭ ହେବ। ଏହି ଦୁଇ ଟେଷ୍ଟ ମ୍ୟାଚ ବିଶ୍ୱ ଟେଷ୍ଟ ଚାମ୍ପିଅନସିପର ଏକ ଅଂଶ ଟେଷ୍ଟ ସିରିଜରେ ଭାରତୀୟ ଦଳର ଷ୍ଟାର ବ୍ୟାଟ୍ସମ୍ୟାନ ରୋହିତ ଶର୍ମାଙ୍କ ନିକଟରେ ବଡ଼ ସୁଯୋଗ ରହିଛି । ମାତ୍ର କିଛି ରନ୍‌ରେ ସେ ଜୋ ରୁଟ୍‌ଙ୍କୁ ପଛରେ ପକାଇପାରିବେ। ରୋହିତ ଏବେ ଭଲ ଫର୍ମରେ ଅଛନ୍ତି ଏବଂ କ୍ରିଜକୁ ଆସିବା ମାତ୍ରେ ବିସ୍ଫୋରକ ବ୍ୟାଟିଂ କରୁଛନ୍ତି।

ଅନ୍ତର୍ଜାତୀୟ କ୍ରିକେଟର ୪୮୩ଟି ମ୍ୟାଚରେ ରୋହିତ ଶର୍ମା ୧୯,୨୩୪ ରନ କରିଛନ୍ତି ଯଦି ସେ ବାଂଲାଦେଶ ବିପକ୍ଷ ଟେଷ୍ଟ ସିରିଜରେ ୨୦୯ ରନ ସ୍କୋର କରନ୍ତି, ତେବେ ସେ ଅନ୍ତର୍ଜାତୀୟ କ୍ରିକେଟରେ ସର୍ବାଧିକ ରନ ସ୍କୋର କରିବାରେ ଜୋ ରୁଟ୍‌ଙ୍କୁ ଅତିକ୍ରମ କରିବେ ରୁଟ ବର୍ତ୍ତମାନ ପର୍ଯ୍ୟନ୍ତ ଅନ୍ତର୍ଜାତୀୟ କ୍ରିକେଟରେ ମୋଟ ୧୯୪୪୨ ରନ ସଂଗ୍ରହ କରିଛନ୍ତି। ଏହାଛଡ଼ା ରାହୁଲ ଦ୍ରାବିଡ଼ଙ୍କୁ ମଧ୍ୟ ପଛରେ ପକାଇବାର ସୁଯୋଗ ରହିଛି ଅନ୍ତର୍ଜାତୀୟ କ୍ରିକେଟରେ ଉଭୟ ରୋହିତ ଶର୍ମା ଏବଂ ରାହୁଲ ଦ୍ରାବିଡ ୪୮-୪୮ ଶତକ ହାସଲ କରିଛନ୍ତି ସେ ବାଂଲାଦେଶ ବିପକ୍ଷ ଟେଷ୍ଟ ସିରିଜରେ ଶତକ ହାସଲ କରିବା ପରେ ରାହୁଲ ଦ୍ରାବିଡଙ୍କୁ ଅତିକ୍ରମ କରିବେ ଅନ୍ତର୍ଜାତୀୟ କ୍ରିକେଟରେ ରୋହିତ ଭାରତ ପାଇଁ ଚତୁର୍ଥ ସର୍ବାଧିକ ରନ ସ୍କୋରର ତାଙ୍କ ଅପେକ୍ଷା ସଚିନ ତେନ୍ଦୁଲକର, ବିରାଟ କୋହଲି ଏବଂ ରାହୁଲ ଦ୍ରାବିଡ ଭାରତ ପାଇଁ ଅଧିକ ରନ ସଂଗ୍ରହ କରିଛନ୍ତି।

# ଗମ୍ଭୀରଙ୍କ କାମରେ ବାଧା ଦେବାକୁ ମୁଁ କିଏ ? : ଶାହ

କୋଲକାତା, ୧୮।୮: ରାହୁଲ ଦ୍ରାବିଡଙ୍କ ପରେ ଗୌତମ ଗମ୍ଭୀର ଟିମ୍ ଇଣ୍ଡିଆର ମୁଖ୍ୟ ପ୍ରଶିକ୍ଷକ ଦାୟିତ୍ୱ ଗ୍ରହଣ କରିଛନ୍ତି। ଗମ୍ଭୀର ଆସିବା ମାତ୍ରେ ହ୍ୱାଇଟ ବଲ୍ ଏବଂ ରେଡ୍ ବଲ୍ କ୍ରିକେଟ୍ ମଧ୍ୟରେ ଏକ ବିରାଟ ପାର୍ଥକ୍ୟ ସୃଷ୍ଟି କରିଛନ୍ତି। ବିଭିନ୍ନ ଫର୍ମାଟ ପାଇଁ ଅଲଗା ଦଳ ମଧ୍ୟ ପ୍ରସ୍ତୁତ ହେଉଛନ୍ତି। ବର୍ତ୍ତମାନ ବିସିସିଆଇ ସଚିବ ଜୟ ଶାହା ତିନୋଟି ଫର୍ମାଟରେ ଦଳର ଦାୟିତ୍ୱକୁ ଗମ୍ଭୀରଙ୍କୁ ଦେବା ନେଇ ପ୍ରଶ୍ନର କଡ଼ା ଜବାବ୍ ଦେଇଛନ୍ତି।



ଟାଇମ୍ସ ଅଫ୍ ଇଣ୍ଡିଆ ସହ କଥାବାର୍ତ୍ତା ବେଳେ ଜୟ ଶାହାଙ୍କୁ ପଚରାଯାଇଥିଲା ଯେ ଟିମ୍ ଇଣ୍ଡିଆକୁ ତିନୋଟି ଭିନ୍ନ ଫର୍ମାଟରେ ପୃଥକ କୋଚ୍ ଦେବା ପାଇଁ କାହିଁକି ଧ୍ୟାନ ଦିଆଯାଉ ନାହିଁ ? ଏହା ଉପରେ ବିସିସିଆଇ ସଚିବ କହିଛନ୍ତି, ଥରେ ଆମେ ଜଣେ କୋଚ୍ ନିଯୁକ୍ତ କରିବା ପରେ ତାଙ୍କ ନିଷ୍ପତ୍ତି କାର୍ଯ୍ୟକାରୀ ହେବା ଆବଶ୍ୟକ।

ଆମେ ଗୌତମ ଗମ୍ଭୀରଙ୍କୁ କୋଚ୍ ଭାବରେ ନିଯୁକ୍ତ କରିଛୁ, ଯଦି ସେ ତିନୋଟି ଫର୍ମାଟରେ କୋଚିଂ ଦେବାକୁ ଚାହାନ୍ତି ତେବେ ମୁଁ ଏନେଇ ମୁହଁ ଖୋଲିବାକୁ କିଏ ? କୌଣସି ନିର୍ଦ୍ଦିଷ୍ଟ ଫର୍ମାଟରେ କୋଚିଂ ପାଇଁ ସେ ଫିଟ୍ ନୁହନ୍ତି ବୋଲି କହିବାର ଅଧିକାର ମୋର ନାହିଁ। ସାଧାରଣତଃ ୭୦ ପ୍ରତିଶତ ଖେଳାଳି ସମସ୍ତ ତିନୋଟି ଫର୍ମାଟରେ ଖେଳୁଛନ୍ତି। ଜୟ ଶାହାଙ୍କୁ ମଧ୍ୟ ପଚରାଯାଇଥିଲା ଯେ ଯଦି ବ୍ୟାକ୍ ଅପ୍ କୋଚ୍ ଆବଶ୍ୟକ ହୁଏ ତେବେ କେଉଁ ନିଷ୍ପତ୍ତି ନିଆଯିବ ? ଏହା ଉପରେ ସେ କହିଛନ୍ତି ଯେ ଏନସିଏ ବିଶ୍ୱସ୍ତରୀୟ ପ୍ରଶିକ୍ଷକଙ୍କ ଦ୍ୱାରା ପରିପୂର୍ଣ୍ଣ। ଏହା ବ୍ୟତୀତ ସେ ଏନସିଏ ସଭାପତି ଭିଭିଏସ୍ ଲକ୍ଷ୍ମଣଙ୍କ ଉଦାହରଣ ନେଇଥିଲେ, ଯିଏକି ରାହୁଲ ଦ୍ରାବିଡଙ୍କ ଅନୁପସ୍ଥିତିରେ ଟିମ୍ ଇଣ୍ଡିଆର ଦାୟିତ୍ୱ ଗ୍ରହଣ କରୁଥିବା ଦେଖାଯାଇଥିଲା।

ସୂଚନାଯୋଗ୍ୟ, ସମ୍ପ୍ରତି ଶ୍ରୀଲଙ୍କା ଗସ୍ତ ସମୟରେ ଗୌତମ ଗମ୍ଭୀର ଟି୨୦ରେ ପଡୋଶୀ ଦେଶକୁ ୩-୦ରେ ପରାସ୍ତ କରି ସିରିଜ୍ ଜିତିଛି।କିନ୍ତୁ ତିନି ମ୍ୟାଚ୍ ବିଶିଷ୍ଟ ଏକଦିବସୀୟ ସିରିଜରେ ଟିମ୍ ଇଣ୍ଡିଆ। ୨-୦ରେ ପରାଜିତ ହୋଇ ସିରିଜ୍ ହାରିଛି। ଏହା ଗେତମ ଗମ୍ଭୀରଙ୍କ ରଣନୀତି ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ସିରିଜର ପ୍ରଥମ ମ୍ୟାଚ୍ ଏକ ଟାଇ ହୋଇଥିବାବେଳେ ଭାରତ ପରବର୍ତ୍ତୀ ଦୁଇଟି ମ୍ୟାଚ୍ ହାରିଛି।

# ଭିନେଶଙ୍କୁ ସମର୍ଥନ କଲେ ସ୍ୱାମୀ

ଚଣ୍ଡିଗଡ଼, ୧୮।୮: ଷ୍ଟାର୍ ରେସଲର ଭିନେଶ ଫୋଗଟ ଶନିବାର ପ୍ୟାରିସ୍‌ରୁ ଭାରତ ଫେରିଛନ୍ତି। ଏନେଇ ତାଙ୍କୁ ଦିଲ୍ଲୀ ବିମାନବନ୍ଦରରେ ସ୍ୱାଗତ କରାଯାଇଥିଲା। ଅଲିମ୍ପିକ୍ସରେ ପଦକ ଜିତିଥିବା ରେସଲର ବଜରଙ୍ଗ ପୁନିଆ। ଏବଂ ସାକ୍ଷୀ ମଲ୍ଲିକ ମଧ୍ୟ ଭିନେଶଙ୍କୁ ସ୍ୱାଗତ କରିବା ପାଇଁ ବିମାନବନ୍ଦର ଆସିଥିଲେ ଭାରତ ଆସିବା ପରେ ତାଙ୍କୁ ସମର୍ଥନ କରିଥିବା ଲୋକଙ୍କୁ ଭିନେଶ ଧନ୍ୟବାଦ ଜଣାଇଛନ୍ତି। ତେବେ ଏହି ସମୟ ମଧ୍ୟରେ ଭିନେଶ ମଧ୍ୟ ଭାବପ୍ରବଣ ହୋଇପଡ଼ିଥିଲେ ଏବେ ଭିନେଶଙ୍କ ସ୍ୱାମୀ ତାଙ୍କ ବିଷୟରେ ଏକ ବଡ଼ ବିବୃତ୍ତି ଦେଇଛନ୍ତି।



ଭିନେଶଙ୍କ ସ୍ୱାମୀ ସୋମବୀର ରାଠି କହିଛନ୍ତି, ଦେଢ଼ରୁ ଦୁଇ ବର୍ଷ ଧରି କଣ ଚାଲିଛି ଆପଣ ଦେଖୁଛନ୍ତି। ଆମ ସହ ଫେଡେରେଶନ ନାହିଁ। ଆମ ସହିତ କେହି ନାହାନ୍ତି। ଆମେ ସବୁକିଛି ଦେଖିଛୁ, ନା ଜଣେ ଆମ ସହିତ ଅଛନ୍ତି, ଯଦି ଖେଳାଳିଙ୍କ ସହିତ କେହି ଠିଆ ହୁଅନ୍ତି ନାହିଁ ତେବେ ଖେଳାଳି କଣ କରିବାକୁ ସମର୍ଥ ହେବେ ?

ସେ ଆହୁରି ମଧ୍ୟ କହିଛନ୍ତି, ଆମେ ଆଉ କୁସ୍ତି କରିବାକୁ ସମର୍ଥ ହେବୁ ନାହିଁ। ଆମେ ଭିତରୁ ଭାଙ୍ଗି ଯାଇଛୁ। ବର୍ତ୍ତମାନ କାହା ପାଇଁ ଖେଳ ଖେଳିବୁ ? ଆମେ କୁସ୍ତିରୁ ଅବସର ଘୋଷଣା କରିଛୁ। ଆମର ଯାତ୍ରା ଏ ପର୍ଯ୍ୟନ୍ତ ଥିଲା। ବର୍ତ୍ତମାନ ଆମେ ରହିବୁ ନାହିଁ। ଆଗକୁ କିଛି କରିବାକୁ ସକ୍ଷମ, ଏହା ବହୁତ କଷ୍ଟସାଧ୍ୟ। ଆମେ ଏକ ପଦକ ଆଣିବା ପାଇଁ କଠିନ ଚେଷ୍ଟା କରିଥିଲୁ।ବିଶେଷକରି ମୁଁ ଏଥିପାଇଁ ବହୁତ ଦୁଃଖିତ କାରଣ ଆମେ ଦେଶ ପାଇଁ ଏହା କରିବାକୁ ଚାହୁଁଥିଲୁ।

ସୂଚନାଯୋଗ୍ୟ, ପ୍ୟାରିସ୍ ଅଲିମ୍ପିକ୍ସରେ ୫୦ କିଲୋଗ୍ରାମ ମହିଳା ରେସଲିଂ ଇଭେଣ୍ଟରେ ଭିନେଶ ଲଢ଼ିଥିଲେ ତାଙ୍କର ପ୍ରଥମ ମ୍ୟାଚ୍‌ରେ ଭିନେଶ ଗତ ଅଲିମ୍ପିକ୍ସର ସ୍ୱର୍ଣ୍ଣ ପଦକ ବିଜେତା ତଥା ବିଶ୍ୱ ଚାମ୍ପିଅନ ରେସଲରଙ୍କୁ ପରାସ୍ତ କରିଥିଲେ ଏହା ପରେ ଭିନେଶ କ୍ୱାର୍ଟର ଫାଇନାଲ ଏବଂ ସେମିଫାଇନାଲରେ ଏକ ଶକ୍ତିଶାଳୀ ବିଜୟ ହାସଲ କରି ଫାଇନାଲ ପାଇଁ ବଡ଼ ଆଶା ରଖିଥିଲେ ତେବେ ଫାଇନାଲ ଦିନ ୧୦୦ ଗ୍ରାମ ଅଧିକ ଓଜନ ହେତୁ ତାଙ୍କୁ ଅଯୋଗ୍ୟ ଘୋଷିତ କରାଯାଇଥିଲା।

# 'ପାରାଲିମ୍ପିକ୍ସରେ ଭାରତ ଜିତିବ ୨୫ ପଦକ'

ନୂଆଦିଲ୍ଲୀ, ୧୮।୮(ଏଜେନ୍ସି): ପ୍ୟାରିସ୍ ପାରାଲିମ୍ପିକ୍ସରେ ଭାରତ ଅନ୍ୟୂନ ୨୫ପଦକ ହାସଲ କରିବ ବୋଲି ପୂର୍ବାନୁମାନ କରିଛନ୍ତି ଭାରତୀୟ ପାରାଲିମ୍ପିକ୍ସ କମିଟି (ପିସିଆଇ) ମୁଖ୍ୟ ଦେବେନ୍ଦ୍ର ଝାଝରିଆ। ଭାରତୀୟ ଷ୍ଟାର ଶଟଲର ପ୍ରମୋଦ ଭଗତ ବାଦ୍ ପଡ଼ିଥିଲେ ମଧ୍ୟ ଏହା ଭାରତୀୟ ପ୍ରଦର୍ଶନକୁ ପ୍ରଭାବିତ କରିବ ନାହିଁ ବୋଲି ଝାଝରିଆ କହିଛନ୍ତି। ଡୋପିଂ ନିରୋଧୀ ନିୟମର ଉଲ୍ଲଂଘନ କାରଣରୁ ଭଗତଙ୍କୁ ୧୮ ମାସ ପାଇଁ ବାସନ୍ଦ କରାଯାଇଥିଲା। ତେବେ ଚଳିତବର୍ଷ ଭାରତ ପାରାଲିମ୍ପିକ୍ସ ପାଇଁ ଏହାର ସର୍ବବୃହତ୍ ୮୪ ଜଣିଆ ଆଥ୍ଲେଟିକ୍ସ ଦଳ ପ୍ରେରଣ କରିଛି। ଏହି ଦଳରେ ଆରମ୍ଭରୁ ପ୍ରମୋଦଙ୍କ ନାମ ନ ଥିଲା। ତେଣୁ ଭାରତ ଏହି ୮୪ ଖେଳାଳିଙ୍କ ନିକଟରୁ ହିଁ ୨୫ ପଦକର ଆଶା ରଖିଛି। ଏହା ନିଃସନ୍ଦେହ କି ପ୍ରମୋଦ ଆମର ଜଣେ ତାରକା ଆଥ୍ଲେଟ। ମାତ୍ର ଭାରତ ନିକଟରେ ପ୍ରତିଭାର ଭଣ୍ଡାର ରହିଛି ବୋଲି ସେ କହିଛନ୍ତି। ପ୍ରମୋଦ ଟୋକିଓ ଗେମ୍ସରେ ସ୍ୱର୍ଣ୍ଣ ପଦକ ଜିତିଥିଲେ। ପ୍ୟାରିସ୍ ପାରାଲିମ୍ପିକ୍ସ ପାଇଁ ମଧ୍ୟ ତାଙ୍କୁ ଫେଭରିଟ୍ ଭାବରେ ବିବେଚନା କରାଯାଉଥିଲା।ତେବେ ଚଳିତ ବର୍ଷ ଅଂଶଗ୍ରହଣ କରୁଥିବା ଖେଳାଳିଙ୍କ ପ୍ରଦର୍ଶନ ଉପରେ ନଜର ରଖି ୨୫ ପଦକର ଭବିଷ୍ୟବାଣୀ କରିଥିବା କହିଛନ୍ତି



ଦେବେନ୍ଦ୍ର।ଆସନ୍ତା ଅଗଷ୍ଟ ୨୮ ତାରିଖରୁ ପାରାଲିମ୍ପିକ୍ସ ଆରମ୍ଭ ହେବାକୁ ଯାଉଛି। ଭାରତ ଟୋକିଓରେ ୧୯ଟି ପଦକ ହାସଲ କରିଥିବା ବେଳେ ପାରା ଏସିଅନ୍ ଗେମ୍ସରେ ୧୧୧ ପଦକ ହାସଲ କରିଥିଲା ଭାରତ। ଏହାର ପାରାଲିମ୍ପିକ୍ସ ଇତିହାସରେ ସର୍ବବୃହତ ଦଳ ପ୍ରେରଣ କରିଥିବା ବେଳେ ଅତିକମ୍‌ରେ ୨୫ ପଦକ ଜିତିବ ବୋଲି ଡବଲ୍ ପାରାଲିମ୍ପିକ୍ସ ସ୍ୱର୍ଣ୍ଣ ବିଜେତା ଦେବେନ୍ଦ୍ର ଝାଝରିଆ ପ୍ରକାଶ କରିଛନ୍ତି। ଭାରତ ସମୁଦାୟ ୧୨ଟି କ୍ରୀଡ଼ା ଇଭେଣ୍ଟରେ ଅଂଶଗ୍ରହଣ କରିବ।

ଭାରତୀୟ ଆଥ୍ଲେଟମାନେ ଚମତ୍କାର ଫର୍ମରେ ରହିଛନ୍ତି। ପାରାଲିମ୍ପିକ୍ସ ପାଇଁ ସମସ୍ତ ଆଥ୍ଲେଟଙ୍କ ପ୍ରସ୍ତୁତି ମଧ୍ୟ ଶୀର୍ଷସ୍ତରୀୟ ରହିଛି ବୋଲି ଝାଝରିଆ କହିଛନ୍ତି। ଏହି ଖେଳାଳିମାନେ ଭାରତକୁ ଗର୍ବିତ କରିବା ପାଇଁ ପ୍ରସ୍ତୁତ ବୋଲି ସେ କହିଛନ୍ତି। ଭାରତୀୟ ଦଳରେ ଯୁବ ଏବଂ ବରିଷ୍ଠମାନଙ୍କର ଏକ ଚମତ୍କାର ସମନ୍ୱୟ ରହିଛି ୩୯ ବର୍ଷୀୟ ଅମିତ ସରୋହା। ଏହି ଦଳର ସବୁଠାରୁ ବରିଷ୍ଠ ଖେଳାଳି ଥିବା ବେଳେ ୧୭ ବର୍ଷିଅ ବିସ୍ମୟୀ ବାଳିକା ତୀରନ୍ଦାଜ ଶୀତଲ ଦେବୀ ସର୍ବକନିଷ୍ଠ ଖେଳାଳି ରହିଛନ୍ତି। ହାତ ବଦଳରେ ପାଦର ବ୍ୟବହାର କରି ତୀରନ୍ଦାଜୀ କରୁଥିବା ଜମ୍ମୁ-କଶ୍ମୀରର ଶୀତଲ ଚଳିତ ଏସିଆନ ପାରା ଗେମ୍ସରେ ସ୍ୱର୍ଣ୍ଣ ପଦକ ଜିତିଥିଲେ। ଅମିତ ଚତୁର୍ଥ ଥର ପାଇଁ ଅଲିମ୍ପିକ୍ସରେ ଅଂଶଗ୍ରହଣ କରୁଥିବା ବେଳେ ଶୀତଲଙ୍କର ଏହା ପ୍ରଥମ ଅଲିମ୍ପିକ୍ସ।

ଟୋକିଓ ଅଲିମ୍ପିକ୍ସରେ ଭାରତ ୫୬ ଜଣିଅ ଦଳ ପ୍ରେରଣ କରିଥିବା ବେଳେ ଚଳିତ ବର୍ଷ ଏହି ସଂଖ୍ୟା ବୃଦ୍ଧି ପାଇ ୮୪ରେ ପହଞ୍ଚିଛି।ପ୍ରଥମ ଥର ପାଇଁ ଭାରତ ବ୍ଲାଇଣ୍ଡ ଜୁଡୋ, ପାରା ସେଲିଂ ଓ ପାରା ସାଇକ୍ଲିଙ୍ଗ ପରି ଇଭେଣ୍ଟରେ ଅଂଶଗ୍ରହଣ କରିବାକୁ ଯାଉଛି।

# ୟୁଥ୍ ଅଲିମ୍ପିକ୍ସରେ ସାମିଲ ହେବ କ୍ରିକେଟ

ନୂଆଦିଲ୍ଲୀ, ୧୮।୮: କ୍ରିକେଟ ପ୍ରେମୀଙ୍କ ପାଇଁ ଖୁସି ଖବର। ଆଗକୁ ୟୁଥ୍ ଅଲିମ୍ପିକ୍ସରେ କ୍ରିକେଟକୁ ସାମିଲ କରିବା ପାଇଁ ଅନ୍ତର୍ଜାତୀୟ କ୍ରିକେଟ କାଉନ୍‌ସିଲ(ଆଇସିସି) ଯୋଜନା କରୁଥିବା ଜଣାପଡିଛି। ଆମେରିକାର ଲସ ଏଞ୍ଜେଲ୍ସରେ ହେବାକୁ ଥିବା ଅଲିମ୍ପିକ୍ସରେ କ୍ରିକେଟ ସାମିଲ ହେଉଛି। ପ୍ରଥମ ଥର ପାଇଁ କ୍ରିକେଟ




ଅଲିମ୍ପିକ୍ସର ଅଂଶ ହେବାକୁ ଯାଉଛି। ଅନ୍ୟ ପକ୍ଷରେ ମୁମ୍ବାଇରେ ୨୦୩୦ ମସିହାରେ ମୁମ୍ବାଇରେ ଖେଳା ଯିବାକୁ ଥିବା ୟୁଥ୍ ଅଲିମ୍ପିକ୍ସରେ କ୍ରିକେଟକୁ ସାମିଲ କରିବା ପାଇଁ ଆଇସିସି ପ୍ରସ୍ତାବ ଦେଇଥିବା ଜଣାପଡିଛି।ଶନିବାର ଆଇସିସି ପକ୍ଷରୁ ଅନ୍ତର୍ଜାତୀୟ ଅଲିମ୍ପିକ୍ସ କମିଟି(ଆଇଓସି)କୁ ବିଧିବଦ୍ଧ ଭାବରେ ପ୍ରସ୍ତାବ ଦିଆଯାଇଥିବା ଜଣାପଡିଛି। ଆଇସିସିର ଜେନେରାଲ ମ୍ୟାନେଜର ଓ୍ୱିଲିୟମ ଗ୍ଲେନରାଇଟ୍ ଏହି ଘଟଣା ସମ୍ପର୍କରେ ସ୍ପଷ୍ଟ କରିଛନ୍ତି ଭାରତ ୨୦୩୬ରେ ଅଲିମ୍ପିକ୍ସ ପାଇଁ ମଧ୍ୟ ବିଡ୍ ଦାଖଲ କରିବାକୁ ଯାଉଛି

# ଦିନିକିଆ ର୍‍ୟାଙ୍କିଙ୍ଗରେ ରୋହିତ ଦ୍ୱିତୀୟ

ନୂଆଦିଲ୍ଲୀ: ଆଇସିସି ଦିନିକିଆ। ର୍‍ୟାଙ୍କିଙ୍ଗରେ ୨ ନମ୍ବର ସ୍ଥାନରେ ପହଞ୍ଚିଯାଇଛନ୍ତି ହିଟମ୍ୟାନ ରୋହିତ ଶର୍ମା ଆଇସିସି ର୍‍ୟାଙ୍କିଙ୍ଗରେ ୩୭ ବର୍ଷୀୟ ରୋହିତ ଶର୍ମା ଏକ ବଡ଼ ସ୍ଥାନ ହାସଲ କରିଛନ୍ତି ଭାରତୀୟ ଅଧିନାୟକ କିଛି ସମୟ ପାଇଁ ବହୁତ ଭଲ ଫର୍ମରେ ଖେଳୁଛନ୍ତି । ନିକଟରେ ଶ୍ରୀଲଙ୍କା ବିପକ୍ଷରେ ଖେଳାଯାଇଥିବା ଏକଦିବସୀୟ ସିରିଜରେ ରୋହିତ ମଧ୍ୟ ଭଲ ଇନିଂସ ଖେଳିଥିଲେ, ଯେଉଁଠାରେ ବାକି ଭାରତୀୟ ବ୍ୟାଟ୍ସମ୍ୟାନ୍ ସଂଘର୍ଷ କରୁଥିବା ଦେଖିବାକୁ ମିଳିଥିଲା। ଆପଣଙ୍କୁ କହିରଖୁଛୁ ଯେ ଶ୍ରୀଲଙ୍କା ବିପକ୍ଷରେ ଖେଳାଯାଇଥିବା ତିନି ମ୍ୟାଚ୍ ବିଶିଷ୍ଟ ଦିନିକିଆ। ସିରିଜର ପ୍ରଥମ ମ୍ୟାଚରେ ରୋହିତ ଶର୍ମା ୫୮ ରନର ଇନିଂସ ଖେଳିଥିଲେ। ତାପରେ ଦ୍ୱିତୀୟ ଦିନିକିଆରେ ସେ ୬୪ ରନ୍ ସଂଗ୍ରହ କରିଥିଲେ।

ଏହା ପରେ ସିରିଜର ତୃତୀୟ ତଥା ଶେଷ ଦିନିକିଆରେ ଭାରତୀୟ ଅଧିନାୟକ ୩୫ ରନ୍ ସଂଗ୍ରହ କରିଥିଲେ। ବିରାଟ କୋହଲିଙ୍କଠାରୁ ଆରମ୍ଭ କରି ଏହି ସିରିଜରେ ଅନ୍ୟ ସମସ୍ତ ଭାରତୀୟ ବ୍ୟାଟ୍ସମ୍ୟାନ୍ ସଂଘର୍ଷ କରୁଥିବା ଦେଖିବାକୁ ମିଳିଥିଲା, କିନ୍ତୁ ରୋହିତ ଆଶ୍ଚର୍ଯ୍ୟଜନକ ଇନିଂସ ପ୍ରଦର୍ଶନ କରିଥିଲେ। ଆଇସିସି ଦିନିକିଆ। ର୍‍ୟାଙ୍କିଙ୍ଗରେ ପାକିସ୍ତାନ ଅଧିନାୟକ ବାବର ଆଜମ ଶୀର୍ଷରେ ଅଛନ୍ତି। ବାବର ୮୨୪ ରେଟିଂ ସହିତ ପ୍ରଥମ ସ୍ଥାନରେ ଥିବାବେଳେ ରୋହିତ ଶର୍ମା ୭୬୫ ରେଟିଂ ସହିତ ଦ୍ୱିତୀୟ ସ୍ଥାନରେ ଅଛନ୍ତି। ଶୁଭମନ ଗିଲ ତୃତୀୟ ସ୍ଥାନରେ ଏବଂ ବିରାଟ କୋହଲି ର୍‍ୟାଙ୍କିଙ୍ଗରେ ଚତୁର୍ଥ ସ୍ଥାନରେ ଅଛନ୍ତି। ଗିଲଙ୍କର ରେଟିଂ ୭୬୩ ଏବଂ କୋହଲିଙ୍କ ରେଟିଂ ୭୪୬ ରହିଛି। ଏହାପୂର୍ବରୁ ହିଟମ୍ୟାନ ତୃତୀୟ ସ୍ଥାନରେ ଥିଲେ। ସୂଚନାଯୋଗ୍ୟ ଯେ ରୋହିତ ଶର୍ମା ଏପର୍ଯ୍ୟନ୍ତ ୨୬୫ଟି ଦିନିକିଆ। ମ୍ୟାଚ୍ ଖେଳିଛନ୍ତି ଏହି ମ୍ୟାଚଗୁଡିକରେ ସେ ୧୦୮୬୬ ରନ୍ ସଂଗ୍ରହ କରିଛନ୍ତି । ଏହି ଅବଧି ମଧ୍ୟରେ, ହିଟମ୍ୟାନ୍ ୩୧ ଶତକ ଏବଂ ୫୭ଟି ଅର୍ଦ୍ଧଶତକ ହାସଲ କରିଛନ୍ତି ।

# ମହିଳା ଖେଳାଳିଙ୍କୁ ପ୍ରଶଂସା କଲେ ସଚିନ

ମୁମ୍ବାଇ, ୧୮।୮: ଭାରତୀୟ କ୍ରିକେଟ୍ ଟିମ୍‌ର ଅଲିଭା ନାମ ସଚିନ ତେନ୍ଦୁଲକର୍ ସ୍ୱାଧୀନତର ଦିବସ ଅବସରରେ ଭାରତୀୟ ମହିଳା ଖେଳାଳିଙ୍କ ଉପରେ ଏକ ଟିପ୍ପଣୀ ଦେଇଛନ୍ତି। ସେ କହିଛନ୍ତି କି ଭାରତୀୟ ମହିଳା ଖେଳାଳିମାନେ ଦେଶର ଟେକ ରଖିଛନ୍ତି । ଏହା ସହିତ ସେ ଭିନେଶ ଫୋଗଟରୁ ନେଇ ମନୁ ଭାକରଙ୍କ ନାମ ଉଲ୍ଲେଖ କରିଛନ୍ତି। କ୍ରିକେଟ୍ ଦୁନିଆର ଭଗବାନ ବୋଲି କୁହାଯାଉଥିବା ସଚିନ କହିଛନ୍ତି ଯେ ଭାରତୀୟ ମହିଳା ଖେଳାଳିମାନେ ସେମାନଙ୍କର ଚମତ୍କାର ପ୍ରଦର୍ଶନ କରି ଦେଶର ଟେକ ରଖିଛନ୍ତି। ସେ କରିଥିବା ଏକ ସୋସିଆଲ୍ ମିଡିଆ। ପୋଷ୍ଟରେ ସୁଟର୍ ମନୁ ଭାକରଙ୍କ ଯୋଡ଼ା ପଦକରୁ ପ୍ରଶଂସା ଆରମ୍ଭ କରିଛନ୍ତି। ସଚିନ ତାଙ୍କ ପୋଷ୍ଟରେ ଲେଖିଛନ୍ତି, ଯେବେ ମନୁ ଦୁଇଟି ଅଲଗା ଅଲଗା ଶ୍ରେଣୀରେ ଦୁଇଟି ପଦକ ଜିତିଲେ ତ ଆମ ଦେଶର ଛାତି ଗର୍ବରେ ଫୁଲି ଉଠିଲା। ଏହା ସହ ଦୁଇ ରେକର୍ଡ ବି ବନାଇଛନ୍ତି। ସେ ଅଲମ୍ପିକ୍ସରେ ପଦକ ଜିତବାରେ ପ୍ରଥମ ଭାରତୀୟ ମହିଳା ଓ ଅଲମ୍ପିକ୍ସରେ ଯୋଡ଼ା ପଦକ ଜିତିବାରେ ପ୍ରଥମ ଭାରତୀୟ ହୋଇପାରିଛନ୍ତି। ଏହା ବ୍ୟତୀତ ସଚିନ ମହିଳା ଖେଳାଳି ଭିନେଶ ଫୋଗଟ, ନିଶା ଦହିଆଙ୍କ ନାମ ବିତାଙ୍କ ପୋଷ୍ଟରେ ଉଲ୍ଲେଖ କରିଛନ୍ତି।

# ପ୍ରଦର୍ଶନୀ କ୍ରିକେଟ ମ୍ୟାଚରେ ଜିଲ୍ଲା ପ୍ରଶାସନ ବିଜୟୀ

ପୁରୀ, ୧୮।୮: ପୁରୀ ଜିଲ୍ଲା ସ୍ତରୀୟ ୭୮ ତମ ସ୍ୱାଧୀନତା ଦିବସ ଅବସରର ଏକ ପ୍ରଦର୍ଶନୀ କ୍ରିକେଟ ମ୍ୟାଚ ଶ୍ରୀଜଗନ୍ନାଥ କ୍ରିକେଟ ଷ୍ଟାଡିୟମ ଠାରେ ଆଜି ଅପରାହ୍ନ ରେ ଅନୁଷ୍ଠିତ ହୋଇଥିଲା। ପ୍ରଶାସନ ଏକାଦଶ ଓ ଗଣମାଧ୍ୟମ ଏକାଦଶ ମଧ୍ୟରେ ଅନୁଷ୍ଠିତ ଏହି ମ୍ୟାଚ ରେ ପ୍ରଥମେ ବ୍ୟାଟିଂ କରି ଜିଲ୍ଲା ପ୍ରଶାସନ ଏକାଦଶ ୮୯ ରନ କରିଥିବା ବେଳେ ଗଣମାଧ୍ୟମ ଏକାଦଶ ୬୦ ରନରେ ଅଲ ଆଉଟ ହୋଇ ଯାଇଥିଲା ପ୍ରଶାସନ ଏକାଦଶ ପକ୍ଷରୁ ଲକ୍ଷ୍ମୀଧର ଦାସ ୧୬ ରନ ଦେଇ ୫ ଟି ଉଇକେଟ ନେବା ସହ ଅପରାଜିତ ୧୩ ରନ କରି ମ୍ୟାନ ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ।



ଉତ୍କୃଷ୍ଟ ପ୍ରଦର୍ଶନ ପାଇଁ ଗଣମାଧ୍ୟମ ଏକାଦଶ ର ପ୍ରିତମ ଦାସ ଶ୍ରେଷ୍ଠ ବୋଲର, ପ୍ରଶାସନ ଏକାଦଶ ର କେଶବ ରାଓ ଶ୍ରେଷ୍ଠ ବ୍ୟାଟ୍ସ ମ୍ୟାନ, ସୁକାନ୍ତ ଦାସ ଶ୍ରେଷ୍ଠ ଫିଲ୍ଡର ଓ ଗଣମାଧ୍ୟମ ଏକାଦଶ ର ଶିବ ପ୍ରସାଦ ଦାସ ଅଲରାଉଣ୍ଡର ବିବେଚିତ ହୋଇ ଟ୍ରଫି ହାସଲ କରିଥିଲେ। ଜିଲ୍ଲା ପ୍ରଶାସନ ପକ୍ଷରୁ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ କୈଳାସ ଚନ୍ଦ୍ର ନାୟକ ବିଜେତା ଟ୍ରଫି ଓ ଗଣମାଧ୍ୟମ ଏକାଦଶ ପକ୍ଷରୁ ଅକ୍ଷୟ ମିଶ୍ର ରନର୍ସ ଅପ ଟ୍ରଫି ଗ୍ରହଣ କରିଥିଲେ। ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା, ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ନିଳମାଧବ ଭୋଇ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି, ପୁରୀ ପୌରପାଳିକା ର ନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା, ଉପଜିଲ୍ଲାପାଳ ଗୋପୀନାଥ କୁଅଁର, ଡେପୁଟି କଲେକ୍ଟର ରାକେଶ କୁମାର ପଣ୍ଡା, ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ଜିଲ୍ଲା କ୍ରିଡା ଅଧିକାରୀ ଚନ୍ଦନ କୁମାର ସାହୁ, କ୍ରୀଡା ସଂସଦର ପୂର୍ବତନ ସମ୍ପାଦକ ରବି ନାରାୟଣ ପ୍ରତିହାରୀ, ଅନ୍ୟାନ୍ୟ ଅଧିକାରୀ, ଗଣମାଧ୍ୟମ ପ୍ରତିନିଧି ପ୍ରମୁଖ ଉପସ୍ଥିତ ଥିଲେ।

# ଓ.ପି. ଜିନ୍ଦଲ କପ୍ ଫୁଟବଲ : ଜଗା ୟୁନାଇଟେଡ୍ ଚାମ୍ପିୟନ

ଅନୁଗୁଳ, ୧୮।୮: ଅନୁଗୁଳ ପିଟିସି ଗ୍ରାଉଣ୍ଡରେ ଖେଳଯାଇଥିବା ଓ.ପି ଜିନ୍ଦଲ କପ୍ ଫୁଟବଲ ଟୁର୍ଣ୍ଣାମେଂଟରେ ଜଗା ୟୁନାଇଟେଡ୍ ଭୁବନେଶ୍ୱର ଚାମ୍ପିୟନ ହୋଇଛି। ଫାଇନାଲ ମୁକାବିଲାରେ ଜଗା ୟୁନାଇଟେଡ୍, ଝାରସୁଗୁଡ଼ାର ଝାଡେଶ୍ୱର ଫୁଟବଲ୍ କ୍ଲବକୁ ପେନାଲ୍ଟି ସୁଟଆଉଟରେ ୪-୩ ଗୋଲରେ ପରାସ୍ତ କରିଛି।




ଫାଇନାଲ ମ୍ୟାଚରେ ମୁଖ୍ୟ ଅତିଥି ଭାବରେ ଢେଙ୍କାନାଳ ସାଂସଦ ରୁଦ୍ର ନାରାୟଣ ପାଣି ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥିଭାବେ ଅନୁଗୁଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ, ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା, ଅନୁଗୁଳ ମ୍ୟୁନିସିପାଲଟି ଚେୟାରମ୍ୟାନ ଶ୍ରୀ ଅକ୍ଷୟ କୁମାର ସାମନ୍ତ, ଜେଏସପିର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଦାମୋଦର ମିତ୍ତଲ, ସିଡିଓ ତଥା ଇଡି ଜିଲ୍ଲା ପରିଷଦ ହେମନ୍ତ କୁମାର ସିଂ, ଜିଲ୍ଲା କ୍ରୀଡ଼ା ଅଧିକାରୀ ଶ୍ରୀ ଅକ୍ଷୟ ସେଠ, ଏବଂ ଆଥଲେଟିକ୍ ଆସୋସିଏସନର କୋଷାଧ୍ୟକ୍ଷ ଶ୍ରୀ କିଶୋର କୁମାର କର ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ସାଂସଦ ରୁଦ୍ର ନାରାୟଣ ପାଣି ତଥା ଅନ୍ୟ ମାନ୍ୟଗଣ୍ୟ ଅତିଥିବୃନ୍ଦ, ଜେଏସପି ଫାଉଣ୍ଡେସନର ଅବଦାନ ପାଇଁ ଜେଏସପି ଅଧ୍ୟକ୍ଷ ନବୀନ ଜିନ୍ଦଲ ଏବଂ ଜେଏସପି ଫାଉଣ୍ଡେସନର ଅଧ୍ୟକ୍ଷା ଶ୍ରୀମତୀ ଶାଲୁ ଜିନ୍ଦଲଙ୍କୁ ପ୍ରଶଂସା କରିଥିଲେ ଏବଂ କ୍ରୀଡ଼ାର ବିକାଶ ତଥା ସାମାଜିକ କଲ୍ୟାଣ କାର୍ଯ୍ୟରେ ଜେଏସପିର ଯୋଗଦାନକୁ ପ୍ରଶଂସା କରିଥିଲେ।

ଉଲ୍ଲେଖନୀୟ ପ୍ରଦର୍ଶନକାରୀଙ୍କୁ ଏହି ଅବସରରେ ପୁରସ୍କାର ପ୍ରଦାନ କରାଯାଇଥିଲା ଝାରସୁଗୁଡାର ରିଙ୍କୁ ଓରାମ ଟୁର୍ନାମେଣ୍ଟର ଶ୍ରେଷ୍ଠ ଖେଳାଳି ଭାବରେ ସମ୍ମାନିତ ହୋଇଥିଲେ, ଜଗା ୟୁନାଇଟେଡ୍ ଭୁବନେଶ୍ୱରର ଶିଶିର ନାୟକ ଶ୍ରେଷ୍ଠ ଗୋଲକିପର ପୁରସ୍କାର ପାଇଥିଲେ ଏବଂ ତୋଫାନ୍ ନାୟକଙ୍କୁ ତାଙ୍କର ଉଲ୍ଲେଖନୀୟ ପ୍ରଦର୍ଶନ ପାଇଁ ମ୍ୟାନ୍ ଅଫ୍ ଦି ଫାଇନାଲ୍ ମ୍ୟାଚ୍ ଭାବରେ ସମ୍ମାନିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଯୋଗ ଦେଇ ଦାମୋଦର ମିତ୍ତଲ ଟୁର୍ଣ୍ଣାମେଣ୍ଟକୁ ଏକ ବଡ଼ ସଫଳତା ଦେବାରେ ଜଡିତ ସମସ୍ତଙ୍କୁ କୃତଜ୍ଞତା ଜଣାଇଥିଲେ ସମ୍ପ୍ରଦାୟର ସେବା ପାଇଁ ସେ ଜେଏସପିର ପ୍ରତିବଦ୍ଧତା ଉପରେ ଗୁରୁତ୍ୱାରୋପ କରିଥିଲେ ଏବଂ ସ୍ଥାନୀୟ କ୍ରୀଡ଼ା ପ୍ରତିଭାକୁ ଉତ୍ସାହିତ କରିବା ପାଇଁ ଫାଉଣ୍ଡେସନର ପ୍ରାଥମିକତା ଉପରେ ଆଲୋକପାତ କରିଥିଲେ। ଫାଇନାଲ୍ ମ୍ୟାଚରେ ଶିବ ଶଙ୍କର ପଣ୍ଡା, ଦିଲୀପ କୁମାର ରାଉତ, ଆଲୋକ ଦେହୁରୀ ଏବଂ ଭଲେଶ୍ୱର ଘଡାଇ ରେଫେରି ଭାବେ ମ୍ୟାଚ ପରିଚାଳନା କରିଥିଲେ।

ଜିଏମ-ସିଏସଆର ଜୟନ୍ତ କୁମାର ମହାନ୍ତି ଏବଂ ତାଙ୍କ ଦଳ ଜିଲ୍ଲା କ୍ରୀଡ଼ା ପ୍ରାଧିକରଣ ଅନୁଗୁଳର ସହଯୋଗରେ ଏହି ଟୁର୍ନାମେଣ୍ଟକୁ ସଫଳତାର ସହ ଆୟୋଜନ କରିଥିଲେ ୧୨ ଦିନ ଧରି ଚାଲିଥିବା ଏହି ଟୁର୍ଣ୍ଣାମେଂଟରେ ରାଜ୍ୟର ବିଭିନ୍ନ ଜିଲ୍ଲାରୁ ୧୨ଟି ଦଳ ସମ୍ମାନଜନକ ଓ.ପି ଜିନ୍ଦଲ ଟ୍ରଫି ପାଇଁ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ।

# ୧୫ ଟଙ୍କାରେ ପାକିସ୍ତାନ-ବାଂଲାଦେଶ ମ୍ୟାଚ୍ ଟିକେଟ୍ !

କୋଲକାତା: ବାଂଲାଦେଶ କ୍ରିକେଟ୍ ଦଳ ଆଜିକାଲି ପାକିସ୍ତାନ ଗସ୍ତରେ ଅଛି ଦୁଇ ଦଳ ମଧ୍ୟରେ ଟେଷ୍ଟ ସିରିଜ୍ ଖେଳାଯିବ। ବର୍ତ୍ତମାନ ଏହି ଟେଷ୍ଟ ସିରିଜ୍ ପାଇଁ ମ୍ୟାଚ୍ ଟିକେଟ୍ ମୂଲ୍ୟ ଜାଣି ସମସ୍ତେ ଆଶ୍ଚର୍ଯ୍ୟ ହୋଇଯାଇଛନ୍ତି। ସୋସିଆଲ ମିଡିଆରେ ମଧ୍ୟ ଏ ବିଷୟରେ ଅନେକ ଆଲୋଚନା ଚାଲିଛି ।ଏହି ଖବର ଭାଇରାଲ ହେବାରେ ଲାଗିଛି ବାସ୍ତବରେ ଟେଷ୍ଟ ମ୍ୟାଚ୍ ପାଇଁ ଟିକେଟ୍ ଅନଲାଇନ୍ ବୁକିଂ ୧୩ ଅଗଷ୍ଟରୁ ଆରମ୍ଭ ହୋଇଛି କିଛି ଟିକେଟ୍ ମୂଲ୍ୟ ଏତେ କମ୍ ରହିଛି। ଏହା ଏନେଇ ସମସ୍ତେ ଆଶ୍ଚର୍ଯ୍ୟ ହୋଇଯାଇଛନ୍ତି ।୧୬ ଅଗଷ୍ଟରୁ ବ୍ୟକ୍ତିଗତ ଭାବେ ଟିକେଟ ଅଫ୍‌ଲାଇନ୍‌ରେ ବିକ୍ରି ହେବ।




ସୋମବାର ପାକିସ୍ତାନ କ୍ରିକେଟ୍ ବୋର୍ଡ ବାଂଲାଦେଶ ସହ ଟେଷ୍ଟ ସିରିଜ୍ ମ୍ୟାଚ୍ ପାଇଁ ଟିକେଟ୍ ମୂଲ୍ୟ ଘୋଷଣା କରିଛି। ବୋର୍ଡ ଅନୁଯାୟୀ କିଛି ଟିକେଟ୍ ମୂଲ୍ୟ ବହୁ କମ୍ ଟଙ୍କା ରହିଛ। ଏହି ସିରିଜର ମ୍ୟାଚ୍ ପାଇଁ ଟିକେଟ୍ ମୂଲ୍ୟ ହେଉଛି ୫୦ ପିକେଆର ଅର୍ଥାତ ଭାରତୀୟ ମୁଦ୍ରାରେ ଅନୁଯାୟୀ ଏହା ମାତ୍ର ୧୫ ଟଙ୍କା। ଏହା ବ୍ୟତୀତ ଦର୍ଶକଙ୍କ ସୁବିଧା ପାଇଁ ସେମାନଙ୍କୁ ଏକ ସ୍ୱତନ୍ତ୍ର ପାସ୍ ମଧ୍ୟ ଦିଆଯାଉଛି। ଯଦି ପାଞ୍ଚ ଦିନିଆ। ମ୍ୟାଚ୍ ୨ କିମ୍ବା ୩ ଦିନରେ ଶେଷ ହୁଏ, ତେବେ ସେମାନେ ଏଥିପାଇଁ କିଛି ଟଙ୍କା ମଧ୍ୟ ପାଇବେ। ଯଦି ଜଣେ ଦର୍ଶକ ପାଞ୍ଚ ଦିନିଆ। ଟେଷ୍ଟ ମ୍ୟାଚ୍ ପାଇଁ ପାସ୍ କିଣନ୍ତି, ତେବେ ତାଙ୍କୁ ୧୫ ପ୍ରତିଶତ ପର୍ଯ୍ୟନ୍ତ ରିହାତି ମଧ୍ୟ ଦିଆଯାଉଛି।

ମ୍ୟାଚ୍ ଟିକେଟ୍‌ର ଏତେ କମ୍ ମୂଲ୍ୟ ଦେଖି ସୋସିଆଲ ମିଡିଆରେ ପ୍ରଶଂସକଙ୍କ ମଜାଳିଆ। ପ୍ରତିକ୍ରିୟା ମଧ୍ୟ ଆସୁଛି।ଜଣେ ୟୁଜରଲେଖିଛନ୍ତି ଯେ ସୁବିଧା ବହୁତ ଭଲ। ଅନ୍ୟ ଜଣେ ୟୁଜର ମନ୍ତବ୍ୟ ଦେଇଛନ୍ତି ଯେ କରାଚିରେ ଗ୍ରାଉଣ୍ଡ ବାହାରେ ଏକ ଷ୍ଟଲ୍ ସ୍ଥାପନ କରାଯାଇଛି।ଆସନ୍ତୁ ସେଠାରେ ଟିକେଟ୍ କିଣନ୍ତୁ। ସୂଚନାଯୋଗ୍ୟ, ଏହି ଟେଷ୍ଟ ସିରିଜ୍ ୨୧ଅଗଷ୍ଟରୁ ଆରମ୍ଭ ହେଉଛି ପ୍ରଥମ ଟେଷ୍ଟ ମ୍ୟାଚ୍ କରାଚିରେ ଖେଳାଯିବ।

Printed & Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 & Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ